

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-88 ◆SUNDAY ◆21 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୮ ◆ରବିବାର ◆୨୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ୨ ହଜାର ଟଙ୍କାରେ ଆଇଏଏସ-ଆଇପିଏସ ଯୋଡ଼ିଙ୍କ ବିବାହ

■ **ଜୟପୁର, ୨୦।୯ (ଏଜେନ୍ସି):** ବିବାହକୁ ସ୍ମରଣୀୟ କରିବା ପାଇଁ ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରଥାନ୍ତି । ଅନେକ ଅତିଥିଙ୍କୁ ଡାକି ବଡ଼ ଭୋଜି ଦେଇଥାନ୍ତି । ଯାକ ଯମକରେ ସାଜସଜା କରିଥାନ୍ତି । କିନ୍ତୁ ଆଇଏଏସ୍ ଯୁବରାଜ ମର୍ମାତ ଏବଂ ଆଇପିଏସ୍ ପି.ମୌନିକା କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଛି । ଏହି ୟୁପିଏସ୍‌ସି ଦମ୍ପତି ନିରାଡ଼ମ୍ବର ବିବାହ କରି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି । ଉଭୟେ ମାତ୍ର ୨ ହଜାର ଟଙ୍କା ଖର୍ଚ୍ଚ କରି କୋର୍ଟରେ ବିବାହ କରିଛନ୍ତି । ଏପରି କରି



ସେମା ।।ନେ ଦୀର୍ଘ ଦିନ ହେଲା ଚାଲି ଆସୁଥିବା ପ୍ରଥାକୁ ଭାଙ୍ଗି ଦେଇଛନ୍ତି । ଉଭୟଙ୍କ ଏହି ବିବାହ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟି ଯାଇଛି । ସୂଚନା ଅନୁଯାୟୀ ଉଭୟେ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷା ପାସ୍ କରିଥିଲେ । ଏହାର ଦୁଇ ବର୍ଷ ପରେ ୨୦୨୩ରେ ବିନା ବ୍ୟାଣ୍ଡବାଜାରେ ଅତି ସାଧାରଣ ଭାବେ ବିବାହ କରିଥିଲେ । ଏଥିରେ ପରିବାର ସଦସ୍ୟ, ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀ ସାମିଲ ହୋଇଥିଲେ । ରାଜସ୍ଥାନ ଗଙ୍ଗାନଗରର ଯୁବରାଜ ସିଭିଲ ▶ପୃଷ୍ଠା-୭

## ପୋଷି ନ ପାରିଲେ ଏକାଧିକ ବିବାହ କରନି: ହାଇକୋର୍ଟ

■ **ତିରୁଅନନ୍ତପୁରମ, ୨୦।୯ (ଏଜେନ୍ସି):** ପତ୍ନୀଙ୍କୁ ପୋଷିବାକୁ କ୍ଷମତା ନ ଥିଲେ ଦୁଇ ତିନି ବିବାହ କାହିଁକି କରୁଛ । ସକ୍ଷମ ହୋଇ ନ ଥିଲେ କୌଣସି ମୁସଲମାନ ବ୍ୟକ୍ତିଙ୍କୁ ଏକାଧିକ ବିବାହ କରିବାକୁ ଅନୁମତି ଦିଆଯିବ ନାହିଁ । ଇସ୍‌ଲାମ ଧର୍ମରେ ମଧ୍ୟ ଏନେଇ ଅନୁମତି ଦିଆଯାଉ ନାହିଁ । ଜଣେ ମୁସଲମାନ ଭିକାରୀଙ୍କ ଦ୍ୱିତୀୟ ପତ୍ନୀ ଦାଏର କରିଥିବା ଆବେଦନର ଶୁଣାଣି କରି କେରଳ ହାଇକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । ଆବେଦନରେ ଦ୍ୱିତୀୟ ପତ୍ନୀଙ୍କୁ ସ୍ୱାମୀଙ୍କଠାରୁ ମାସକୁ ୧୦ ହଜାର ଟଙ୍କା କ୍ଷତିପୂରଣ ମାଗିଥିଲେ । ଏହି ମାମଲା ପେରିଥଲମନ୍ନା ଅଞ୍ଚଳର । ୩୯ ବର୍ଷୀୟ ମହିଳା ନିଜ ଅନ୍ଧ ସ୍ୱାମୀଙ୍କ ବିରୋଧରେ କୋର୍ଟ ଯାଇଥିଲେ । ସେ କହିଥିଲେ ଯେ ସ୍ୱାମୀ ମାସକୁ ୨୫ ହଜାର ଟଙ୍କା ଆୟ କରୁଛନ୍ତି । ସେଥିପାଇଁ ଭରଣପୋଷଣ ବାବଦକୁ ୧୦ ହଜାର ଟଙ୍କା ମାଗିଛି । ଏବେ ସେ ପ୍ରଥମ ପତ୍ନୀଙ୍କ ସହ ରହୁଛନ୍ତି । ଆଗକୁ ତୃତୀୟ ବିବାହ କରିବେ ବୋଲି ଧମକ ମଧ୍ୟ ଦେଉଛନ୍ତି । ଏହାର ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଭିକାରୀ ସ୍ୱାମୀଙ୍କୁ ଭରଣପୋଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ । କିନ୍ତୁ ରାଜ୍ୟ ସରକାର ଏହି ମାମଲାରେ ଦଖଲ ଦେଇ ଉଭୟଙ୍କୁ ପତ୍ନୀଙ୍କ ସହାୟତା କରନ୍ତୁ । ନିରାଶ୍ରୟ ପତ୍ନୀଙ୍କୁ ରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ । ନାଗରିକ ଭିକ ନ ମାଗିବାକୁ ସରକାର ସୁନିଶ୍ଚିତ କରନ୍ତୁ । ଏହା କହି କୋର୍ଟ ମହିଳାଙ୍କ ଆବେଦନ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଶିକ୍ଷା ଏବଂ ପ୍ରଥାଗତ ଆଇନର ଜ୍ଞାନ ନ ଥିବାରୁ ମୁସଲିମ ସମାଜରେ ▶ପୃଷ୍ଠା-୭

### ଭାରତୀୟଙ୍କୁ ଟ୍ରମ୍ପଙ୍କ ଆଉ ଏକ ଝଟ୍‌କା

# ଶୁଳ୍କ ପରେ ଭିସା ବୋମା

■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଜକୁ ଭାରତର ବନ୍ଧୁ ବୋଲି ଦାବି କରୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ ପାଇଁ ସମସ୍ୟା ବଢ଼ାଇବାରେ ଲାଗିଛନ୍ତି । ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରି ଭାରତର ରପ୍ତାନୀ ଶିଳ୍ପକୁ ସଙ୍କଟ ଭିତରକୁ ଠେଲିଦେଇଥିବା ଟ୍ରମ୍ପ ଆଜି ଆଉ ଏକ ଆଦେଶନାମା ଜାରି କରିଛନ୍ତି । ଏଥିରେ ଏଚ୍-୧ବି ଭିସାର ବାର୍ଷିକ ଫି' ଏକ ଲକ୍ଷ ଡଲାର ବା ୮୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରତିବର୍ଷ ଚାକିରି ପାଇଁ ଆମେରିକା ଯାଉଥିବା ଭାରତୀୟ ଇଞ୍ଜିନିୟର, ଡାକ୍ତର ଓ ବୈଜ୍ଞାନିକଙ୍କ ଭଳି ପ୍ରଫେସନାଲ ଏହଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେବେ । ଭାରତରେ ଆଇଟି ଶିଳ୍ପ ଏବେ ଘୋର ସଙ୍କଟ ଦେଇ ଗତି କରୁଥିବା ବେଳେ ଆମେରିକା ଯିବା ଲାଗି ସ୍ୱପ୍ନ ଦେଖୁଥିବା ଭାରତୀୟ ପ୍ରଫେସନାଲଙ୍କ ପାଇଁ ଏହା ବଡ଼ ଧରଣର ଝଟକା ହୋଇଛି । ଏବେ ଆମେରିକାରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀରେ ପ୍ରାୟ ୩ ଲକ୍ଷ ଭାରତୀୟ ଏଚ୍-୧ବି ଭିସାରେ ଚାକିରି

**ଏଚ୍-୧ବି ଭିସା ଫି' ବର୍ଷକୁ ୮୮ ଲକ୍ଷ**

**ଭାରତୀୟ ଆଇଟି ଶିଳ୍ପ ଉପରେ ଚଡ଼କ**

**ନିଷ୍ପତ୍ତିକୁ ଅମାନବୀୟ କହିଲା ଭାରତ**





କରୁଛନ୍ତି । ଟ୍ରମ୍ପଙ୍କ ନୂଆ ଘୋଷଣାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହାକୁ ମାନବିକ ସଙ୍କଟ ରୂପେ ବର୍ଣ୍ଣନା କରିଛି ।

ସୂଚନାଯାଗ୍ୟ ଯେ ଆମାଜନ, ମାଇକ୍ରୋସଫ୍ଟ, ଆପଲ୍, ଟାଟା କନସଲଟନ୍ସି ଭଳି ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀ ପ୍ରତିବର୍ଷ ପ୍ରତିବର୍ଷ ବିଭିନ୍ନ ଦେଶରୁ ହଜାର ହଜାର ପ୍ରଫେସନାଲଙ୍କୁ ନିଯୁକ୍ତି ଦିଅନ୍ତି । ଏଥିରୁ ବେଶି ସୁବିଧା ମିଳୁଛି ଭାରତୀୟଙ୍କୁ । ଏଭଳି ନିଯୁକ୍ତି ଲାଗି ଯେଉଁ ଭିସା ଦିଆଯାଏ, ତାହାକୁ ଏଚ୍-୧ବି ଭିସା କୁହାଯାଏ । ଭିସା ପିଛା ବର୍ଷକୁ ୨୦୦୦ରୁ ୫ ହଜାର ଡଲାର ଦେବାକୁ ପଡୁଥିଲା । କିନ୍ତୁ ଏହି ଫି'କୁ ଟ୍ରମ୍ପ ବଢ଼ାଇ ଏକ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କା) କରିଦେଇଛନ୍ତି । ଏହି ଭିସା ତିନି ବର୍ଷ ପାଇଁ ବୈଧ । ତିନି ବର୍ଷ ପରେ ଭିସାର ନବୀକରଣ କରାଯାଇ ଏହାକୁ ଆହୁରି ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି । ଏବେ ଏଚ୍-୧ବି ଭିସା ପାଇଁ ୬ ବର୍ଷକୁ ୫.୨୮ କୋଟି ଟଙ୍କା ଦେବାକୁ ପଡ଼ିବ । ଏ ବାବଦ ଖର୍ଚ୍ଚ ପ୍ରାୟ ୫୦ ଗୁଣ ବଢ଼ିଯିବ । ଏହା ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପାଇଁ ମହଙ୍ଗା ହୋଇଯିବ । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତୀୟ ସର୍ବାଧିକ ପ୍ରଭାବିତ ହେବେ । ଆମେରିକା ପ୍ରତି ବର୍ଷ ଲଟେରୀ ମାଧ୍ୟମରେ ୮୫ ହଜାର ଏଚ୍-୧ବି ଭିସା ଜାରି କରିଥାଏ । ଗତବର୍ଷ ସର୍ବାଧିକ ୭୨ ପ୍ରତିଶତ ଭାରତୀୟ ଏହି ଭିସା ପାଇଥିଲେ । ଏବେ ଭିସା ବାବଦ ଦେୟ ବଢ଼ିଥିବାରୁ ୩ ଲକ୍ଷ ଭାରତୀୟଙ୍କ ଉପରେ ଚଡ଼କ ପଡ଼ିବ ବୋଲି କୁହାଯାଉଛି । ▶ପୃଷ୍ଠା-୭

## ମାଲାୟଲମ୍ ସୁପରଷ୍ଟାର୍ ମୋହନଲାଲଙ୍କୁ 'ଫାଲ୍‌କେ'

■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଚ୍ଛକ ଅଭିନୟ ପାଇଁ ସାରା ଦେଶରେ ସୁପ୍ରସିଦ୍ଧି ଅର୍ଜନ କରିଥିବା ମାଲାୟଲମ ସୁପରଷ୍ଟାର ମୋହନଲାଲଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ କରାଯିବ । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଶନିବାର ଏହି ଘୋଷଣା କରାଯାଇଛି । ଗତ ଚାରି ଦଶନ୍ଧି ହେଲା ସିନେ ଜଗତରେ ସକ୍ରିୟ ଥିବା ୬୫ ବର୍ଷୀୟ ମୋହନଲାଲଙ୍କୁ ୨୦୨୩ ପାଇଁ ଏହି ସମ୍ମାନ ପାଇବେ । ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଜାତୀୟ ସିନେମା ପୁରସ୍କାର ଉତ୍ସବରେ ତାଙ୍କୁ ସମ୍ମାନୀତ କରାଯିବ । ପୁରସ୍କାର ବାବଦକୁ ସ୍ୱର୍ଣ୍ଣ କମଳ ସହିତ ୧୦ ଲକ୍ଷ ଟଙ୍କା ଦିଆଯିବ । ସେ କେବଳ ମାଲାୟଲମ ନୁହେଁ, ତାମିଲ, ତେଲୁଗୁ, ହିନ୍ଦୀ ଏବଂ କନ୍ନଡ ସିନେମାରେ ମଧ୍ୟ କାମ କରିଛନ୍ତି । ୧୯୮୦ରୁ 'ମଞ୍ଜିଲ ଭିରିଞ୍ଜା ପୁକ୍କଲ'ରୁ କ୍ୟାରିୟର ଆରମ୍ଭ କରିଥିବା ମୋହନଲାଲ ୩୫୦ରୁ ଅଧିକ



ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସେ ଏକାଧାରରେ ସଫଳ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ମଧ୍ୟ । ଭାରତୀୟ ସିନେମା ପ୍ରତି ତାଙ୍କର ଅବଦାନ ଅତୁଳନୀୟ ।

ଏହି ପୁରସ୍କାର ପାଇଁ ମୋହନଲାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ସେ ପୂର୍ବରୁ ୫ ଥର ଜାତୀୟ ପୁରସ୍କାର ପାଇଥିଲେ । ଭାରତମ (୧୯୯୧) ଏବଂ ବାନପ୍ରସ୍ଥମ (୧୯୯୯) ପାଇଁ ମୋହଲାଲ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ▶ପୃଷ୍ଠା-୭

**ଥମୁନି ସାର ତାତି**

### ସ୍ୱତନ୍ତ୍ର ଆଲୋଚନା ଦାବିରେ ଅଟଳ ବିଜେଡି

## ଦ୍ୱିତୀୟ ଦିନ ବି ଗୃହ ଅଚଳ

■ **ଭୁବନେଶ୍ୱର, ୨୦।୯ (ସମିସ):** ରାଜ୍ୟରେ ସାରର ଉତ୍କଟ ଅଭାବ ଏବଂ କଳାବଜାରୀ ସମ୍ପର୍କରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିଧାନସଭା ଅଚଳ କରିଛି ବିଜେଡି । ସାର ପ୍ରସଙ୍ଗରେ ଗୃହର ସମସ୍ତ କାର୍ଯ୍ୟକ୍ରମ ବାତିଲ୍ କରି ସ୍ୱତନ୍ତ୍ର ଆଲୋଚନା ଦାବିରେ ବିଜେଡି ବିଧାୟକମାନେ ଅଡ଼ି ବସିବା ସହ ଶନିବାର ମଧ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଉଭୟ ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧରେ ବିଜେଡି ବିଧାୟକଙ୍କ ନାରାବାଜି, ହଟ୍ଟଗୋଳ କାରଣରୁ ଗୃହ ମାତ୍ର ୧୬ ମିନିଟ ଚାଲିପାରିଥିଲା । ଏହି ୧୬ ମିନିଟରେ ୧୨ ମିନିଟ ଦିବଂଗତ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥବା ବେଳେ ପ୍ରଶ୍ନକାଳ ୧ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହ ୩ ମିନିଟ ଚାଲିଥିଲା । ଯେପର୍ଯ୍ୟନ୍ତ ସାର ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇନାହିଁ, ସେଯାଏଁ ଗୃହ ଚଳାଇଦେବୁ ନାହିଁ



**ପ୍ରତିକ୍ରିୟା ରଖିଲେ ତାରା: ଆମେ ମଧ୍ୟ ଚାହୁଁଛୁ ଚାଷୀ ପ୍ରସଙ୍ଗରେ ଆଲୋଚନା ହେଉ**

**ଗୃହ ବାହାରେ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା: ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କର ଭ୍ରୂକ୍ଷେପ ନାହିଁ**

ବୋଲି ବିଜେଡି ନିଜ ଜିଦ୍‌ରେ ଅଟଳ ରହିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସୋମବାର ସକାଳ ୧୦ଟା ୩୦ ଯାଏଁ ମୁଲତବୀ ରଖିଛନ୍ତି ।

ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହରେ ପ୍ରଥମେ ବୀରମିତ୍ରପୁରର ଦିବଂଗତ ବିଧାୟକ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଶ୍ରଦ୍ଧାଞ୍ଜଳି ପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଶୁକ୍ରବାର ପରି ନାରାବାଜି ଆରମ୍ଭ କରିଥିଲେ । ବିଧାୟକମାନେ ହାତରେ ପ୍ଲାକାର୍ଡ, ପୋଷ୍ଟର ଧରି ପ୍ରବଳ ନାରାବାଜି କରିଥିବା ବେଳେ ପ୍ରଶ୍ନକାଳ ଚାଲି ପାରିନଥିଲା । ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ ହେଁ ଏହାକୁ ଭ୍ରୂକ୍ଷେପ କରିନଥିଲେ ବିଜେଡି ବିଧାୟକ । ଫଳରେ ଗୃହ ମାତ୍ର ୧୩ ମିନିଟ ଚାଲିବା ପରେ ବାଚସ୍ପତି ▶ପୃଷ୍ଠା-୭

### ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି

■ **ଭୁବନେଶ୍ୱର,୨୦।୯ (ସମିସ):** ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଦିବଂଗତ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ତିର୍କୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଷରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୃହ ମୁଲତବୀ ହେବା ▶ପୃଷ୍ଠା-୭

## ସାର ପାଇଁ ତହସିଲଦାରଙ୍କୁ ତାଲା ପକାଇଲେ ଚାଷୀ

■ **ପାଟଣାଗଡ଼, ୨୦।୯ (ସମିସ):** ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଆଜି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍‌ରେ ଚାଷୀ ଅସନ୍ତୋଷ ଦେଖାଦେଇଛି । ସାର ନପାଇ ବାରମ୍ବାର ନିରାଶ ହେଉଥିବା ଚାଷୀମାନେ ଆଜି ସୁନାମୁଦି ପାକ୍ସ କାର୍ଯ୍ୟାଳୟ ଘେରାଉ କରିବା ସହ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ, କୃଷି ଅଧିକାରିଣୀ ରାଜେଶ୍ୱରୀ ଭୋଇ, ଏଆରସିଏସ୍ ପାଟଣାଗଡ଼ ଓ ପାକ୍ସ ସମ୍ପାଦକ ମୌସମ ବେହେରାଙ୍କୁ ଅଫିସ୍‌ରେ ତାଲା ପକାଇ ୩ଘଣ୍ଟା ଅଟକ ରଖିଛନ୍ତି । ତେବେ ପାଟଣାଗଡ଼ ପୁଲିସ୍ ସଦଳବଳେ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ପରେ ପୁଲିସ୍ ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଉଦ୍ଧାର କରିଥିଲା ।

ସୂଚନାନୁଯାୟୀ, ସୁନାମୁଦି ପାକ୍ସରେ ଚାଷୀଙ୍କୁ ୟୁରିଆ ସାର ମିଳୁନି । ଏନେଇ ଚାଷୀମାନେ ପାକ୍ସ ସମ୍ପାଦକ ମୌସମ ବେହେରାଙ୍କୁ ବାରମ୍ବାର ପଚାରି ଆସୁଥିଲେ



**୩ ଘଣ୍ଟା ପରେ ଉଦ୍ଧାର କଲା ପୁଲିସ**

ହେଁ ପ୍ରତିଥର ନିରାଶ ହେଉଥିଲେ । ତେବେ, ଏପ୍ରିଲରେ ଆସିଥିବା ୩ ଶହ ବସ୍ତା ୟୁରିଆ ପ୍ରକୃତ ଚାଷୀଙ୍କୁ ବଣ୍ଟନ କରାଯାଇ ନଥିବା ଚାଷୀ ଅଭିଯୋଗ ଆଣିଥିଲେ । ଶନିବାର ଘୁନଘୁଟିପାଲି, ଦେଉଲଗାଁ, ସୁନାମୁଦି, କଳାଙ୍ଗପାଲି ସହ ଅନ୍ୟାନ୍ୟ ଗ୍ରାମର ବହୁ ଚାଷୀ ପାକ୍ସ ସମ୍ମୁଖରେ ସକାଳ ୮ଟାରେ ପହଞ୍ଚିଥିଲେ । ସାର ନ ମିଳିବାରୁ ସେମାନେ ସରକାରବିରୋଧୀ ନାରା ଦେବା ସହ ପାକ୍ସ ସମ୍ମୁଖରେ ଆନ୍ଦୋଳନ କରିଥିଲେ । ପୂର୍ବରୁ ପାକ୍ସକୁ ଆସିଥିବା ୟୁରିଆ ସାର କେଉଁ କେଉଁ ଚାଷୀଙ୍କୁ ଦିଆଯାଇଛି, ତାହାର ହିସାବ ମାଗିଥିଲେ । ପାକ୍ସ ସମ୍ପାଦକ ଶ୍ରୀ ବେହେରା କିନ୍ତୁ ହିସାବ ଦେଖାଯାଇପାରିବ ନାହିଁ ବୋଲି କହିବାରୁ ଚାଷୀ ଆହୁରି ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ । ଉତ୍ତେଜନା ବଢ଼ିବାରୁ ଖବର ପାଇ ପାଟଣାଗଡ଼ ଏଆରସିଏସ୍, ବ୍ଲକ୍ କୃଷି ଅଧିକାରୀ, ତହସିଲଦାର ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା ପାଇଁ ଉଦ୍ୟମ ▶ପୃଷ୍ଠା-୭

## ମା' ସାମ୍ନାରେ ହାଣିଦେଲେ

■ **ବଲାଙ୍ଗିର, ୨୦।୯ (ସମିସ):** ବଲାଙ୍ଗିରରେ ପାର୍ବଣ ପୂର୍ବରୁ ମୁଣ୍ଡ ଗଡ଼ିଛି । ଘର ଅଗଣାରେ ଜଣେ ଯୁବକଙ୍କୁ ଦିନ ଦ୍ୱିପହରରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି । ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ହେଲେ ବଲାଙ୍ଗିର ସହର ବରପଡ଼ାର ରାଜ ବେହେରା (୨୫) । ତାଙ୍କ ମା'ଙ୍କ ସାମ୍ନାରେ କେତେକ ଯୁବକ ହତ୍ୟା କରିଛନ୍ତି । ୩ ଜଣ ସାଙ୍ଗ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି । କେଉଁ କାରଣରୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ । ରାଜ ଘର ସାମ୍ନାରେ ଥିବା ବେଳେ ଶନିବାର ଦ୍ୱିପହରରେ ୩ ଜଣ ଯୁବକ ଆସି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ସେ ଚିତ୍କାର କରି ତାଙ୍କ ମା' ବାସନ୍ତୀଙ୍କୁ ଡାକିଥିଲେ । ବାସନ୍ତୀ ଆସି ସଂପୃକ୍ତ ଯୁବକମାନଙ୍କୁ ମନା କରିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ରାଜ୍ ମାଙ୍କୁ ବଞ୍ଚାଇବାକୁ ଆସିବା ପରେ ତାଙ୍କୁ ହତ୍ୟା କରି ସେମାନେ ଫେରାର ମାରିଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା ଆଲୋଚନା ହେଉଛି । ଟାଉନ ପୁଲିସ ତନାଘନା ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ ଜଣେ ଯୁବକକୁ ଅଟକ ରଖିଛି ।



**ଚାଷୀଙ୍କ ପାଇଁ ସତର୍କ ଘଣ୍ଟି**

## ଧାନ ଚାଷକୁ 'ଲା-ନିନା' ବିପଦ

### ବାଧାପ୍ରାପ୍ତ ହେବ ଅମଳ; କମିବ ଉତ୍ପାଦର ମାନ

■ **ଭୁବନେଶ୍ୱର, ୨୦।୯ (ସମିସ):** ଲା-ନିନା ବର୍ଷ ହୋଇଥିବାରୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ହେଉଛି । ଏହା ପ୍ରଭାବରେ ବର୍ଷା, ଖରା ଓ ଶୀତରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷି କ୍ଷେତ୍ରକୁ ମାତ୍ରାଧିକ ପ୍ରଭାବିତ କରିବା ସହ ଫସଲ ଅମଳ ବାଧାପ୍ରାପ୍ତ ହେବା ନେଇ କୃଷି ବିଶେଷଜ୍ଞ ଆକଳନ କରିଛନ୍ତି । ତେଣୁ, ଏହାକୁ ଦୃଷ୍ଟିରେ ରଖି ଚାଷୀମାନେ ସଜାଗ ହେବା ସହ ସରକାର ଏ ଦିଗରେ ବ୍ୟାପକ ପଦକ୍ଷେପ ନେବା ଆବଶ୍ୟକ । ନଚେତ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଉତ୍ପାଦନରେ ହ୍ରାସ ଘଟିବ । ତେଣୁ ଫସଲ ସୁରକ୍ଷା ପାଇଁ ଚାଷୀମାନେ ଆଗୁଆ ସଚେତନ ହେବା ଜରୁରୀ । ଗାଁ, ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲାସ୍ତରରେ ଏନେଇ କୃଷି ବିଭାଗ ତରଫରୁ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ।



ସମଗ୍ର ବିଶ୍ୱର ପାଣିପାଗ ଏବେ ଲା-ନିନା ଆଡ଼କୁ ମୁହାଁଉଛି । ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଲା-ନିନା ୬୦ରୁ ୭୦ ପ୍ରତିଶତ ହେବାର ସମ୍ଭାବନା ରହିଛି । ଅକ୍ଟୋବରରୁ ନଭେମ୍ବର ଭିତରେ ଗୋଟିଏରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲଘୁଚାପ, ଅବପାତ ବା ଝଡ଼ବାତ୍ୟାରେ ଆଶଙ୍କା ରହିଛି । ଗତ ୨୪ ବର୍ଷ ଭିତରେ ୮ବର୍ଷ ଥିଲା ଲା-ନିନା ବର୍ଷ । ୨୦୧୦-୧୧, ୨୦୨୦-୨୧ରେ ନଭେମ୍ବରରେ ବର୍ଷା ଅଧିକ ହୋଇଥିଲା । ଲା-ନିନା ଡିସେମ୍ବରକୁ ପ୍ରଭାବିତ କରିନଥାଏ । ମାତ୍ର ଜାନୁଆରୀ ଓ ଫେବ୍ରୁଆରୀରେ କେତେକ ଲା-ନିନା ବର୍ଷରେ ପଶ୍ଚିମାଝଡ଼ ହେତୁ ବର୍ଷା ହୋଇଥାଏ । ଅଧିକ ପବନ ଓ ବର୍ଷା ଯୋଗୁଁ ଅମଳ ଉପଯୋଗୀ ଧାନ ଶୋଇପଡ଼ିବା ନେଇ ଆଶଙ୍କା ପ୍ରକାଶ ପାଉଛି । ଏହାଦ୍ୱାରା ପାଚିଲା ଧାନ ଝଡ଼ିବା ସହ ଗଜା ହୋଇଯିବ ବୋଲି ବିଶିଷ୍ଟ କୃଷି ଓ ▶ପୃଷ୍ଠା-୭




ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା

# ମାନହାନୀ ମାମଲାକୁ ଖାରଜ କଲେ ଆମେରିକା କୋର୍ଟ



ନ୍ୟୁୟର୍କ, ୨୦।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା ଲାଗିଛି। ସେ 'ଦ ନ୍ୟୁୟର୍କ ଟାଇମ୍ସ' ଖବର କାଗଜ ବିରୋଧରେ ୧୫୦୦ କୋଟି ଡଲାରର ମାନହାନୀ ମକଦ୍ଦମା ଦାଏର କରିଥିଲେ। କିନ୍ତୁ ଆମେରିକାର ଏକ କୋର୍ଟ ଏହାକୁ ଖାରଜ କରିଛନ୍ତି। ଦୀର୍ଘଦିନ ଧରି ମୋତେ, ମୋ ପରିବାର ଓ ବ୍ୟବସାୟକୁ ଆକ୍ଷେପ କରି ଏହି ଖବର କାଗଜ ବହୁତ ମିଥ୍ୟା ତଥ୍ୟ ଦେବା ସହ ଭିତ୍ତିହୀନ ଓ ଅମୂଳକ ଖବର ପ୍ରକାଶିତ କରୁଥିଲା ବୋଲି ଟ୍ରମ୍ପ ଅଭିଯୋଗ କରିଥିଲେ। ସେ ଫ୍ଲୋରିଡାର ମିଡିଲ ଡିଷ୍ଟ୍ରିକ୍ଟର ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟରେ ଏହି ମାନହାନୀ ମକଦ୍ଦମା ଦାଏର କରିଥିଲେ। ଆମେରିକାର ଅଧିକାଂଶ ଗଣମାଧ୍ୟମ ମୋ ବିରୋଧରେ ମିଥ୍ୟା ଖବର ପରିବେଶଣ କରିବା ସହ ମୋତେ ବଦନାମ କରିବାକୁ ବରାବର ପ୍ରୟାସ କରିଆସିଛନ୍ତି ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପ ୮୫ ପୃଷ୍ଠାର ଅଭିଯୋଗ ପତ୍ର ଦାଖଲ କରିଥିଲେ ଓ ଏହା ଫେଡେରାଲ ରୁଲ୍ ଅଫ୍ ସିଭିଲ ପ୍ରସିଡ୍ୟୁରର ଧାରା ୮ର ଉଲ୍ଲଂଘନ କରୁଛି ବୋଲି ବିଚାରପତି ଷ୍ଟିଭେନ ଡି ମେରୀଡେ କହିଛନ୍ତି। ଏହି ଅଭିଯୋଗ ତଥ୍ୟ ଉପରେ ଆଧାରିତ ହେବା ସହ ଛୋଟ ଓ ସଂକ୍ଷିପ୍ତ ହେବା ଆବଶ୍ୟକ ବୋଲି ବିଚାରପତି କହିଛନ୍ତି। ଏହି ଅଭିଯୋଗରେ ନ୍ୟାୟିକ ବୈଧତା କମ୍ ଓ ରାଜନୈତିକ ଆଭିମୁଖ୍ୟ ଅଧିକ ରହିଛି ବୋଲି ମେରୀଡେ କହିଛନ୍ତି। ସେଥିପାଇଁ ଏହି ମକଦ୍ଦମା ଗ୍ରହଣୀୟ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଜୁବେନ ଗର୍ଗଙ୍କ ମୃତ୍ୟୁ ମାମଲା

# ତଦନ୍ତ କରିବ ସିଆଇଡି



ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଜଣାଶୁଣା ଆସାମ ତଥା ବଲିଉଡ୍ ଗାୟକ ଜୁବେନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ ନେଇଛି। ସେ ହଂକଂରେ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ସେଠାରେ ସେ ସ୍କୁବା ଡାଇଭଂ କରିବା ଅବସରରେ ଦୁର୍ଘଟଣା ଶିକାର ହୋଇ ପ୍ରାଣ ହରାଇଥିଲେ। ମୃତ୍ୟୁ ପରେ ତାଙ୍କ ଫେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ ଓ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ବିରୋଧରେ ଅଭିଯୋଗ ଆସିଛି। ଫଳରେ ଆସାମ ସରକାର ତଦନ୍ତ ଦାୟିତ୍ୱ ସିଆଇଡିକୁ ହସ୍ତାନ୍ତର କରିଛି। ୫୨ ବର୍ଷୀୟ ଜୁବେନ୍‌ଙ୍କ ଅନ୍ତିମ ଭିଡିଓ ଭାଇରାଲ ହୋଇଛି। ସେ ଲାଇଫ୍ ଜ୍ୟାକେଟ ପିନ୍ଧି ପାଣିକୁ ଡେଉଁଥିବାର ଦେଖାଯାଇଛି। ଡାଇଭିଂ କରିବା ଅବସରରେ ସେ ପ୍ରାଣ ହରାଇଥିଲେ। ଏହାପରେ ତାଙ୍କୁ ପାଣିରୁ ବାହାର କରାଯାଇ ହସ୍ପିଟାଲ ନିଆଯାଥିଲା। କିନ୍ତୁ ଡାକ୍ତରଙ୍କ ଶତଚେଷ୍ଟା ବିଫଳ ହୋଇଥିଲା ଓ ଶେଷରେ ତାଙ୍କୁ ମୃତ ଘୋଷିତ କରାଯାଇଥିଲା। ସିଙ୍ଗାପୁରରେ ତାଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଲଗାତର ଏହି ମାମାଲ ଉପରେ ନଜର ରଖିଛନ୍ତି। ଏବେ ତାଙ୍କ ମୃତଦେହକୁ ଭାରତ ଅଣାଯିବ। ଜୁବେନଙ୍କ ଅନ୍ତିମ ଦର୍ଶନ ଲାଗି ତାଙ୍କ ପାର୍ଥୀବ ଶରୀରକୁ ଗୌହାଟୀର ସରୁସାଜାଇ ଷ୍ଟାଡିୟମରେ ରଖାଯିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ କୁହାଯାଇଛି। ଗ୍ୟାଙ୍ଗଷ୍ଟର ସିନେମାର 'ୟା ଅଲି', ହ୍ରିତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର 'ଦିଲ ତୁହି ବତା' ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର 'ଜାନେ କ୍ୟା ଚାହେ ମନ' ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଦିଲ୍ଲୀରେ ସ୍କୁଲକୁ ପୁଣି ବୋମା ଧମକ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଦିଲ୍ଲୀର କେତୋଟି ସ୍କୁଲକୁ ପୁଣି ବୋମା ଧମକ ମିଳିଛି। ଶନିବାର ଫୋନ୍ କଲ୍ କରି ଏହି ଧମକ ଦିଆଯାଇଥିଲା। ଡିପିଏସ୍ ଦ୍ୱାରକା, କ୍ରିଷ୍ଣା ମଡେଲ ପବ୍ଲିକ୍ ସ୍କୁଲ୍ ଓ ସର୍ବୋଦୟ ବିଦ୍ୟାଳୟକୁ ବୋମା ଧମକ ମିଳିଥିଲା। ଫଳରେ ବିଭାଗୀୟ କର୍ତ୍ତୃପକ୍ଷ ସ୍କୁଲଗୁଡ଼ିକୁ ଖାଲି କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କୁ ବାହାରକୁ ଆସିବାକୁ କୁହାଯାଇଥିଲା। ଏହାପରେ ବୋମା ନିଷ୍କ୍ରିୟକାରୀ ଦଳ ଓ ପୁଲିସ୍ ତୁରନ୍ତ ଆସି ଯାଞ୍ଚ ଆରମ୍ଭ କରିଥିଲା ପୂରା ସ୍କୁଲ ପରିସରରେ ଛାନ୍‌ଭିନ୍ କରିଥିଲା। ପରେ ଏହି ବୋମା ଧମକ ମିଥ୍ୟା ବୋଲି ଜଣାପଡ଼ିଥିଲା। ଡିପିଏସ୍ ଦ୍ୱାରକା ସ୍କୁଲରେ ଚାଲିଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କିନ୍ତୁ ଏହି ସ୍କୁଲ୍‌ଗୁଡ଼ିକରେ ସେଭଳି କୌଣସି ଆପତ୍ତିଜନକ ଜିନିଷ ଦେଖିବାକୁ ମିଳିନଥିଲା। ଦିଲ୍ଲୀ ଓ ଏନ୍‌ସିଆରରେ ଥିବା ସ୍କୁଲଗୁଡ଼ିକୁ ଗତ କିଛିମାସ ହେବ ନିୟମିତ ଭାବେ ବୋମା ଧମକ ମିଳୁଛି। ସେହିପରି ଦିଲ୍ଲୀ ହାଇକୋର୍ଟକୁ ମଧ୍ୟ ବୋମା ଧମକ ମିଳିଥିଲା।

## ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ରୁଷିଆରେ ୪ ମୃତ

ମସ୍କୋ, ୨୦।୯ (ଏଜେନ୍ସି): ରୁଷିଆର ଦକ୍ଷିଣ ପଶ୍ଚିମ ସମରା ଅଞ୍ଚଳରେ ୟୁକ୍ରେନ୍ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଭ୍ୟାଶ୍ଚେସଲାଭ ଫେଡେରିସଚେଭ ଗଭର୍ଣ୍ଣର ଶନିବାର ସୂଚନା ଦେଇଛନ୍ତି। ଗତ ରାତିରେ ଦୁଇ ଦେଶ ପରସ୍ପରକୁ ଶହଶହ ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲେ। ଏଥିରେ ଜଣେ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏହା ପୂର୍ବରୁ ରୁଷିଆ ୟୁକ୍ରେନର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ଡ୍ରୋନ୍ ଓ ମିସାଇଲ ଆକ୍ରମଣ କରିଥିଲା ଓ ଏଥିରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଡଜନେରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ ବୋଲି ୟୁକ୍ରେନର ଅଧିକାରୀମାନେ ସୂଚନା ଦେଇଛନ୍ତି। ୟୁକ୍ରେନର ୯ଟି ଅଞ୍ଚଳରେ ଆକ୍ରମଣ ହୋଇଥିଲା ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଏହି ଆକ୍ରମଣରେ ବିଭିନ୍ନ ଭିତ୍ତିଭୂମି, ସାଧାରଣ ଲୋକ ରହୁଥିବା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି।

## ମୁମ୍ବଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଉଦ୍‌ଘାଟିତ

ମୁମ୍ବଇ୨୦।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଭାବନଗରରୁ ଆଭାସୀ ଭାବେ ମୁମ୍ବଇର ଅତ୍ୟାଧୁନିକ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ସର୍ବବୃହତ କ୍ରୁଜ ଟର୍ମିନାଲ ବିବେଚିତ ହେଉଛି। ଏହାକୁ ଇନ୍ଦିରା ଡକ୍, ବେଲାର୍ଡ ପିୟର ଓ ମୁମ୍ବଇ ବନ୍ଦରରେ ନିର୍ମାଣ କରାଯାଇଛି। ଏହାର ନାମ ମୁମ୍ବଇ ଇଣ୍ଟରନ୍ୟାସନାଲ କ୍ରୁଜ୍ ଟର୍ମିନାଲ (ଏମ୍‌ଆଇସିଟି) ରଖାଯାଇଛି। ୫୫୬ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ ହୋଇଛି। ଏହାକୁ ଭାରତୀୟ କ୍ରୁଜ୍ ପର୍ଯ୍ୟଟନର ଗେଟ୍ ୱେର ମାନ୍ୟତା ହାସଲ କରିବ। ଏହାର ଛାତ ସମୁଦ୍ରର ଲହଡି ଭଳି ଡିଜାଇନ୍ କରାଯାଇଛି। ଏହା ଭାରତର କ୍ରୁଜ୍ ପର୍ଯ୍ୟଟନକୁ ଆହୁରି ଗୋଟିଏ ପାଦ ଆଗକୁ ନେବ ବୋଲି କେନ୍ଦ୍ରୀୟ ପୋତ, ନୌବାହନୀ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ଏଠାକୁ ପ୍ରତିବର୍ଷ ୧୦ ଲକ୍ଷ ପର୍ଯ୍ୟଟକ ବୁଲିବାକୁ ଆସିବେ।

# ପିଓକେ ଛାଡୁଛନ୍ତି ଆତଙ୍କବାଦୀ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ସେନାର ନିର୍ଣ୍ଣାୟକ ଅପରେସନ ସିନ୍ଦୂର ପରେ ବିଭିନ୍ନ ଆତଙ୍କବାଦୀ ସଂଗଠନ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଛାଡୁଛନ୍ତି। ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଜେଶ-ଏ- ମହମ୍ମଦ ଓ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ଖାଇବର ପଖତୁନଖ୍ୱାରେ ନିଜର ନୂଆ ଠିକଣା ସୃଷ୍ଟି କରୁଛନ୍ତି ବୋଲି ଭାରତୀୟ ପ୍ରତିରକ୍ଷା ଓ ସେନାର ସୂତ୍ରରୁ ଜଣାଯାଇଛି। ଏବେ ଏହି ସବୁ ଆତଙ୍କବାଦୀ ସଂଗଠନ ପିଓକେରେ ଅସୁରକ୍ଷିତ ମନେ କରୁଛନ୍ତି। ଖାସ୍ ଏଥିପାଇଁ ଏହି ସଂଗଠନଗୁଡ଼ିକ ଆଫଗାନିସ୍ତାନ ସୀମାରେ ଥିବା ଖାଇବର ପଖତୁନଖ୍ୱାର ପାହାଡି ଅଞ୍ଚଳରେ ସେମାନଙ୍କ ପାଇଁ ସୁରକ୍ଷିତ ଠିକଣା ଓ ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ପାକିସ୍ତାନର ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ଏହି ସଂଗଠନଗୁଡ଼ିକ ସହଯୋଗ କରୁଛନ୍ତି। କିଛି ଦିନ ତଳେ ପାକିସ୍ତାନରେ ପୁଲିସର ସୁରକ୍ଷା ବଳୟରେ ଜେଶ-ଏ- ମହମ୍ମଦ ସଭା କରିଥିଲା। ସେହିପରି ଜମିୟତ ଉଲେମା-ଏ-ଇସଲାମ ଭଳି ରାଜନୈତିକ ତଥା ଧାର୍ମିକ ସଂଗଠନ ମଧ୍ୟ ଏହାକୁ ସମର୍ଥନ କରିଥିଲା। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ଭାରତ-ପାକିସ୍ତାନ ଏସିଆକପ୍ କ୍ରିକେଟ ମ୍ୟାଚ ଅବସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ନାମରେ ସଂଗଠନଗୁଡ଼ିକ ବିଭିନ୍ନ ଆତଙ୍କବାଦୀଙ୍କୁ ନିୟୋଜିତ କରିଥିଲେ। ଉଲ୍ଲେଖଥାଉ କି, ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଜବାବ ସ୍ୱରୂପ ମେ ୭ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଓ ପାକିସ୍ତାନର ୭ଟି ସହରରେ ୯ଟି ଆତଙ୍କବାଦୀଙ୍କ ଠିକଣାକୁ ଧ୍ୱଂସ କରି ଦେଇଥିଲା।

### ଖାଇବର ପଖତୁନଖ୍ୱାରେ ଏବେ ନୂଆ ଠିକଣା

ଇତିମଧ୍ୟରେ ଗତ ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣରେ ଆତଙ୍କବାଦୀଙ୍କୁ ସହାୟତା ପ୍ରଦାନ କରିଥିବା ଅଭିଯୁକ୍ତଙ୍କ ହାଜତ ଅବଧିକୁ ବୃଦ୍ଧି କରାଯାଇଛି। ନ୍ୟାସନାନ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ)ର ଆବେଦନ କ୍ରମେ ଦୁଇ ଅଭିଯୁଙ୍କ ହାଜତ ଅବଧିକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅଭିଯୁକ୍ତଙ୍କଠାରୁ ପାକିସ୍ତାନ ଫୋନ୍ ନଂ ଥିବା ଜାଣିବାକୁ ମିଳିଥିଲା ବୋଲି ସରକାରୀ ଓକିଲ କହିଛନ୍ତି। ଅନ୍ୟପଟେ ୯୦ ଦିନ ସମୟ ମିଳିଥିଲେ ମଧ୍ୟ ଏନ୍‌ଆଇଏ ଯାଞ୍ଚ ପୂରା କରିବାରେ ବିଫଳ ହୋଇଛି ବୋଲି ପ୍ରତିପକ୍ଷ ଓକିଲ କୋର୍ଟରେ ଦଲିଲ ରଖିଥିଲେ। କିନ୍ତୁ କୋର୍ଟ ଏହି ଯୁକ୍ତିକୁ ଖାରଜ କରିଥିଲେ ଓ ଅଭିଯୋଗ ଗମ୍ଭୀର ହୋଇଥିବାରୁ ଓ ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ରହିଥିବାରୁ ହାଜତ ଅବଧିକୁ ବୃଦ୍ଧି କରାଯିବା ସପକ୍ଷରେ ରାୟ ଦେଇଥିଲେ।



# ୨୭ରେ ଅବସର ନେବ 'ମିଗ୍-୨୧'



ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ବାୟୁସେନାର ମେରୁଦଣ୍ଡ ବିବେଚିତ ହେଉଥିବା ମିଗ୍-୨୧ ଲଢୁଆ ବିମାନ ଆସନ୍ତା ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଅବସର ନେବ। ଦୀର୍ଘ ୬୨ ବର୍ଷ ହେବେ ଏହି ବିମାନ ବାୟୁସେନାର ନିରନ୍ତର ଭାବେ ସେବା କରିଆସୁଥିଲା। ଏହି ବିମାନ ୧୯୬୫ ଭାରତ- ପାକିସ୍ତାନ ଯୁଦ୍ଧ, ୧୯୭୧ ବାଂଲାଦେଶ ମୁକ୍ତି ସଂଗ୍ରାମ, ଭାରତ- ପାକିସ୍ତାନ କାରଗିଲ ଯୁଦ୍ଧ ଓ ବହୁ ମିଶନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏବେ ମିଗ୍-୨୧ ସ୍ଥାନରେ ତେଜସ ଏଲଏସି ମାର୍କ ୧ଏ ବିମାନକୁ ବାୟୁସେନାରେ ସାମିଲ କରାଯିବ। ଚଣ୍ଡିଗଡ଼ ଏୟାର ବେସ୍‌ରେ ମିଗ୍-୨୧କୁ ବିଦାୟ ଦିଆଯିବ। ଏହାପରେ ବାୟୁସେନାରେ ଏହି ବିମାନ ସେବା ଉପଲବ୍ଧ ହେବ ନାହିଁ। ୧୯୬୩ରେ ପ୍ରଥମଥର ପାଇଁ ମିଗ୍-୨୧କୁ ବାୟୁସେନାରେ ସାମିଲ କରାଯାଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଏହା ଶବ୍ଦ ତଥ ଧ୍ୱନୀର ଗତି (୩୩୨ ମିଟର ପ୍ରତି ସେକେଣ୍ଡ)ଠାରୁ ଅଧିକ ବେଗ୍‌ରେ ଗତି କରୁଥିଲା। ଏହି ଫାଇଟର ଜେଟ୍‌ର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ଟି ମିଗ୍ ବିମାନ) ରାଜସ୍ଥାନର ବିକାନେରର ନାଲ ଏୟାରବେସ୍‌ରେ ନିୟୋଜିତ ରହିଛି। ଏହି ଦୁଇଟି ସ୍କ୍ୱାଡ୍ରନକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଓ ନଂ ୨୩ ସ୍କ୍ୱାଡ୍ରନ ପାନ୍ଥର୍ସ ବୋଲି କୁହାଯାଉଛି। ଏପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ମିଗ୍-୨୧ ବିମାନ ଦୁର୍ଘଟଣାରେ ଧ୍ୱଂସ ପାଇଛି ଓ ୨୦୦ରୁ ଊର୍ଦ୍ଧ୍ୱ ପାଇଲଟ୍ ମୃତ୍ୟୁବରଣ କରିଛନ୍ତି। ଖାସ ଏହି କାରଣ ପାଇଁ ମିଗ୍-୨୧କୁ ଉଡନ୍ତା କଫିନ ଓ ୱିଡୋ ମେକର ବୋଲି କୁହାଯାଉଥିଲା। ଭାରତ ମୋଟ୍ ଉପରେ ୯୦୦ ମିଗ୍-୨୧ ଜେଟ୍ କ୍ରୟ କରିଥିଲା ଓ ଏଥିରେ ଏବେ ମାତ୍ର ୩୬ଟି ବାକି ରହିଛି। ୬୬୦ଟି ବିମାନ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ଏଚ୍‌ଏଏଲ୍) ଭାରତରେ ହିଁ ତିଆରି କରିଥିଲା। ୨୦୨୧ ମିଗ୍-୨୧ ୭ ଥର ଦୁର୍ଘଟଣା ସମ୍ମୁଖୀନ ହୋଇଛି। ବାଲାକୋଟ ଏୟାର ଷ୍ଟ୍ରାଇକ୍‌ରେ ମଧ୍ୟ ୱିଙ୍ଗ୍ କାମାଣ୍ଡର ଅଭିନନ୍ଦନଙ୍କ ମିଗ୍- ୨୧ ବିମାନ କ୍ରାସ ହୋଇଥିଲା।

### ୯୦୦ରୁ ମାତ୍ର ୩୬ଟି ବିମାନ ବାକି ରହିଛି

# ସୁରକ୍ଷାବଳ- ଆତଙ୍କବାଦୀ ଗୁଳି ବିନିମୟରେ ଜଣେ ଯବାନ ସହିଦ

ଉଧାମପୁର, ୨୦।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧାମପୁରରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି। ଶନିବାର ଏଥିରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଏସ୍‌ପିଓଙ୍କ ସମେତ ଦୁଇଜଣ ପୁଲିସକର୍ମୀ ଆହତ ହୋଇଛନ୍ତି। ଶୁକ୍ରବାରଠାରୁ ଏହି ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା। ଉଧାମପୁରର ଦୁଡୁ-ବସନ୍ତଗଡ଼ ଓ ଭଦେରୱାର ସୋଜଧାର ଜଙ୍ଗଲରେ ସେନା ଓ ସ୍ପେସିଆଲ ଅପରେସନ ଗ୍ରୁପ୍ ଓ ଆତଙ୍କବାଦୀଙ୍କ ମଧ୍ୟରେ ଚାଲିଥିବା ଏବେ ଏହି ଏନ୍‌କାଉଣ୍ଟର ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଦୁଇଜଣ ଜୈଶ ଆତଙ୍କବାଦୀ ଛପି ରହିଥିବା ଜଣାଯାଇଛି। ଏନକାଉଣ୍ଟର ଚାଲିଥିବା ଅଞ୍ଚଳରେ ଶୁକ୍ରବାର ରାତିରେ ଘେରାବନ୍ଦୀ କରାଯାଇଥିଲା ଓ ସକାଳେ ପୁଣିଥରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା। ଆକାଶରୁ ନିରୀକ୍ଷଣ କରିବା ପାଇଁ ଏହି ଅଞ୍ଚଳରେ ଡ୍ରୋନ୍, ହେଲିକପ୍ଟରର ବ୍ୟବହାର କରାଯାଉଛି। ସେହିପରି ଜଙ୍ଗଲ୍‌ରେ ଶିକାରୀ କୁକୁରଙ୍କ ସହ ଆତଙ୍କବାଦୀଙ୍କୁ ଖୋଜିବା ଜାରି ରହିଛି। ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡି କରାଯାଇଛି। ସେପଟେ କିସ୍ତୱାରରେ ମଧ୍ୟ ଆତଙ୍କବାଦୀଙ୍କୁ ଖୋଜା ଜାରି ରହିଛି। ତେଣୁ ଏଠାରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି।

## ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲେ ରାଞ୍ଚିର ଛାତ୍ର

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତର ଏକ ଛୋଟିଆ ସହରର ଛାତ୍ର ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲା। ବିଶ୍ୱାସ ନ ହେଲେ ବି ଏହା ସତ। ଝାଡଖଣ୍ଡ ରାଜଧାନୀ ରାଞ୍ଚିର ଇସଲାମନଗର ଅଞ୍ଚଳରେ ଏକ ଅଜଣା ପରିତ୍ୟକ୍ତ ସ୍ଥାନରେ ଆସାର ଦାନିସ ନାମକ ଏକ ଯୁବକ ଷ୍ଟାଫ୍ ସିଲେକସନ କମିସନ (ଏସ୍‌ଏସ୍‌ସି) ଭଳି ସରକାରୀ ଚାକିରି ପାଇଁ ପ୍ରସ୍ତୁତି ତଥା ପଢ଼ାପଢ଼ି କରୁଛନ୍ତି। କିନ୍ତୁ ସେ ପ୍ରକୃତରେ ଆଇଏସ୍‌ଏସ୍ ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲେ। ଗତ ସପ୍ତାହରେ ଦିଲ୍ଲୀ ପୁଲିସ ଏ ବିଷୟରେ ଜାଣିବାକୁ ପାଇଥିଲା। ଆଫତାବ କୁରେସି ନାମକ ଜଣେ ଆତଙ୍କବାଦୀକୁ ଜେରା କରିବା ପରେ ଏହି ସ୍ଥାନ ଉପରେ ଚଢ଼ାଉ କରି ଦାନିସକୁ ଗିରଫ କରାଯାଇଥିଲା। ବରିଷ୍ଠ ନେତା ଖାସ୍ କରି ବିଜେପି ନେତାଙ୍କୁ ଟାର୍ଗେଟ କରି ଦାନିଶ ବୋମା ତିଆରି କରୁଥିଲା। ଦାନିସକୁ ଗିରଫ କରିବା ସହ ଏହି ସ୍ଥାନରୁ ପୋଟାସିୟମ ନାଇଟ୍ରେଟ୍, ବିସ୍ଫୋରକ ଓ ବିପୁଳ ପରିମାଣର ରାସାୟନିକ ପଦାର୍ଥ ଜବତ କରିଛି। ଏଠାରେ କେବଳ ବୋମା ତିଆରି ହେଉ ନଥିଲା, ଏଠାରେ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତି ମଧ୍ୟ ଦିଆଯାଉଥିଲା। ଦାନିସକୁ ମଧ୍ୟ ଜଣେ ପାକିସ୍ତାନୀ ହ୍ୟାଣ୍ଡଲର ସାମାଜିକ ଗଣମାଧ୍ୟମ ଦ୍ୱାରା ନିଯୁକ୍ତି ଦେଇଥିଲା। ଏହି ମାମଲାରେ ଜଡ଼ିତ ଅନ୍ୟ ଲୋକଙ୍କୁ ପୁଲିସ ଖୋଜୁଛି। ପୁଲିସ ଦାନିସକୁ ଗିରଫ୍ କରିବା ସହ ଏକ ବଡ଼ ଆତଙ୍କବାଦୀ ନେଟୱର୍କ ବିଷୟରେ ଜାଣିବାକୁ ପାଇଛି।

## ବ୍ରିଟିଶ ବୃଦ୍ଧ ଦମ୍ପତିଙ୍କୁ ଛାଡ଼ିଲା ତାଲିବାନ

କାବୁଲ, ୨୦।୯ (ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ବ୍ରିଟେନର ଏକ ବୃଦ୍ଧ ଦମ୍ପତିଙ୍କୁ ତାଲିବାନ ଛାଡିଦେଇଛି। ୮୦ ବର୍ଷୀୟ ପିଟର ରିନୋଲ୍ଡ ଓ ତାଙ୍କ ପତ୍ନୀ ୭୬ ବର୍ଷୀୟା ବାରବାରାଙ୍କୁ ଗତ ଫେବୃଆରୀରେ ଗିରଫ କରାଯାଇଥିଲା। ଏବେ ଏହି ଦମ୍ପତି ଖୁସିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର ବାଟ ଫିଟିଛି। ୧୯୭୦ରେ ଏହି ଦମ୍ପତି ବିବାହ କରିଥିଲେ ଓ ଗତ କେତେ ଦଶନ୍ଧି ଧରି ଆଫଗାନିସ୍ତାନରେ ଅବସ୍ଥାନ କରୁଥିଲେ। ଏହି ପତିପତ୍ନୀ ଆଫଗାନିସ୍ତାନରେ ମହିଳା ଓ ଛୋଟପିଲା ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମ କରିଆସୁଥିଲେ ଓ ଏଥିପାଇଁ ତାଲିବାନ ରୋଷର ଶିକାର ହୋଇଥିଲେ। ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ସେମାନଙ୍କୁ ଛାଡିବାକୁ ନିଷ୍ପତ୍ତି ନେଇଛି। ଏହି ଦୁଇଜଣଙ୍କୁ ଆମେ ଭଲ ଭାବେ ରଖିଛୁ ଓ ସବୁ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଇଛୁ ବୋଲି ତାଲିବାନ କହିଛି।

## ମୁନୀର ମାନସିକ ନିର୍ଯାତନା ଦେଉଛନ୍ତି: ଇମ୍ରାନ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦେଶର ସେନାଧକ୍ଷ ହାସିମ ମୁନୀରଙ୍କ ବିରୋଧରେ ନୂଆ ଅଭିଯୋଗ ଆଣିଛନ୍ତି। ୭୨ ବର୍ଷୀୟ ଇମ୍ରାନ ବିଭିନ୍ନ ମାମଲାରେ ଜଡିତ ହୋଇ ଗତ ୨ ବର୍ଷ ହେବ ଜେଲରେ ଅଛନ୍ତି। ଏବେ ସେ ରାୱଲପିଣ୍ଡିର ଆଦିଆଲା ଜେଲ୍‌ରେ ଅଛନ୍ତି। ତାଙ୍କ ପତ୍ନୀ ବୁସ୍‌ରା ବିବି ମଧ୍ୟ ଅଲ- କାଦିର ଟ୍ରଷ୍ଟ ମାମଲାରେ ଚଳିତ ବର୍ଷ ପ୍ରାରମ୍ଭରେ ଜେଲ୍‌ରେ ଅଛନ୍ତି। ଜେଲ୍‌ରେ ପତ୍ନୀଙ୍କ ସହ ମୋତେ ମାନସିକ ଭାବେ ନିର୍ଯାତନା ଦିଆଯାଉଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଆମେ ଭାଙ୍ଗିପଡ଼ି ଆତ୍ମସମର୍ପଣ କରିବୁ ବୋଲି ମୁନୀର ଭାବୁଛନ୍ତି ବୋଲି ସେ କହିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ଆମେ ବଞ୍ଚିଥିବୁ ସେ ପର୍ଯ୍ୟନ୍ତ ଆମେ ଅନ୍ୟାୟ ଓ ଅତ୍ୟାଚାର ଆଗରେ ନଇଁବୁ ନାହୁଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜେନେରାଲ ମୁନୀର ସେନାକୁ ବ୍ୟବହାର କରି ସାରା ଦେଶରେ ଏକଛତ୍ରବାଦ ଶାସନ ଚଳାଇବା ସହ ଭୟର ବାତାବରଣ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି।

# ଭାରତୀୟଙ୍କ ସ୍ୱପ୍ନ ଚୂର୍‌ମାର୍ କରିଦେଲେ ଟ୍ରମ୍ପ


ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତକୁ ବଡ଼ ଝଟ୍‌କା ଦେଇଛନ୍ତି। ଭାରତ ପ୍ରତି ବନ୍ଧୁତାର ହାତ ବଢ଼ାଇ ଆଉ ଥରେ ଧୋକା ଦେଇଛନ୍ତି। ଏଚ୍-୧ବି ଭିସାର ବାର୍ଷିକ ଦେୟ ବୃଦ୍ଧି କରି ଲକ୍ଷେ ଡଲାର କରିଦେଇଛନ୍ତି। ଏହାକୁ ନେଇ ଭାରତୀୟ ସର୍ବାଧିକ ଚିନ୍ତାରେ ଅଛନ୍ତି। କାରଣ ଏହି ଭିସାର ପ୍ରାୟ ୭୨ ପ୍ରତିଶତ ଭାରତୀୟଙ୍କୁ ମିଳୁଥିଲା। କୁଶଳୀ କର୍ମଚାରୀଙ୍କୁ ଆମେରିକା ଡାକୁଥିବା କମ୍ପାନୀଙ୍କୁ ଏହି ଭିସା ବାବଦ ଅର୍ଥ ଦେବାକୁ ପଡ଼ିବ। ସୂଚନା ଅନୁଯାୟୀ ଆମେରିକା ବର୍ଷକୁ ଜାରି କରୁଥିବା ୮୫ ହଜାର ଏଚ୍-୧ବି ଭିସାରୁ ୭୨ ପ୍ରତିଶତ ଭାରତୀୟଙ୍କୁ ମିଳିଥାଏ। ଏଭଳି ପଦକ୍ଷେପ ନେଇ ଘରଦ୍ୱାର ବିକି ଆମେରିକା ଯାଉଥିବାର ଭାରତୀୟଙ୍କ ସ୍ୱପ୍ନକୁ ଟ୍ରମ୍ପ ଚୁରମାର କରିଦେଇଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଏଚ୍-୧ବି ଭିସା କାର୍ଯ୍ୟକ୍ରମ ପ୍ରାୟ ଶେଷ ହୋଇଯିବ ବୋଲି ଲାଗୁଛି। କାରଣ ଏହା ବାବଦ ଦେୟ ଭିସା ଧାରକଙ୍କ ବାର୍ଷିକ ଦରମାଠାରୁ ବି ଅଧିକ। ଭାରତୀୟଙ୍କ ପାଇଁ ଏହି ଭିସା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଏହି ଭିସା ଧାରକଙ୍କ ସଂଖ୍ୟା ଏକ ଚତୁର୍ଥାଂଶ ରହିଛି। ଚଢ଼ା ଶୁଳ୍କ ବିବାଦ ପରେ ଭାରତ ସହ ସମ୍ପର୍କକୁ ସୁଧାରିବା ପାଇଁ କହୁଥିବା ଟ୍ରମ୍ପ ଏଭଳି ପଦକ୍ଷେପ ନେଇଛନ୍ତି। ଗତ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଟ୍ରମ୍ପ ଭାରତ-ଆମେରିକା ସମ୍ବନ୍ଧ ବିଷୟରେ ଉଲ୍ଲେଖ କରିଥିଲେ। ଉଭୟ ଦେଇ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଚର୍ଚ୍ଚା କରୁଥିବା କହିଥିଲେ।

ଆମେରିକାରେ ପ୍ରାୟ ୩ ଲକ୍ଷ ଅଧିକ-କୁଶଳୀ ଭାରତୀୟ କର୍ମଚାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗରେ କାମ କରୁଛନ୍ତି। ଏଚ-୧ବି ଭିସାରେ ଏହି ଭାରତୀୟ ଆମେରିକାରେ ଅଛନ୍ତି। ଭାରତ ପରେ ଚୀନ୍ ନାଗରିକଙ୍କୁ ଏହି ଭିସାର ସର୍ବାଧିକ ଲାଭ ମିଳୁଛି। ତେବେ ଏହି ସଂଖ୍ୟା ମାତ୍ର ୧୧-୧୨ ପ୍ରତିଶତ ରହିଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ୨୧୫ ଡଲାର ଦେବାକୁ ପଡୁଥିଲା। ଏହା ସହିତ ଆଉ ୭୫୦ ଡଲାର ଲାଗୁଥିଲା। କିଛି ମାମଲାରେ ଏଥିପାଇଁ ୫ ହଜାର ଡଲାର ଅର୍ଥାତ୍ ପ୍ରାୟ ୪.୫ ଲକ୍ଷ ଟଙ୍କା ଦେବାକୁ ପଡିଥାଏ। କିନ୍ତୁ ଏବେ ନୂଆ ଦେୟ ୨୦ରୁ ଶହେ ଗୁଣା ଅଧିକ ରହିଛି। ଏଥିପାଇଁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଚ-୧ବି ଭିସା ଧାରକଙ୍କ ହାରାହାରି ବାର୍ଷିକ ଦରମାର ଏହି ନୂଆ ଦେୟ ୮୦ ପ୍ରତିଶତରୁ ଅଧିକ।

ରିପୋର୍ଟ ଅନୁଯାୟୀ ଆମେରିକାରେ ପ୍ରାୟ ୩୦ ଲକ୍ଷ ଭାରତୀୟ-ଆମେରିକୀୟ ରହୁଛନ୍ତି। ୨୦୨୩ରେ ଏଚ-୧ବି ଭିସା ନେଇଥିବା ଲୋକଙ୍କ ମଧ୍ୟରେ ଲକ୍ଷେ ୯୧ ହଜାର ଭାରତୀୟ ଥିଲେ। ଏହା ୨୦୨୪ରେ ୨ ଲକ୍ଷ ୭ ହଜାରରେ ପହଞ୍ଚି ଯାଇଥିଲା। ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଏହି ଭିସା ଯୋଗୁଁ ପ୍ରବାସୀ ଭାରତୀୟ ଆମେରିକାର ସର୍ବାଧିକ ଆୟକାରୀଙ୍କ ମଧ୍ୟରେ ସାମିଲ ଅଛନ୍ତି। ଏହି ଭିସା ସହାୟତାରେ ଭାରତୀୟ କମ୍ପାନୀଗୁଡିକ ନିଜ କର୍ମଚାରୀଙ୍କୁ ଆମେରିକା ପଠାଇଥାଆନ୍ତି। ଇନ୍‌ଫୋସିସ, ଟିସିଏସ ଏବଂ ୱିପ୍ରୋ ଭଳି ଭାରତୀୟ ଆଇଟି କମ୍ପାନୀଗୁଡିକ ଏଚ-୧ବି ଭିସା ବ୍ୟବହାରକରି ଜୁନିୟର ଏବଂ ମିଡ-ଲେଭୁଲ ଇଞ୍ଜିନିୟରଙ୍କୁ ଆମରିକା ପଠାଇ ଥାଆନ୍ତି। ଆମାଜନ ଏବଂ ମାଇକ୍ରୋସଫ୍ଟ ଭଳି ଆମେରିକା କମ୍ପାନୀଗୁଡିକ ମଧ୍ୟ ଭାରତର ଯୁବ ପ୍ରତିଭାଙ୍କୁ ଆମେରିକା ନେଇଥାନ୍ତି। ଚଳିତ ବର୍ଷର ପ୍ରଥମ ପର୍ଯ୍ୟାରେ ଆମାଜନ ଏବଂ ଏହାର ଶାଖା ଏଡବ୍ଲ୍ୟୁଏସ ୧୨ ହଜାର, ମାଇକ୍ରୋସଫ୍ଟ ଏବଂ ମେଟା ପ୍ଲାଟଫର୍ମକୁ ୫ ହଜାର ଏଚ୍-୧ବି ଭିସା ପାଇଁ ଅନୁମତି ମିଳିଥିଲା। କିନ୍ତୁ ଏବେ କର୍ମଚାରୀଙ୍କୁ ଆମେରିକା ପଠାଇବା ଲାଭଜନକ ହେବ ନାହିଁ। ଏହା ସହିତ ବୃତ୍ତିଗତ ଭାରତୀୟଙ୍କୁ ମଧ୍ୟ କମ୍ ସୁଯୋଗ ମିଳିବ।

ଆମେରିକ ବାଣିଜ୍ୟ ସଚିବ ହାଭର୍ଡ ଲୁଟନିକଙ୍କ ଅନୁଯାୟୀ ଏବେ ଏଚ-୧ବି ଭିସାରେ ପ୍ରଶିକ୍ଷାର୍ଥୀଙ୍କୁ ରଖିପାରିବେ ନାହିଁ। ଆର୍ଥିକ ଭାବେ ଏହା ଆଉ ସମ୍ଭବ ହେବନାହିଁ। ଯଦି ପ୍ରଶିକ୍ଷଣ ଦେବାକୁ ଅନ୍ୟ ଦେଶର କର୍ମଚାରୀଙ୍କୁ ଆଣୁଛନ୍ତି ତେବେ ଆମେରିକୀୟଙ୍କୁ ପ୍ରଶିକ୍ଷଣ ଦିଅନ୍ତୁ। ହ୍ୱାଇଟ ହାଉସର ଷ୍ଟାଫ ସେକ୍ରେଟାରୀ ୱିଲ ସାର୍ଫ କହିଛନ୍ତି ଯେ ଏଚ୍-୧ବି ଭିସାର ସର୍ବାଧିକ ଅପବ୍ୟବହାର ହୋଇଛି। ଅତ୍ୟନ୍ତ ଦକ୍ଷ କର୍ମଚାରୀଙ୍କୁ ଆମେରିକା ଆସିବା ପାଇଁ ଅନୁମତି ଦେବା ଏହାର ଉଦ୍ଦେଶ୍ୟ ଥିଲା।

### ଏଚ୍-୧ବି ଭିସା ପାଇଛନ୍ତି ୨ ଲକ୍ଷ ୭ ହଜାର ଭାରତୀୟ
### ଆମାଜନ ୧୨ ହଜାର, ମେଟା ୫ ହଜାର ଭିସା ନେଇଛି
### ଭିସାର ଅପବ୍ୟବହାର ହେଉଛି କହିଲା ଆମେରିକା



# ବିଦ୍ୟୁତ୍ ଆଘାତରେ ଦୁଇ ଚାଷୀ ମୃତ





ଜଳେଶ୍ୱର, ୨୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ ନେତୁଆ ପଞ୍ଚାୟତ କପାସୁଦା ଗାଁରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗୋବିନ୍ଦ ଜେନାଙ୍କ ପୁଅ ରବୀନ୍ଦ୍ର ଜେନା (୪୦) ଓ ଭଗବାନ ଜେନାଙ୍କ ପୁଅ ଜଗନ୍ନାଥ ଜେନା (୪୫)। ଆଜି ସକାଳେ ଦୁହେଁ ଚାଷ କାମ ପାଇଁ ଜମିକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ବିଲରେ ଛିଡ଼ି ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମର ସୁଦର୍ଶନ ମହାନ୍ତି ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଅଘଟଣ ପାଇଁ ପରିବାର ଲୋକେ ବିଦ୍ୟୁତ୍ ବିଭାଗକୁ ଦାୟୀ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ନାମ୍ପୋ ପୁଲିସ୍ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷେ ଏହି ଅଘଟଣ ଯୋଗୁଁ ରବୀନ୍ଦ୍ରଙ୍କ ୩ ପୁଅ ଓ ସ୍ତ୍ରୀ ଏବଂ ଜଗନ୍ନାଥଙ୍କ ୨ ପୁଅ ଓ ସ୍ତ୍ରୀ ବେସାହାରା ହୋଇପଡ଼ିଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆଙ୍କୁଲା ନୂଆସାହି ଲଳିତ ସାହୁ ହତ୍ୟା ମାମଲା

# ବାପା ସମେତ ଦୁଇ ପୁଅଙ୍କୁ ଆଜୀବନ ଜେଲ୍

ଅନୁଗୋଳ,୨୦।୯ (ସମିସ): ଅନୁଗୋଳ ସଦର ଥାନା ଆଙ୍କୁଲା ନୂଆସାହି ଗ୍ରାମର ଲଳିତ ସାହୁ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ହୃଷୀକେଶ ଆଚାର୍ଯ୍ୟ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପା ଓ ଦୁଇ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ବାପ-ପୁଅ ହେଲେ, ସେହି ଗ୍ରାମର ବିଜୟ ସାହୁ ଏବଂ ତାଙ୍କ ପୁଅ ଦୁଷ୍ମନ୍ତ ସାହୁ ଓ ପିଣ୍ଟୁ ସାହୁ। ଏଥିସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୧୮ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

୨୦୨୨ ମେ' ୨୩ରେ ଦୁଷ୍ମନ୍ତଙ୍କ ଦୋକାନକୁ ଲଳିତ ସିଗାରେଟ୍ ଆଣିବାକୁ ଯାଇଥିଲେ। କିନ୍ତୁ ଦୁଷ୍ମନ୍ତ ସିଗାରେଟ୍ ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ, ମାରପିଟ୍ ହୋଇଥିଲା। ସେଠାରୁ ଲଳିତ ଘରକୁ ଫେରିଯାଇଥିଲେ। ପରେ ଦୁଷ୍ମନ୍ତ, ତାଙ୍କ ଭାଇ ପିଣ୍ଟୁ ଏବଂ ବାପା ବିଜୟଙ୍କ ସମେତ ପରିବାରର କେତେଜଣ ମହିଳା ଠେଙ୍ଗାବାଡ଼ି ଓ ମରଣାସ୍ତ୍ର ଧରି ଲଳିତଙ୍କ ଘରେ ପହଞ୍ଚିଥିଲେ। ଲଳିତ ଘରେ ଏକୁଟିଆ ଥିବା ଦେଖି ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ମିଶି ଲଳିତଙ୍କୁ ଜାବୁଡ଼ି ଧରିବା ପରେ ପିଣ୍ଟୁ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିଲେ। ଲଳିତ ରକ୍ତଜୁଡ଼ୁବୁଡ଼ୁ ଅବସ୍ଥାରେ ତଳେ ପଡ଼ିଯିବା ପରେ ଦୁଷ୍ମନ୍ତ ଏବଂ ବିଜୟ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ପରେ ସମସ୍ତେ ସେଠାରୁ ପଳାଇଥିଲେ। ପରିବାରଲୋକେ ଘରେ ପହଞ୍ଚିବା ପରେ ଲଳିତଙ୍କୁ ଏପରି ଅବସ୍ଥାରେ ଦେଖି ତୁରନ୍ତ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଲଳିତଙ୍କ ଭାଇ ସଞ୍ଜୟ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ବିଜୟ, ଦୁଷ୍ମନ୍ତ ଓ ପିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଡିସନାଲ ପବ୍ଲିକ୍ ପ୍ରସିକ୍ୟୁଟର୍ ତାପସ ରଞ୍ଜନ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ତ୍ରିଶୁଳିଆରେ ନିର୍ମାଣ ହେବ ଦ୍ୱିତୀୟ ବ୍ରିଜ୍

ଭୁବନେଶ୍ୱର,୨୦।୯ (ସମିସ): କଟକ ତ୍ରିଶୁଳିଆରେ ଦ୍ୱିତୀୟ ବ୍ରିଜ୍‌ର ନିର୍ମାଣ ହେବ। ଟ୍ୱିନ୍ ସିଟି କଟକ-ଭୁବନେଶ୍ୱର ମଧ୍ୟରେ ହେଉଥିବା ଭିଡ଼ କମାଇବା ଲାଗି ରାଜ୍ୟ ସରକାର ଏଭଳି ଯୋଜନା କରିଛନ୍ତି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରାଯାଇ ଅନୁମୋଦନ ହୋଇ ସାରିଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ତାରକା ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ତ୍ରିଶୁଳିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଲାଗି ଓବିସିସି ଟେଣ୍ଡର ପ୍ରକ୍ରିୟା ଜାରି ରଖିଛି। ଏଥିପାଇଁ ପ୍ରସ୍ତୁତ ଡିପିଆରକୁ ପ୍ରଶାସନିକ ଅନୁମୋଦନ ମିଳି ସାରିଛି । ଏହି ପ୍ରକଳ୍ପରେ ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ୧୯୩ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଆରମ୍ଭ ହେବ ଏବଂ ସରକାର ୩୬ ମାସରେ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଓଡ଼ିଶା ହେବନି ମଦମୁକ୍ତ ରାଜ୍ୟ

**ବନ୍ଦ ଥିବା ୭୦ ମଦ ଦୋକାନକୁ ଖୋଲିବାକୁ ଅନୁମତି ■ ଆଉ ୪ ନୂଆ ଠିପି ଖୋଲା ମଦଦୋକାନ ଖୋଲିବାକୁ ପ୍ରସ୍ତାବ**

ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶା ହେବନି ମଦମୁକ୍ତ ରାଜ୍ୟ। ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ। ରାଜ୍ୟ ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ଦ ଥିବା ମଦ ଦୋକାନଗୁଡ଼ିକ ମଧ୍ୟରୁ ୭୦ଟି ମଦ ଦୋକାନ ପୁନଃ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ମନ୍ତ୍ରୀ ବିଧାନସଭାରେ ଏଭଳି ତଥ୍ୟ ପ୍ରଦାନ କରିବା ପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ପୂର୍ବରୁ ମଦମୁକ୍ତ ରାଜ୍ୟ ଓ ମଦ ବନ୍ଦ କରିବାକୁ ବିଜେପି ବାରମ୍ବାର ଦାବି କରିଆସୁଥିଲା। ଏମିତିକି, ରାଜ୍ୟରେ ସରକାର ଗଠନ କଲେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନ କରିବା ନେଇ ବିଜେପି ନିଜ ନିର୍ବାଚନୀ ଇସ୍ତାହାର (ସଂକଳ୍ପପତ୍ର)ରେ ଦର୍ଶାଇଥିଲା। ହେଲେ, ସରକାରକୁ ଆସିବା ପରେ ମଦ ବନ୍ଦ ଓ ମଦମୃତ୍ୟୁ ପ୍ରସଙ୍ଗରୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମୁହଁ ଫେରାଇ ନେଇଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ମଦମୁକ୍ତ ଓଡ଼ିଶା ଦୂରର କଥା, ବର୍ତ୍ତମାନ ରାଜ୍ୟ ସରକାର ମଦକୁ ପ୍ରୋତ୍ସାହନ କରୁଥିବା ଜଳଜଳ ଦେଖାଯାଉଛି। ରାଜ୍ୟରେ ଯେଉଁ ମଦ ଦୋକାନଗୁଡ଼ିକ ବନ୍ଦ ରହିଥିଲା, ସେଥିମଧ୍ୟରୁ ୭୦ଟିକୁ ପୁନଃ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏଥିରେ ବାଲେଶ୍ୱରରେ ସର୍ବାଧିକ ୧୭ଟି ମଦ ଦୋକାନ ରହିଥିବା ବେଳେ ଜଗତସିଂହପୁରରେ ୧୦ଟି ନୟାଗଡ଼ରେ ୯ଟି, ନବରଙ୍ଗପୁରରେ ୮ଟି, କଟକରେ ୭ଟି, ରାଉରକେଲାରେ ୫ଟି, ବ୍ରହ୍ମପୁରରେ ୪ଟି, କନ୍ଧମାଳ ଓ କେନ୍ଦୁଝରରେ ୩ଟି ଲେଖାଏଁ, ବଲାଙ୍ଗିରରେ ୨ ଏବଂ ମାଲକାନଗିରି ଓ ସମ୍ବଲପୁରରେ ଗୋଟିଏ ଲେଖାଏଁ ରହିଛି। ଏହାବ୍ୟତୀତ, ସରକାରଙ୍କ ନିକଟରେ ୪ଟି ନୂଆ ଠିପିଖୋଲା ମଦ ଦୋକାନ ଏବଂ ୩ଟି ନୂଆ ମଦ କାରଖାନା ଖୋଲିବାକୁ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ୩ଟି ପୁରୀରେ ହେବାକୁ ଥିବା ବେଳେ ଗୋଟିଏ ଭୁବନେଶ୍ୱର ପାଇଁ ପ୍ରସ୍ତାବ ରହିଛି। ଏହାସହ ମଦ କାରଖାନା ମଧ୍ୟରେ ଗୋଟିଏ କଟକ ଓ ଦୁଇଟି ଢେଙ୍କାନାଳରେ କରିବାକୁ ବିଚାରଧୀନ ରହିଥିବା ବିଭାଗୀୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଧାନସଭାରେ ଉତ୍ତର ରଖିଛନ୍ତି।

**■ ଢେଙ୍କାନାଳ ଓ କଟକ ଜିଲ୍ଲାରେ ଖୋଲିବ ୩ ମଦ କାରଖାନା**

**■ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ସଂକଳ୍ପପତ୍ରରେ କହିଥିଲା ବିଜେପି**

ରାଜ୍ୟରେ ସରକାର ପରବର୍ତ୍ତନ ପରେ ପରେ ଚିକିଟି ମଦ ମୃତ୍ୟୁକୁ ନେଇ ତମ୍ବିତୋଫାନ ହୋଇଥିଲା। ଏହି ଘଟଣାରେ ୫ ଜଣଙ୍କର ପ୍ରାଣହାନି ହୋଇଥିବା ବେଳେ ନୂଆ ସରକାରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଗୋଟିଏପଟେ ପ୍ରତିଦିନ ବିଭିନ୍ନ ଅଞ୍ଚଳରେ ଅପମିଶ୍ରିତ ମଦ କାରବାର ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଅପରାଧିକ ମାମଲା ମଧ୍ୟ ବଢ଼ୁଛି। ଅନେକ ସମୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ମଦମୃତ୍ୟୁ ଭଳି ଘଟଣା ସାମନାକୁ ଆସୁଛି। ଯଦିଓ ସରକାର ଏଭଳି ଘଟଣା ରୋକିବା ଓ ନିଶା ସେବନଠାରୁ ରାଜ୍ୟବାସୀଙ୍କୁ ଦୂରରେ ରଖିବା ପାଇଁ ନିୟମିତ ଧରପଗଡ଼ କରୁଛନ୍ତି ବୋଲି କହୁଛନ୍ତି, ମାତ୍ର ପରୋକ୍ଷରେ ମଦ ଦୋକାନ ବଢ଼ାଇ ଏହାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି।

ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ୨୧ ତାରିଖ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି "ନିଶାମୁକ୍ତ ଭାରତ'। କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ଗଣଦୌଡ଼ ଆୟୋଜନ କରାଯାଉଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବହୁ ସଂଖ୍ୟାରେ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କିନ୍ତୁ ଅଜବ କଥା ହେଲା, ନିଶାମୁକ୍ତିର ବାର୍ତ୍ତା ଦେଇ ଗୋଟିଏପଟେ ସରକାର ଯୁବ ସମାଜକୁ ସୁଧାରିବା ପାଇଁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ବନ୍ଦ ଥିବା ମଦ ଦୋକାନକୁ ଖୋଲି ନିଶାକୁ ପ୍ରୋତ୍ସାହିତ କରୁଛନ୍ତି। ତେଣୁ, ସରକାରଙ୍କ ପ୍ରକୃତ ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦୋକାନ ସହ ଜଳିଗଲେ ଯୁବକ

### ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି



କଣିହାଁ, ୨୦।୯ (ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅନ୍ତର୍ଗତ କରଡ଼ାଖମଣ ଗାଁରେ ଏକ ବଡ଼ଧରଣର ଅଘଟଣ ଘଟିଛି। ପେଟ୍ରୋଲ ନିଆଁରେ ଦୋକାନ ସହ ଜଣେ ଯୁବକ ଜଳି ଯାଇଛନ୍ତି। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ, ସେହି ଗ୍ରାମର ବନୋଜ କୁମାର ସାହୁ। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

ବନୋଜଙ୍କ ଏକ ତେଜରାତି ଦୋକାନ ଅଛି। ଆଜି ସେ ଦୋକାନରେ ଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଦୁର୍ଭାଗ୍ୟକୁ ଦୋକାନରେ ବିକ୍ରି ଉଦ୍ଦେଶ୍ୟରେ ଥିବା ପେଟ୍ରୋଲରେ ଲାଗିଯିବାରୁ ନିଆଁ କ୍ଷିପ୍ର ଗତିରେ ବ୍ୟାପିଯାଇଥିଲା। ଫଳରେ ଦୋକାନ ସହ ବନୋଜ ଜଳିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା, ଏଥିରେ କାହାର ଅପରାଧିକ ଷଡ଼ଯନ୍ତ୍ର ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏନେଇ ତଦନ୍ତ ଆରମ୍ଭ କରିଛି।

**ଚୂଡ଼ାନ୍ତ ହେଲା କାର୍ତ୍ତିକ ନୀତି**

# ଏଥର ପଞ୍ଚୁକ ୪ ଦିନ; ହେବନି ବାଙ୍କଚୂଡ଼ା ବେଶ



ପୁରୀ, ୨୦।୯ (ସମିସ): ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଅକ୍ଟୋବର ୩ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳଧୂପ ନୀତି। ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ପଞ୍ଚୁକ ଚାଲିବ। ଚଳିତବର୍ଷ ପଞ୍ଚୁକ ୪ଦିନ ପଡ଼ିଛି। ଫଳରେ, ଏଥର ବାଙ୍କଚୂଡ଼ା ବା ବାମନ ବେଶ ଅନୁଷ୍ଠିତ ହେବ ନାହିଁ। ତେବେ, ଏହି ସ୍ୱତନ୍ତ୍ର ନୀତିକାନ୍ତି କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ଶନିବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ଏଥିରେ ନୀତି ସବ୍-କମିଟି ଦ୍ୱାରା ପ୍ରସ୍ତୁତ ନୀତିକାନ୍ତି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ହୋଇଛି। ଏତଦ୍‌ବ୍ୟତୀତ ଭକ୍ତ ଏବଂ ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ବାଳଭୋଗ, ଠିକ୍ ସମୟରେ ମହାପ୍ରସାଦ ବାହାରିବା ଏବଂ ପଞ୍ଚୁକରେ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଛି।

**ଭୋର୍ ୫ଟାରେ ମଙ୍ଗଳ ଆଳତି**

**ସକାଳ ସାଢ଼େ ୬ରେ ରାଧାଦାମୋଦର ବେଶ**

**ଅକ୍ଟୋବର ୨୭ରେ ହରିହର ବେଶ**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, କାର୍ତ୍ତିକ ମାସରେ ରାତି ୧୨ଟାରେ ପହୁଡ଼ ସମ୍ପନ୍ନ ହୋଇ ରାତି ୪ଟାରେ ଦ୍ୱାର ଫିଟାଯିବ। ସାଢ଼େ ୪ଟାରେ ଭିତରଶୋଧ କରାଯାଇ ଭୋର୍ ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ଧର୍ମମାସ କାର୍ତ୍ତିକର ମୁଖ୍ୟ ଆକର୍ଷଣ ରାଧାଦାମୋଦର ବେଶ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟାରେ ସମ୍ପନ୍ନ ହେବ। ସାଢ଼େ ୮ଟାରୁ ସାଢ଼େ ୯ଟା ସକାଳ ଧୂପ (କେବଳ କୋଠଭୋଗ) ପରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ବାଳଧୂପ ବଢ଼ିବ। ସେହିପରି ପଞ୍ଚୁକକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ବେଳେ ଏହାର ତାରିଖ ନିର୍ଘଣ୍ଟ ହୋଇଛି। ଏଥର ପଞ୍ଚୁକ ୪ ଦିନ ପଡ଼ିଛି। ନଭେମ୍ବର ୨ରେ ମହାପ୍ରଭୁଙ୍କ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ ସହ ହରି ଉତ୍ଥାପନ ନୀତି ରହିଛି। ହେଲେ, ଏଥର ପଞ୍ଚୁକର ଦ୍ୱିତୀୟ ବେଶ ଅର୍ଥାତ୍ ବାଙ୍କଚୂଡ଼ ବା ବାମନ ବେଶ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ। ଏବର୍ଷ ଏହି ବେଶ ହେବନାହିଁ। ନଭେମ୍ବର ୩ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚୁକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ଅକ୍ଟୋବର ୨୭ ତାରିଖ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଛତିଶା ନିଯୋଗ ନାୟକ, ମନ୍ଦିର କମାଣ୍ଡର, ପରିଚାଳନା କମିଟି ସେବାୟତ ପ୍ରତିନିଧି ଏବଂ ସମସ୍ତ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିର୍ମାଣ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟରେ ନୂଆ ଲୋକସେବା ଭବନ ନିର୍ମାଣ ହେବ ବୋଲି ବିଧାୟିକା ସୁଭାଷିନୀ ଜେନାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନୂଆ ଲୋକସେବା ଭବନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ଦାୟିତ୍ୱ ସେତୁ ଓ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି। ମାଷ୍ଟର ପ୍ଲାନ ଅନୁମୋଦନ ପରେ ଲୋକସେବା ଭବନରେ ପାଇଁ ବ୍ୟୟ ଅଟକଳ ହେବ। ବର୍ତ୍ତମାନର ଲୋକସେବା ଭବନ ୬୮ ବର୍ଷ ପୁରୁଣା ଅଟେ । ଏଠାରେ ଗୁରୁତର ପାର୍କିଂ ସମସ୍ୟା ରହୁଛି, ତେଣୁ ନୂଆ ଲୋକସେବା ଭବନ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଚଳିତ ଆର୍ଥିକ ବର୍ଷରେ ନିର୍ମାଣ ହେବ ୫୭ ନୂଆ ସେତୁ

ଭୁବନେଶ୍ୱର,୨୦।୯ (ସମିସ): ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୨୬୨୩.୯୦ କିଲୋମିଟର ନୂତନ ରାସ୍ତା, ୫୭ ଗୋଟି ସେତୁ, ୩ଟି ରେଲୱେ ଓଭର ବ୍ରିଜ(ଆରଓବି) ଏବଂ ୧୦୬ଟି ନୂତନ ସରକାରୀ କୋଠା ନିର୍ମାଣ ହେବ। ଏଥିପାଇଁ ମୋଟ ୯୫୦୦ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଅଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏତଦ୍ ବ୍ୟତୀତ ରାଜ୍ୟରେ ୧୫୦ କି.ମି. ନୂତନ ଜାତୀୟ ରାଜପଥ ନିର୍ମାଣ କରିବା ପାଇଁ ୧୩୨୯ କୋଟି ଟଙ୍କା (ନିର୍ମାଣ ଓ ଜମି ଅଧିଗ୍ରହଣ) ବିନିଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ବିଧାୟକ ପବିତ୍ର ସାଉନ୍ତାଙ୍କ ଅଣତାରକା ପ୍ରଶ୍ନର ଉତ୍ତର ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ନିର୍ମାଣ ହେବାକୁ ଥିବା ସମସ୍ତ ଛୋଟ ବଡ ପ୍ରକଳ୍ପ ଗୁଡିକର ସର୍ଭେ, ଅନୁମୋଦିତ ଡିଜାଇନ, ଏଷ୍ଟିମେଟ ଓ ଡିପିଆର ପ୍ରସ୍ତୁତି ପାଇଁ ଘରୋ କନସଲଟାନ୍ସି ସର୍ଭିସଙ୍କ ସହଯୋଗ ନିଆଯାଉଅଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ରାଜ୍ୟରେ ଉତ୍କଟ ସାର ସଙ୍କଟ

# ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେଲା ବିଜେଡି



ଭୁବନେଶ୍ୱର, ୨୦।୯ (ସମିସ): ରାଜ୍ୟରେ ଉତ୍କଟ ସାର ଅଭାବ ଏବଂ କଳାବଜାରୀ ପ୍ରସଙ୍ଗରେ ଶନିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ରାଜ୍ୟରେ ଚାଷୀଙ୍କୁ ଯେପରି ସଠିକ୍ ପରିମାଣ ଏବଂ ମୂଲ୍ୟରେ ସାର ମିଳିପାରିବ, ସେନେଇ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରିବାକୁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଛି। ଏହାସହ ସାର କଳାବଜାରୀ ଓ ବେଆଇନ ନମହଜୁଦକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମାର୍କଫେଡ, ପାକ୍ସ ଓ ଲାମ୍ପ୍ସ ପରି ସରକାରୀ ସଂସ୍ଥା ଯେପରି ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇବେ, ସେନେଇ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି।

ପ୍ରତିନିଧି ଦଳ କହିଛି ଯେ ରାଜ୍ୟର ଚାଷୀକୂଳ ସାର ମୁଠାଏ ପାଇବା ପାଇଁ ବିଭିନ୍ନ ସମବାୟ ସମିତି ଆଗରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। ମାତ୍ର ସେମାନଙ୍କୁ ସାର ମିଳୁନାହିଁ। ଯାହାଫଳରେ ସେମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇ ଏନେଇ ପ୍ରତିବାଦ ମଧ୍ୟ କରୁଛନ୍ତି। ମାତ୍ର ରାଜ୍ୟ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାରର ଅଭାବ ସମ୍ପର୍କରେ କେନ୍ଦ୍ର ସାର, ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର ସାର ସଙ୍କଟ ଓ ଚାଷୀ ସମସ୍ୟାର ସମାଧାନ ଦିଗରେ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କଲେନାହିଁ। ରାଜ୍ୟର ଅର୍ଥନୀତିରେ କୃଷିର ପ୍ରମୁଖ ଭୂମିକା ରହିଛି। ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତ ଲୋକେ କୃଷିକରି ନିଜ ପରିବାର ପ୍ରତିପୋଷଣ କରନ୍ତି। ଗତ ବିଜେଡି ସରକାରଙ୍କ ପଦକ୍ଷେପ ଏବଂ ଚାଷୀଙ୍କ କଠିନ ପରିଶ୍ରମ କାରଣରୁ ଓଡ଼ିଶା ଏବେ ଏକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇପାରିଛି। ଏହି ଅଗ୍ରଗତି ଆଧୁନିକ କୃଷି ଜ୍ଞାନକୌଶଳ, ଜଳସେଚନ ଭିତ୍ତିଭୂମିରେ ବିକାଶ ସହ ସଠିକ ସମୟରେ ସଠିକ୍ ମୂଲ୍ୟରେ ସାର ଯୋଗାଣ ଯୋଗୁଁ ସମ୍ଭବ ହୋଇପାରିଛି। ମାତ୍ର ରାଜ୍ୟ ବିଜେପି ସରକାରଙ୍କ ଏକ୍ଷେତ୍ରରେ ଉଦାସୀନତା ଏବଂ ଯୋଜନାର ଅଭାବ କାରଣରୁ ରାଜ୍ୟ କୃଷି କ୍ଷେତ୍ର ଏହି ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି ବୋଲି ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ଭୟଙ୍କର ସାର ସଙ୍କଟ କାରଣରୁ ଖରିଫ୍ ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୪୫ କେଜି ସାର ବ୍ୟାଗ୍ର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ତେଣୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଚାଷୀଙ୍କୁ ସଠିକ୍ ସମୟରେ ଏବଂ ସଠିକ୍ ମୂଲ୍ୟରେ ପର୍ଯ୍ୟାପ୍ତ ସାର ଯୋଗାଇଦେବାକୁ ବିଜେଡି ଦାବି କରିଛି। ସେହିପରି ସାର କଳାବଜାରୀ, ବଆଇନ ମହଜୁଦକାରୀ ଏବଂ ସାର ଦୁର୍ନୀତିର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରତିନିଧି ଦଳ ନିଜ ଦାବିପତ୍ରରେ ଉଲ୍ଲେଖ କରିଛି। ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତିକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ. ଅରୁଣ ସୁମାର ସାହୁ, ବଦ୍ରି ନାରାୟଣ ପାତ୍ର, ଡ. ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ମନୋହର ରାନ୍ଧାରୀଙ୍କ ସମେତ ଦଳର ପ୍ରାୟ ସମସ୍ତ ବିଧାୟକ ଉପସ୍ଥିତ ଥିଲେ।

**ସ୍ମାରକ ପତ୍ର ପ୍ରଦାନ, ଚାଷୀଙ୍କୁ ସାର ଯୋଗାଣ ପାଇଁ ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଜ୍ୟପାଳ**

**କଳାବଜାରୀ, ବେଆଇନ ମହଜୁଦକାରୀଙ୍କ ବିରୋଧରେ ନିଆଯାଉ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ: ବିରୋଧୀ**

**ସରକାରଙ୍କ ଉଦାସନୀତା କାରଣରୁ ସୃଷ୍ଟି ହୋଇଛି ସମସ୍ୟା**

### ଦିନରେ ପ୍ରବଳ ଗୁଳୁଗୁଳି

# ଅପରାହ୍ଣରେ ଡରାଇଲା ବିଜୁଳି, ଘଡ଼ଘଡ଼ି

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟରେ ଶୁକ୍ରବାର ପ୍ରବଳ ବିଜୁଳି-ଘଡ଼ଘଡ଼ି ଅନୁଭୂତ ହୋଇଛି। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ର ଓ ଜଗତସିଂହପୁରରେ ବଜ୍ରପାତର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ କଟକ ଓ ଭୁବନେଶ୍ୱରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ଲୋକଙ୍କୁ ଡରାଇଛି। ଦିନ ତମାମ ଗରମ ଗୁଳୁଗୁଳିରେ ଲୋକ କଲବଲ ହୋଇଥିବା ବେଳେ ଅପରାହ୍ଣ ପରେ ପାଗରେ ପରବର୍ତ୍ତନ ଆସିବା ସହ ଏପରି ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ବିହାରଠାରୁ ଗୋଟିଏ ଟ୍ରଫ୍ ଲାଇନ ବିଦର୍ଭ ପର୍ଯ୍ୟନ୍ତ ଲମ୍ବିଥିଲା। ଏଥିପାଇଁ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଥିଲା। ଅନ୍ୟପଟେ ମୌସୁମୀ ଦୁର୍ବଳ ଯୋଗୁଁ ବର୍ତ୍ତମାନ ମେଘମୁକ୍ତ ଆକାଶ ରହୁଛି। ତେଣୁ ଆଜି ଦିନ ତମାମ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଛି। ଉତ୍ତପ୍ତ ବାୟୁମଣ୍ଡଳ ସହିତ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସଂସ୍ପର୍ଶରେ ଆସିବା ହେତୁ ପ୍ରବଳ ବଜ୍ରପାତ ଯୋଗୁଁ ପାଗ ଅନୁକୂଳ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ଅନୁଭୂତ ହୋଇଥିବା ବେଳେ ଅନେକ ସ୍ଥାନରେ ଭଲ ବର୍ଷା ମଧ୍ୟ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସାଢ଼େ ୫ ଟା ସୁଦ୍ଧା ବାଲେଶ୍ୱରରେ ୧୭ ମିମି ବର୍ଷା ହୋଇଥିବା ବେଳେ ବାରିପଦା ୧୫, ନୟାଗଡ଼ ୧୫, ଦାରିଙ୍ଗବାଡ଼ି ପୁରୀ ୧୩ ଓ ଦାରିଙ୍ଗବାଡ଼ିରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।

ଅନ୍ୟପଟେ ଅପରାହ୍ଣ ପରେ ସାମାନ୍ୟ ବର୍ଷା ଯୋଗୁଁ ଗୁଳୁଗୁଳିରୁ କିଛିକାଂଶରେ ଆଶ୍ୱସ୍ତି ମିଳିଛି। ବର୍ଷା ଓ ବିଜୁଳି-ଘଡଘଡି ପ୍ରଭାବରେ ରାଜଧାନୀ ଭୁବନେଶ୍ୱରରେ ଆଜିର ତାପମାତ୍ରା ୩୪.୫ ଡିଗ୍ରୀରୁ ଖସି ୨୮.୬ରେ ପହଞ୍ଚିବା ସହ ତାପମାତ୍ରାରେ ପାଖାପାଖି ୫.୯ ଡିଗ୍ରୀ ହ୍ରାସ ପାଇଛି। ଏହା ପ୍ରଭାବରେ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ଆଜି ଉପକୂଳ ଓଡ଼ିଶାରେ ଉଷ୍ମଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇଛି। ଆଜି ଦିନ ୧୧ଟା ୩୦ ସମୟରେ ବିଭିନ୍ନ ସ୍ଥାନରେ ରେକର୍ଡ ତାପମାତ୍ରା ଏବଂ ଆର୍ଦ୍ରତା ପରିମାଣ ଅଧିକ ରହିବା ହେତୁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି। ଦିନ ୧୧ ଟା ୩୦ରେ ଗୋପାଳପୁର: ୩୫ ଡିଗ୍ରୀ ତାପମାତ୍ରା ସହ ୬୮ ପ୍ରତିଶତ ଆର୍ଦ୍ରତା ରହିଥିବା ବେଳେ ବାଲେଶ୍ୱରରେ ୩୪.୬ ଡିଗ୍ରୀ ତାପମାତ୍ରା ସହ ୬୯ ପ୍ରତିଶତ ଆର୍ଦ୍ରତା ରହିଥିଲା।

# ଯା ଦେବୀ ସର୍ବଭୁତେଷୁ.... ମା' କୁଶୁଙ୍ଗାଇଙ୍କ ପୀଠରେ ଷୋଡ଼ଶ ପୂଜା

ବଲାଙ୍ଗିର,୨୦।୯ (ସମିସ):

ଆଶ୍ୱିନ ଆଗମନରେ ଧରାପୃଷ୍ଠକୁ ଓହ୍ଲାଇଛନ୍ତି ମାଁ ଦୁର୍ଗା । ମା'ଙ୍କ ଆଗମନରେ ଧରାପୃଷ୍ଠ ସଜେଇ ହୋଇଛି। ପୁରୁଣା ଶକ୍ତିପୀଠରେ ଷୋଡଷ ପୂଜା ଆରମ୍ଭ ହୋଇଯାଇଛି। ପୁରାତନ ପାଟଣା ରାଜ୍ୟ ତଥା ଅଧୁନା ବଲାଙ୍ଗିର ଜିଲ୍ଲାର ଅନେକ ପୁରୁଣା ଶକ୍ତିପୀଠ ରହିଛି। ଏହିସବୁ ପୀଠରେ ମା'ଙ୍କ ଷୋଡସ ପୂଜା ଆରମ୍ଭ ହୋଇଯାଇଛି। ଏହି ସବୁ ପୁରୁଣା ଶକ୍ତିପୀଠକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ଯା ଦେବୀ ସର୍ବଭୁତେଷୁ...



ବଲାଙ୍ଗିର ଜିଲ୍ଲାରେ ଗଡଜାତ ଅମଳରେ ଶାସନ କରୁଥିବା ରାଜାମାନେ ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ସାଧନାରେ ବିଶ୍ୱାସ କରୁଥିଲେ। ଏହାଫଳରେ ଜିଲ୍ଲାରେ ଅନେକ ଶକ୍ତିପୀଠ ତିଆରି କରି ଶକ୍ତି ଆରାଧନା କରୁଥିଲେ। ଏହି ପୁରତାନ ମନ୍ଦିର ମଧ୍ୟରୁ ବଲାଙ୍ଗିର ଜିଲ୍ଲା କୁଶଙ୍ଗରେ କୁଶୁଙ୍ଗାଇ ପୀଠ ଅନ୍ୟତମ। ଆଶ୍ୱିନ ମାସର ଆଗମନରେ ଏହି ପୀଠ ଏବେ ଚଳଚଞ୍ଚଳ ହୋଇପଡିଛି। ମା' କୁଶୁଙ୍ଗାଇଙ୍କ ପୀଠରେ ଷୋହଳ ପୂଜା ବା ଷୋଡସ ଉପଚାର ଆରମ୍ଭ ହୋଇଛି।

ମୂଳାଷ୍ଟମୀଠାରୁ ମାଙ୍କ ପୂଜା ଆରମ୍ଭ ହୋଇଛି। ଏହି ଷୋଡଷ ପୂଜା ଆସନ୍ତା ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ଏହି ଷୋହଳ ଦିନ ଭିତରେ ନବରାତ୍ର ପୂଜା ମଧ୍ୟ ଅନୁଷ୍ଠିତ ହେବ। କୁଶୁଙ୍ଗାଇଙ୍କୁ ନବରାତ୍ର ସମୟରେ ଧବଳମୁଖୀ, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ, ରାଜରାଜେଶ୍ୱରୀ, ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା ,କୁସ୍ମାଣ୍ଡା ବେଶରେ ସ୍ୱତନ୍ତ୍ର ପୂଜା କରାଯିବ।



ମୂଳାଷ୍ଟମୀ ତଥା ପୁଅଜୀଉଁନ୍ତିଆଠାରୁ ଆରମ୍ଭ ହୋଇଥିବା ମା' କୁଶୁଙ୍ଗାଇଙ୍କ ପୀଠରେ ବଏଲ ଯାତ୍ରା ଅନୁଷ୍ଠିତ ହୋଇଥାଏ। ମହାଷ୍ଟମୀ ଦିନ ମୁଖ୍ୟତଃ ପଶ୍ଚିମଓଡିଶାରେ ଭାଇଜିଉଁନ୍ତିଆ ପର୍ବ ପାଳନ ହେଉଥିବା ବେଳେ ଏହି ଦିନ ମା'ଙ୍କ ବଏଲ ଯାତ୍ରା କରାଯାଇଥାଏ। ଜିଲ୍ଲା ତଥା ଜିଲ୍ଲା ବାହାରର ଶ୍ରଦ୍ଧାଳୁ ନିଜ ମନସ୍କାମନା ପୂରଣ କରିବା ପାଇଁ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି। ସେହିପରି ଦଶହରାରେ ମଧ୍ୟ ପୂର୍ଣ୍ଣମୀ ଆଳତୀ କରିବା ପରେ ବଏଲ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଦିନ ମଧ୍ୟ ଲୋକଙ୍କ ଭିଡ ରହିଥାଏ ବୋଲି ଦେହୁରୀ ପ୍ରକାଶ କରିଛନ୍ତି। ପ୍ରତିଦିନ ମା'ଙ୍କ ଚାରି ଥର ଆଳତୀ ହେଉଥିବା ବେଳେ ଦୁଇ ଥର ଭୋଗ ଲାଗି କରାଯାଉଥିବା ଦେହୁରୀ କହିଛନ୍ତି। ଆସନ୍ତା ପ୍ରତିପଦାଠାରୁ ନବରାତ୍ର ପୂଜା ଆରମ୍ଭ ହେବ।

ତେବେ ଏହି ପୀଠ ବହୁ ପୁରୁଣା ପୀଠ ହୋଇଥିବା ବେଳେ ଶହ ଶହବର୍ଷ ହେଲା ମା' ଦୁର୍ଗା ମହିଷାମର୍ଦ୍ଦିନୀ ବେଶରେ ପୂଜା ପାଇଆସୁଛନ୍ତି। ଏହି ପୀଠକୁ ନେଇ ଅନେକ କିମ୍ବଦନ୍ତୀ ରହଛି। ଏହି ପୀଠର ସବୁଠାରୁ ବଡ ପର୍ବ ହେଉଛି ଦଶହରା ଯାତ୍ରା। ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ବେଶ୍ ଧୁମାଧାମରେ ଏହି ପୀଠରେ ଷୋଡଷ ପୂଜା ଅନୁଷ୍ଠିତ ହୋଇଥାଏ। ମନ୍ଦିର ପୂଜକମାନେ ନିଷ୍ଠାର ସହ ମା'ଙ୍କ ପୂଜା କରୁଥିବା ବେଳେ ଏହି ପୀଠ ଉପରେ ଲୋକଙ୍କ ଅଗାଢ ବିଶ୍ୱାସ ରହିଛି। ଦଶହରା ସମୟରେ ପୂଜା କରିବା ସହ ମା'ଙ୍କ ଆରାଧାନା କଲେ ମନସ୍କାମନା ପୂରଣ ହେଉଥିବା ଶ୍ରଦ୍ଧାଳୁ ପ୍ରକାଶ କରିଛନ୍ତି।

# ସାଲେଭଟା ପାଟଣେଶ୍ୱରୀ ପୀଠରେ ଦଶହରା ଓ ବଏଲ ଯାତ୍ରା ପ୍ରସ୍ତୁତି



ବଲାଙ୍ଗିର,୨୦।୯ (ସମିସ): ଐତିହାସିକ ସାଲେଭଟା ମାଁ ପାଟଣେଶ୍ୱରୀ ଓ ମାଁ ସମଲେଶ୍ୱରୀ ପୀଠରେ ମାଁ ଦୁର୍ଗାପୂଜା ଓ ବଏଲ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ମୁଖ୍ୟ ପୂଜକ ପ୍ରକାଶ ଦିଶ୍ରୀଙ୍କ ନେତୃତ୍ୱରେ ମନ୍ଦିର କମିଟି, ଦେବାଳୟ ସୁରକ୍ଷା କମିଟି ସଦସ୍ୟଙ୍କ ସହ ବଏଲ ଯାତ୍ରା ଓ ଦଶହରା କିଭଳି ସୁରୁଖୁରୁରେ ହେବ ତାହା ଆଲୋଚନା ହୋଇଥିଲା। ୨୧ ତାରିଖ ଆଶ୍ୱିନ ଶୁକ୍ଳପକ୍ଷ ଅମାବାସ୍ୟା ମହାଳୟାରେ ଧୁବଳମୁଖୀ ବେଶ ଓ ୨୨ ତାରିଖ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ନବରାତ୍ର ପୂଜା ଆରମ୍ଭ ହେବ। ଘଟ ସ୍ଥାପନ ଓ ଅଖଣ୍ଡ ଦୀପ ପ୍ରଜ୍ୱଳନ ହେବ। ୨୯ ତାରିଖ ମାଁ ପାଟଣେଶ୍ୱରୀଙ୍କ ବଏଲ ଯାତ୍ରା ଅବସରରେ ଶୋଭାଯାତ୍ରା ବାହାରି ପରିକ୍ରମା କରିବା ପରେ ରାଜଖମାରକୁ ଆସି ମନ୍ଦିରକୁ ପ୍ରବେଶ କରିବ।

ପୂଜକ ଜୟକୃଷ୍ଣ ଦିଶ୍ରୀଙ୍କ ସମେତ ମନ୍ଦିର କମିଟିର ସଦସ୍ୟ, ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର ଓ ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ।

## କେନ୍ଦୁ ଗଣ୍ଡି ସହ ଗାଡି ଜବତ: ଜଣେ ଗିରଫ



ମୁରିବାହାଲ,୨୦।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନ ବିଭାଗ କେନ୍ଦୁ ଗଣ୍ଡି ସହ ଏକ ଗାଡି (ଓଆର ୦୨ ବି ବି ୦୪୪୧) ଜବତ କରିଛି। ଟିକ୍ରାପଡା ପଟରୁ ଗାଡିଟି ଦ୍ରୁତ ଗତିରେ ଆସୁଥିବା ଦେଖି ମୁରିବାହାଲ ବନ ବିଭାଗ ଗୁଡିଘାଟ ନିକଟରେ ଅଟକାଥିଲା। ଗାଡିରେ ଥିବା ଜଣକୁ ଗିରଫ କରିଥିଲେ। ଗାଡି ଏବଂ କେନ୍ଦୁଗଣ୍ଡିକୁ ଫରେଷ୍ଟ ବଙ୍ଗଳାକୁ ଅଣା ଯାଇଥିଲା। ତେବେ ଗିରଫ ଜଣକ ହେଲେ ବାନ୍ଧନପାଲି ଗାଁର ଛବି ବନଛୋର। ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାୟକ, ଫରେଷ୍ଟର ଧ୍ରୁବ ଚରଣ ବରର୍ଡ଼ି, ଫରେଷ୍ଟର ଗାର୍ଡ ଅଜିତ ବେହେରା, କୁବେର ମାଝୀ, ବରୁଣ ସାହୁ, ଶିବ ନାଗ, ମଧୁ ବାଗ ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ।

## ମଦ କାରକାରରେ ଜଣେ ଗିରଫ

ତୁରେକେଲା,୨୦।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଖଗସାରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ଶ୍ରୀରାମ ବାଗ (୪୫)। ତା'ଠାରୁ ୪୦ ଲିଟର ଦେଶୀ ମଦ ଓ ୧୧ ଲିଟର ବିଅର ଜବତ ହୋଇଛି। ତା ନା'ରେ ବାରମ୍ବାର ଅଭିଯୋଗ ହେଉଥିଲା।ଶନିବାର ବେଆଇନ ମଦ ବିକ୍ରି କରିବା ଆଡାରେ କଣ୍ଟାବାଞ୍ଜି ଅବକାରୀ ପୁଲିସ ଚଢ଼ଉ କରି ଖଗସାକୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କଣ୍ଟାବାଞ୍ଜି ଅବକାରୀ ଓଆଇସି ପ୍ରବିଣ ସାହୁ ପ୍ରକାଶ କରିଛନ୍ତି।

## ଯୁବତୀ ନିଖୋଜ



ମୁରିବାହାଲ,୨୦।୯ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୋଇମୁଣ୍ଡ ପଞ୍ଚାୟତ ବୁଢ଼ିପଦର ଗ୍ରାମର ବ୍ରିଜ ମୋହନ ବେହେରାଙ୍କ ଝିଅ ପୂଜା ବେହେରା (୧୯) ଘରୁ ନିଖୋଜ ହେଇଥିବା ନେଇ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ସମସ୍ତ ପରିବାର ଏକା ସାଙ୍ଗରେ ଖାଇପିଇ ଶୋଇଥିଲେ। ଶନିବାର ଭୋର ୫ ସମୟରୁ ଝିଅ ଶୋଇବା ସ୍ଥାନରେ ନ ଥିଲା। ଘର ଲୋକ ସବୁଆଡେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ମୁରିବାହାଲ ଥାନାରେ ଅଭିଯୋଗ ପରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଧାନ ବିଲରେ ସାପ କାମୁଡ଼ାରେ ଜଣେ ଗୁରୁତର

କଣ୍ଟାବାଞ୍ଜି,୨୦।୯ (ସମିସ): ଧାନବିଲରେ କୀଟନାଶକ ଔଷଧ ଦେବା ସମୟରେ ଜଣେ ଚାଷୀଙ୍କୁ ସାପ କାମୁଡି ଦେଇଛି। ଗୁରୁତର ବ୍ୟକ୍ତି ଜଣକ ବେଳପଡା ଥାନା ଫୁଲକାନି ଗାଁର ଜଳନ୍ଧର ଜାନୀ (୩୫)। ସେ ଗୁରୁତର ହୋଇ କଣ୍ଟାବାଞ୍ଜି ଡାକ୍ତରଖାନରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

## ତିତିକ୍ଷା ୱେଲଫେଆର ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ



ସଇଁତଲା,୨୦।୯ (ସମିସ): କୁଇକେଡା ପଞ୍ଚାୟତ ରେଙ୍ଗାଲିଗାଁର କୃଷ୍ଣଚନ୍ଦ୍ର ସାହୁଙ୍କୁ ତିତିକ୍ଷା ୱେଲଫେଆର ଫାଉଣ୍ଡେସନ ପକ୍ଷରୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ତିତିକ୍ଷା ୱେଲଫେଆର ଫାଉଣ୍ଡେସନ ଏକ ଜନହିତାଧିକାରୀ ସଙ୍ଗଠନ ଭାବେ ଦୀର୍ଘ ଦିନରୁ ସଇଁତଲା ଅଞ୍ଚଳରେ କାମ କରି ଆସୁଛି। ତେବେ ଏହି ସଙ୍ଗଠନର ଉଦ୍ଦେଶ୍ୟ ଲୋକଙ୍କୁ ଆମ୍ନିର୍ଭର କରି ଆର୍ଥିକ ଦୃଷ୍ଟିକୋଣରୁ ସୁଦୃଢ଼ କରିବା। ତା ସହ ସଙ୍ଗଠନର କୌଣସି ସଦସ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଲେ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ ସହ ସଙ୍ଗଠନର କୌଣସି ସଦସ୍ୟ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଉଛି। ବଶିଷ୍ଠ ଧରୁଆ, ସୂର୍ଯ୍ୟକନ୍ତୀ କୁମ୍ଭାର, ଛାୟାମଣି ରଣା, ଡୋଲେଶ୍ୱରି ମହାନନ୍ଦ, ସଂଜୁଲତା ମଲିକ, ବିରାଜ ରଣା, ପିଆରଓ ଜିତେନ ମହାନନ୍ଦ, ସ୍ଥାନୀୟ ସରପଞ୍ଚ ଯୁଗଲାଲ ମାଝୀମନୀଷ ସୁନା, ନିଳୀମା ନାଗ, ନାଏବ ସରପଞ୍ଚ ବନ୍ଦିତା ପଟେଲ, ୱାର୍ଡ ସଭ୍ୟ କଜଳି ମଲିକ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଯୁରାବନ୍ଧ ପଞ୍ଚାୟତରେ ଦୁର୍ନୀତି ପ୍ରସଙ୍ଗ
## ସ୍କୁଟି, ବାଇକ୍‌ରେ ଯୋଗାଣ ହୋଇଛି ବାଲି, ମାଟି, ଇଟା
### ବିଡ଼ିଓଙ୍କ ରିପୋର୍ଟ ଖୋଲିଲା ଦୁର୍ନୀତିର ଗୁମର

ସଇନ୍ତଲା,୨୦।୯ (ସମିସ): ବଲାଙ୍ଗୀର ଜିଲ୍ଲା ସଇନ୍ତଲା ବ୍ଲକ୍ ଯୁରାବନ୍ଧ ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତ ହୋଇଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶକଙ୍କ କ୍ରମେ ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା, ଅଭିଯୋଗକାରୀ, ସରପଞ୍ଚ, ପିଇଓ ରୁଦ୍ର ବାଗଙ୍କ ଉପସ୍ଥିତରେ ତଦନ୍ତ ହୋଇଥିଲା। ତଦନ୍ତ ବେଳେ ଦୁର୍ନୀତି କରାଯାଇଥିବା ସ୍ପଷ୍ଟ ହୋଇଥିଲା। ପରେ ବିଡ଼ିଓ ଶ୍ରୀ ମିର୍ଦ୍ଧା ତଦନ୍ତ ରିପୋର୍ଟକୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ପଠା ଯାଇଥିଲା; ମାତ୍ର ସୂଚନା ଅଧିକାର ଆଇନରୁ ମିଳିଥିବା ତଦନ୍ତ ରିପୋର୍ଟ ତଥ୍ୟ ଅନୁସାରେ ଉକ୍ତ କାମରେ ଦୁର୍ନୀତି ହୋଇ ନ ଥିବା ଦର୍ଶାଯାଇଥିଲା। ତେବେ ବିଡ଼ିଓଙ୍କ ରିପୋର୍ଟ ଦୁର୍ନୀତିର ଗୁମର ଖୋଲିଛି। ଯୁରାବନ୍ଧ ପଞ୍ଚାୟତରେ ଉନ୍ନୟନ କାମରେ ଦୁର୍ନୀତି ଖବର ପ୍ରକାଶ ପରେ ବଲାଙ୍ଗିର ପିଡିଙ୍କ ନିର୍ଦ୍ଦେଶ କ୍ରମେ ସଇନ୍ତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ସହକାରୀଯନ୍ତ୍ରୀ ସନ୍ତୋଷ ବେହେରା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ଖଲିଆମୁଣ୍ଡାରେ କୌଣସି ପୋଖରୀ ନ ଥିବାବେଳେ ବଳେ ୨ଲକ୍ଷ ଟଙ୍କାର ଫାଇଲ ଚାଷ ହୋଇଥିବା ଜଣାପଡ଼ିଥିଲା। ସେହିପରି କିଉମାଳ ଗ୍ରାମରେ ପୁରୁଣା ଚର୍ଚ୍ଚକୁ ଦେଖାଇ କମ୍ୟୁନିଟି ହଲ୍ ନାଁରେ ଏସଏଫସି ପାଣ୍ଠିରୁ ୨ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା। ସେହିପରି ଜୁରବନ୍ଦ ପ୍ରାଥମିକ ବିଦ୍ୟାଳୟ ଉନ୍ନତିକରଣ ପାଇଁ ଆସିଥିବା ଅନୁଦାନକୁ ହଡ଼ପ କରିଥିବା ଜଣାପଡ଼ିଥିଲା। ତେବେ ଅନେକ ଉନ୍ନୟନ କାମ ହୋଇଥିବା ଦର୍ଶାଇ ନକଲି ଫାଇଲ ଖୋଲି ସେଥିରେ ନକଲି ଟ୍ରାକ୍ଟର ବିଲ୍, ନକଲି ଜିଏସଟି ବିଲ୍ ଲଗାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ବିଡ଼ିଓଙ୍କ ତଦନ୍ତ ରିପୋର୍ଟ ଗୁମର ଖୋଲି ଦେଇଛି। ଟ୍ରାକର ବିଲରେ ସ୍କୁଟି, ବାଇକ୍ ନମ୍ବର ପଡିଛି। ଦି ଚକିଆରେ ବାଲି, ଇଟା, ସିମେଣ୍ଟ, ଯୋଗାଣ ହୋଇଛି। ତେବେ ଏନେଇ ବିଡ଼ିଓ ଶ୍ରୀ ମିର୍ଦ୍ଧାଙ୍କୁ ପଚାରିବାରୁ ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ।

## ■ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ବିଲ୍ ହେଉନି
## ୨୨ରେ ବ୍ଲକ୍ ଘେରଉ ପାଇଁ ଚେତାବନୀ

ଦେଓଗାଁ,୨୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବିଭିନ୍ନ ଉନ୍ନୟନ କାମ କରିଥିବା ହିତାଧିକାରୀ ବର୍ଷାଧିକ କାଳ ହେଲା ବିଲ୍ ପାଇ ନ ଥିବା ଅଭିଯୋଗ ହୋଇଛି। ସମିତିସଭ୍ୟା ଆନନ୍ଦିନୀ ଦଲାଇ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଭୋଇ, ମକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ହିତେଷ ଦଲାଇ, ଅତି ବିକାଶ ବାରିକ, ବିରେନ ଦଲାଇ, ବୁଦ୍ଧଦେବ ପରୁଆ ପ୍ରମୁଖ ସାକ୍ଷାତ କରି ଏହି ଚେତାବନୀ ଦେବା ସହ



ଏହିଯୋଜନାରେ ଅନୁଦାନ ମହଜୁଦ ଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ବିଲ୍ ହୋଇପାରୁ ନ ଥିବା ହିତାଧିକାରୀ ଅଭିଯୋଗ ଉଠାଇଛନ୍ତି। ଏଣୁ ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖ ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ତାଲାଦେଇ ପ୍ରତିବାଦ କରାଯିବ। ଶନିବାର ଅପରାହ୍ନରେ ବିଡିଓ ପ୍ରୀୟ ରଞ୍ଜନ କୁମାରଙ୍କୁ ହିତାଧିକାରୀ ତଥା ବିଜୁ ଯୁବ ଜନତାଦଳର ସଭାପତି ଶୈଳେନ୍ଦ୍ର ସାହୁ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଦେଓଗାଁ ସରପଞ୍ଚ ନୀନା ଛତ୍ରିଆ, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ଲଣ୍ଡାପଥର ସରପଞ୍ଚ ଦେବାନ୍ତୀ କ୍ଷେତୀ, ଦେଓଗାଁ ସମିତିସଭ୍ୟା ମୀନାକୁମାରୀ ସା, ଉଡାର ,କ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଯୋଜନାର ବ୍ଲକର ସମସ୍ତ ୨୬ଟି ପଞ୍ଚାୟତର ୨୫୬ଟି ଉନ୍ନୟନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ହିସାବରେ ୧୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୬ କୋଟି ୭୬ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୨କୋଟି ୯୪ ଲକ୍ଷ ଟଙ୍କା ଅନୁଦାନ ଆସି ବ୍ଲକରେ ପଡିରହିଛି। ପ୍ରାୟ ପ୍ରକଳ୍ପଗୁଡିକ କାମ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ଅଦ୍ୟବଧି ବିଲ୍ ହୋଇନାହିଁ। ଏଣୁ କାମ କରିଥିବା ହିତାଧିକାରୀ ଟଙ୍କା ବିନିଯୋଗ କରି ବିଲ୍ ପାଇପାରୁ ନ ଥିବା ଏକ ପରିତାପର ବିଷୟ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଶିଶୁ ସୁରକ୍ଷା ୟୁନିଟ୍ ଓ ଅରୁଣା ପକ୍ଷରୁ ସଚେତନତା ଶିବିର

ବଲାଙ୍ଗିର,୨୦।୯ (ସମିସ): ସ୍ଥାନୀୟ ଲର୍କିପାଲି ସରକାରୀ ଆଇଟିଆଇ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରୁଣାର ମିଳିତ ଆୟୋଜନରେ ଏହା ଅନୁଷ୍ଠିତ ହୋଇଥିଲା। ଯଶୋଦା ଯୋଜନା, ଗ୍ରୀନ ପାସେଜ ପ୍ରମାଣପତ୍ର ଓ ଶିଶୁ ସହାୟତା ନମ୍ବର ୧୦୯୮ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆଇଟିଆଇର ଅଧକ୍ଷ ସାମା ଓରାମ ଅଧକ୍ଷତା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅରୁଣ ଖୁଆସ ବାଲ୍ୟ ବିବାହ, ପୋକସୋ ଆଇନ୍ ଉପରେ କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ



ବଗର୍ତ୍ତି ଗ୍ରୀନ ପେସେଜର ଆବଶ୍ୟକତା, ଯୋଗ୍ୟତା, ସାର୍ଟିଫିକେଟର ମହତ୍ୱ ସହ ସରକାରୀ କଲେଜ, ବୈଷୟିକ ପାଠ୍ୟକ୍ରମ ଉପରେ ଛାଡ ହେଉଥିବା ଫି' ଉପରେ ଜଣାଇଥିଲେ। ଗ୍ରୀନ ପାସେଜ୍‌ର ଉପକାରିତା ଏବଂ ପିତାମାତାଙ୍କୁ ହରାଇଥିବା ଛାତ୍ରଛାତ୍ରୀ ଯଶୋଦା ଯୋଜନାରେ ଆବେଦନ କରି ଆର୍ଥିକ ସହାୟତା ପାଇ ପାରିବେ ବୋଲି ଜଣାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର ସୁଧାଂଶୁ ଶେଖର କୁମ୍ଭାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ଆହ୍ୱାନ ଦେଇଥିଲେ। ଆଇଟିଆଇର ତାରିଣୀ ଚନ୍ଦ୍ର ମହାନ୍ତି, ଜିତେନ୍ଦ୍ର ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ୬୫ ୟୁନିଟ ରକ୍ତ ସଂଗ୍ରହ




ବଲାଙ୍ଗିର,୨୦।୯ (ସମିସ): ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ ନିର୍ଦ୍ଦେଶନାରେ ଟିୱାଇପି ବଲାଙ୍ଗିର ଏବିଟିୱାଇପିର ଗୋ÷ରବମୟ ୬୧ତମ ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ ଜିଲ୍ଲା ମୁଖ୍ୟାଳୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଲଖନ ଜୈନ, ରମେଶ ସାହୁ, ନରେନ୍ଦ୍ର ଜୈନ, ବରିଷ୍ଠ ସିଏ, ତେରାପନ୍ଥ ସଭାର ଶୈଳେଶ ଜୈନ, ସଞ୍ଜିବ ଜୈନ, ନିଶା ଜୈନ ଏବଂ ଶ୍ରେୟସ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ସଇଁତଲା ବ୍ଲକ୍‌ରେ କ୍ରୀଡ଼ା ପ୍ରତିଯୋଗିତା

ସଇଁତଲା,୨୦।୯ (ସମିସ) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକର ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ବାଳକ, ବାଳିକାଙ୍କ ବିଦ୍ୟାଳୟସ୍ତରୀୟ ସ୍କୁଲ ସମୂହ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇ ଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱ ଓ ବ୍ଲକ ସମ୍ପାଦିକା ଶ୍ରୀମତୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ କେରମେଲୀ ପ୍ରଧାନ ଶିକ୍ଷକ ତଥା ଜୋନ ସଭାପତି ସରୋଜ ମିଶ୍ର, କଁସର



ଜୋନର ସଭାପତି ତଥା ପ୍ରଧାନ ଶିକ୍ଷକ ଘନଶ୍ୟାମ ଦଣ୍ଡସେନା, ଟିକ୍ରାପଡ଼ା ଜୋନର ସଭାପତି ତଥା ପ୍ରଧାନ ଶିକ୍ଷକ ଭୀମସେନ ଦେହେରୀ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ୪ଟି ଜୋନରୁ ୧୦୦ ଖେଳାଳି ଓ ୨୫ ଖେଳ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅକ୍ଟୋବର ୧୫ରୁ ୧୭ ତାରିଖରେ ସଇଁତଲା ବ୍ଲକର ବେଲଗାଁରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାପାଇଁ ସବୁ ବିଭାଗରୁ ୨୫ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଘୁନସର ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରଞ୍ଜିତା ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର ବେରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## କରୁଆଁଝରରେ ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଦେଓଗାଁ,୨୦।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବଡବନ୍ଧ ପଞ୍ଚାୟତ କରୁଆଁଝର ଖେଳପଡିଆରେ ଶନିବାର ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅବସରରେ ଖୋ ଖୋ ଓ କବାଡି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକର ୪ଟି ଜୋନ ଜରାସିଂହା, ଅର୍ଜୁନପୁର, ସାସରମାଲ ଓ ବନ୍ଧପଡାରେ



ହୋଇଥିବା ଜୋନସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୩୪୪ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିମଧ୍ୟରୁ କବାଡିରେ ୪୦ଜଣ ଛାତ୍ରଛାତ୍ରୀ ଓ ଖୋଖୋରେ ୪୮ଜଣ କୃତିତ୍ୱ ଅର୍ଜନ କରି ଜିଲ୍ଲାସ୍ତରକୁ ମନୋନିତ ହୋଇଥିବା ସୂଚନା ଦିଆଯାଇଛି। ଉଦଘାଟନୀ ଉତ୍ସବରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ କ୍ଷମାନିଧି ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ମମତା ମାହାଡିକ, ମୁଖ୍ୟ ବକ୍ତା ଭାବେ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ, ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଖେଳ ସମ୍ପାଦକ ଉମେଶଚନ୍ଦ୍ର ପାଣିଗ୍ରାହୀ, ବଗଡା ଇନ୍ଦିରାଗାନ୍ଧୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ ପଧାନ, ସାରସମାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବଦାଶ ମିଶ୍ର, ବନ୍ଧପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ନୀଳକଣ୍ଠ ଷାଣ୍ଢ, ଏବିଇଓ ଚୈତନ୍ୟ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁନୀଳ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୬୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ:ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୬୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା ।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ),
ଅଶୋକ ସାମଲ, ସାରଦା ପୃଷ୍ଟି,
ମନ୍ମଥ ସାମଲ


## ନିରୁଦ୍ଦିଷ୍ଟ



ବଡ଼ଅଁରପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଡ଼ଅଁରପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚ୍ଚତା ୫'୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଡ଼ଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।

## ଖଣି ଅଞ୍ଚଳର ବିକଳ ଶିକ୍ଷା ବ୍ୟବସ୍ଥା

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଘେରିଲେ ଅଭିଭାବକ



ଜଣେ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଛି ୨ ଶ୍ରେଣୀ

**କୋଇଡ଼ା, ୨୦।୯ (ସମିସ) :** କୋଇଡ଼ା ଖଣି ଅଞ୍ଚଳର ବିକଳ ଶିକ୍ଷା ବ୍ୟବସ୍ଥା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏ ସମ୍ପର୍କରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଖଣି ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଏମିତି ହୋଇଛି ଯେ ବ୍ଲକରୁ କେହି 'ଏ ୱାନ୍' ଗ୍ରେଡ୍ ପାଉନାହାନ୍ତି । କୋଇଡ଼ା ବ୍ଲକ ଜାମୁଡିହି ପଞ୍ଚାୟତ ମଞ୍ଜାବେଡ଼ା ପ୍ରାଥମିକ ବିଦ୍ୟାଳୟ ପଟିଆଟୋଲାରେ ରହିଛି ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ । ଏଠାରେ ଜଣେ ମାତ୍ର ଅସ୍ଥାୟୀ କନିଷ୍ଠ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି । ଶିକ୍ଷୟିତ୍ରୀ କନକଲତା ବେହେରା ଏଠାରେ ଏକୁଟିଆ ସବୁ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ସହ ଶିଶୁ ବାଟିକାରେ ଶିଶୁଙ୍କ ଯତ୍ନ ମଧ୍ୟ ନେଉଛନ୍ତି । ସେହିପରି ମଧ୍ୟାହ୍ନ ଭୋଜନ, ଅଣ୍ଡା ହିସାବ ଠାରୁ ସବୁ କାଗଜପତ୍ର କାମର ଭାର ମଧ୍ୟ ତାଙ୍କରି ଉପରେ । ଏଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । ପରିସ୍ଥିତି ଦେଖି ଅଭିଭାବକଙ୍କ ସମେତ ଖୋଦ୍ ଜାମୁଡିହି ସରପଞ୍ଚ ନେଲସନ୍ ମୁଣ୍ଡା ବହୁବାର ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ନିକଟରେ ଫେରାଦ ହୋଇଥିଲେ ବି ଫଳ ଶୂନ । ଏଠାରେ ଅତିରିକ୍ତ ଶିକ୍ଷକ ନିୟୋଜିତ ପାଇଁ ଅଭିଭାବକ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ଏପରିକି ଆଜି ଅଭିଭାବକମାନେ ବିଦ୍ୟାଳୟ ପରିସରରେ ଏକାଠି ହୋଇ ଏ ଦିଗରେ ଆଲୋଚନା କରିବା ସହ ଶିକ୍ଷକ ନିଯୁକ୍ତି ନେଇ ଦାବି କରିଥିଲେ । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ ମୁଁ ସମସ୍ୟା ବିଷୟରେ ଅବଗତ ଅଛି । ଜଣେ ଶିକ୍ଷକ ନିୟୋଜିତ କରିଛି । କିନ୍ତୁ ତାଙ୍କର ବିଏଲ୍‌ଓ ଡ୍ୟୁଟି ଚାଲୁଥିବାରୁ ସେ ଯୋଗଦେଇ ପାରିନାହାନ୍ତି ।

## ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା

# ଧରାପଡ଼ିଲେ ୫ ଡକାୟତ; ମାରଣାସ୍ତ୍ର ଜବତ

ରାଉରକେଲା, ୨୦।୯ (ସମିସ)



ସହରର କୌଣସି ଏକ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା କରୁଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୫ କୁଖ୍ୟାତ ଡକାୟତଙ୍କୁ ଧରିବାରେ ସଫଳ ହୋଇଛି । ଏଥିସହ ଡକାୟତି ଯୋଜନାକୁ ପଣ୍ଡ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ରେଲୱେ କଲୋନୀର ଦୀପକ ଷଣ୍ଢ ଓରଫ ସାନବାବୁ (୨୯), ଅଜୟ ବେହେରା (୩୧), ରାହୁଲ ଗିରି (୨୩), ଟିମ୍ବର୍ କଲୋନୀର ଆକାଶ ସିଂ ଓରଫ କାଭା (୨୪) ଓ ରାଜଗାଙ୍ଗପୁର ମିଶନ ହୋତା ଅଞ୍ଚଳର ଅର୍ଜୁନ ରବିଦାସ (୨୬) । ସେମାନଙ୍କ ଠାରୁ ୨ଟି ରଡ୍, ଗୋଟିଏ ଭୁଜାଲି ଓ ଗୋଟିଏ ଛୁରି ଜବତ କରାଯାଇଛି । ପୁଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ ରେଲୱେ କଲୋନୀ ବଡ଼ ପାର୍କଠାରେ କିଛି ଯୁବକ ଏକତ୍ରିତ ହୋଇଥିବା ସୂଚନା ମିଳିଥିଲା । ଏ ନେଇ ଏସ୍‌ଆଇ ଜି. ଏନ୍. ଗଡ଼ିଆ ନିଜ ଟିମ୍ ସହ ଚଢ଼ଉ କରିଥିଲେ । ପଚରାଉଚରା ପରେ ନିକଟସ୍ଥ ଘର, ଦୋକାନ ଓ ପେଟ୍ରୋଲ ପମ୍ପଠାରେ ଡକାୟତି ଯୋଜନା କରୁଥିବା ଜଣାପଡ଼ିଥିଲା । ଗିରଫ ସାନବାବୁ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୨୭ଟି, ଅଜୟ ନାଁରେ ୨ଟି, ଅର୍ଜୁନ ନାଁରେ ୨ଟି ଓ କାଭା ନାଁରେ ୧୬ଟି ମାମଲା ରହିଥିବା ବେଳେ ରାହୁଲ ବିଷୟରେ ଅଧିକ ତଦନ୍ତ ଜାରି ରହିଛି ।

# ବିରଜା କ୍ଷେତ୍ର ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

**ରାଉରକେଲା, ୨୦।୯ (ସମିସ):** ରାଉରକେଲା ସହରରେ ବସବାସ କରୁଥିବା ଯାଜପୁର ଜିଲ୍ଲାର ବାସିନ୍ଦାଙ୍କୁ ନେଇ ଗଠିତ ବିରଜା କ୍ଷେତ୍ର ସଂଘର ୨୦୨୫-୨୭ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଛି । ଆଜି ସନ୍ଧ୍ୟାରେ କୋଏଲନଗରସ୍ଥିତ ଅବସରପ୍ରାପ୍ତ ଇସ୍ପାତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ସଂଘର ସଭାପତି ଇଂ ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ସଂଘର ଉପଦେଷ୍ଟା ସମାଜସେବୀ ସଞ୍ଜୀବ କୁମାର ମହାନ୍ତି ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ମା' ବିରଜାଙ୍କ ନାମରେ ଶପଥ ପାଠ କରାଇଥିଲେ । ଏହି ଅବସରରେ ୨୦୨୫-୨୭ ବର୍ଷ ପାଇଁ ନୂତନ କମିଟିର ସଭାପତି ଭାବେ ଅଭୟ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଡ. ସଂଗ୍ରାମ କେଶରୀ ମହାନ୍ତି, ଉପସଭାପତି ଡ. ରବୀନ୍ଦ୍ର ନାଥ ମିଶ୍ର, ଅକ୍ଷୟ କୁମାର ଜେନା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ନାୟକ, ଗଗନ ବିହାରୀ ରାଉତ, ସାଙ୍ଗଠନିକ ସମ୍ପାଦକ ବିଭୂତି ଭୂଷଣ ପୁହାଣ, ସହ ସାଙ୍ଗଠନିକ ସମ୍ପାଦକ ସଞ୍ଜୟ କୁମାର ନାୟକ, ହରିହର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ସାମଲ, ସହ କୋଷାଧ୍ୟକ୍ଷ ଦେବକାନ୍ତ ଧଳ, ସାଂସ୍କୃତିକ ସମ୍ପାଦକ ଉର୍ବଶୀ ପତି, ସହ ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ପତି, ରଶ୍ମିତ ସାହାଣୀ, ମୁଖପାତ୍ର ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ବରିଷ୍ଠ ସାମ୍ବାଦିକ ଅବନୀ ରଞ୍ଜନ ମହାପାତ୍ର, ସନ୍ତୋଷ କୁମାର ଦାସ, ଦୀନେଶ କୁମାର ମିଶ୍ର, ଏବଂ ସୁଜିତ ମହାନ୍ତି ଓ ଆଇନ ପରାମର୍ଶଦାତା ନିହାର ରଞ୍ଜନ ସିଂ, କାର୍ଯ୍ୟକାରୀ ସଦସ୍ୟ ଭାବେ ଅନୁପ ସାମଲ, ବିରାଜ ମୋହନ ବିଶ୍ୱାଳ, ନାରାୟଣ ଚନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ସାମଲ, ଦିଗମ୍ବର ଦାସ, ଚିତ୍ରସେନ ବିଶ୍ୱାଳ, ରବୀନ୍ଦ୍ର ପୋଥାଳ, ଧର୍ମାନନ୍ଦ ବିଶ୍ୱାଳ, ପ୍ରଦ୍ୟୁମ୍ନ ମହାପାତ୍ର, ରଞ୍ଜନ ସାହୁ, ନବଘନ ସାମଲ, ବୈକୁଣ୍ଠ ଦ୍ୱିବେଦୀ ପ୍ରମୁଖ ଶପଥ ପାଠ କରି ନିଷ୍ଠାର ସହ ସଂଘ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ ।



# ଆର୍‌ଏସ୍‌ପି ପ୍ଲେଟ୍ ମିଲ୍‌ର ବୈଷୟିକ ଉନ୍ନତୀକରଣ ଦ୍ୱାରା ବିପୁଳ ସଞ୍ଚୟ ହାସଲ

**ରାଉରକେଲା, ୨୦।୯ (ସମିସ):** ସେଲ୍‌ଙ୍କ, ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ ବିଭାଗରେ ମୁଖ୍ୟ ମରାମତି-୨୦୨୫ ଅଭିଯାନ ସମୟରେ ପ୍ରମୁଖ ବୈଷୟିକ ଉନ୍ନତିକରଣ କରାଯାଇଛି । ଯାହାଦ୍ୱାରା ବିପୁଳ ସଞ୍ଚୟ ହାସଲକୁ ସୁନିଶ୍ଚିତ କରିଛି । ଉଲ୍ଲେଖନୀୟ ଯେ, ପ୍ଲେଟ୍ ମିଲ୍ ବିଭାଗର ମୁଖ୍ୟ ମରାମତି ସେପ୍ଟେମ୍ବର ୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିଲା । ଫର୍ଣ୍ଣେସ୍ ଡିସଚାର୍ଜ ପିଏଲ୍‌ସି ସିଷ୍ଟମର ପ୍ରତିସ୍ଥାପନ ଯାହା ଡିସଚାର୍ଜ ରୋଲର ଟେବୁଲ୍, ସ୍ଲାବ୍ ଟ୍ରାନ୍ସଫର କାର୍, ପ୍ରାଥମିକ ଡିସକେଲିଂ ଏବଂ ସ୍କେଲ୍ ପିଟ୍ ପମ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ କରେ ତାହା ଏହି ମରାମତିର ସବୁଠାରୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ମଧ୍ୟରୁ ପ୍ରମୁଖ ଥିଲା । ୱିଣ୍ଡୋଜ୍-୯୮ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ ପୁରୁଣା ଏବଂ ଅସୁବିଧାଜନକ ଆଲେନ୍ ବ୍ରାଡଲି ଏସଏଲସି-୫୦୦ ପିଏଲସି, ବର୍ତ୍ତମାନ ଇଞ୍ଜିନିୟରିଂ ଏବଂ ଏଚଏମଆଇ ସହିତ ଏକ ଅତ୍ୟାଧୁନିକ ସିମେନ୍ସ ଏସ ୭-୪୦୦ ପିଏଲସି ସହିତ ବଦଳାଯାଇଛି ।

ସମଗ୍ର ପ୍ରକଳ୍ପଟି ନିଜସ୍ୱ ବିଶେଷଜ୍ଞତା ଏବଂ ସମ୍ବଳ ବିନିଯୋଗରେ କାର୍ଯ୍ୟକାରୀ କରାଯାଇଥିଲା । ପିଏଲସି କାର୍ଡଗୁଡ଼ିକ ଇ ଆଣ୍ଡ ଏ ରୁ ଉତ୍ସ ପାଇଥିଲା ଏବଂ ପରୀକ୍ଷଣ କରାଯାଇଥିଲା ବେଳେ ପ୍ଲେଟ୍ ମିଲ୍ ବିଭାଗର ଇଲେକ୍ଟ୍ରିକାଲ୍ ଦଳ ନିୟନ୍ତ୍ରଣ ପ୍ୟାନେଲଗୁଡ଼ିକୁ ନିର୍ମାଣ ଏବଂ ତାରଯୁକ୍ତ କରିଥିଲା । ବାହ୍ୟ ନିର୍ଭରଶୀଳତାକୁ ଏଡାଇ, ମିଲ୍ ଦୀର୍ଘକାଳୀନ ଶକ୍ତି ସଞ୍ଚୟକୁ ସୁନିଶ୍ଚିତ କରିବା ସହିତ ୫୦ ଲକ୍ଷ ଟଙ୍କାର ଏକକାଳୀନ ସଞ୍ଚୟ ହାସଲ କରିଥିଲା ।

ପ୍ଲେଟ୍ ମିଲ୍ ବିଭାଗର ସିଜିଏମ୍ ଏବଂ ବିଭାଗ ମୁଖ୍ୟ ଏତୁଆ ଓରାମ ଏବଂ ଇଲେକ୍ଟ୍ରିକାଲ ବିଭାଗର ସିଜିଏମ୍ ତଥା ଆଇ ଆଣ୍ଡ ଏ ବିଭାଗର ମୁଖ୍ୟ ଆର. କେ. ମୁଦୁଲିଙ୍କ ପ୍ରୋତ୍ସାହନ ଏବଂ ସକ୍ରିୟ ମାର୍ଗଦର୍ଶନ ସହିତ ଆଇଏଣ୍ଡଏ (ଅଟୋମେସନ୍) ଏବଂ ପିଏମ୍ (ଇଲେକ୍ଟ୍ରିକାଲ୍) ଦଳଗୁଡ଼ିକ ଦ୍ୱାରା ମିଳିତ ଭାବରେ ପିଏଲସି ସିଷ୍ଟମ୍ ବିନ୍ୟାସର ପରିକଳ୍ପନା, ଡିଜାଇନ୍ ଏବଂ ଅଫ୍‌ଲାଇନ୍‌ରେ ପରୀକ୍ଷଣ କରାଯାଇଥିଲା । ଇଲେକ୍ଟ୍ରିକାଲ୍ ବିଭାଗର ଏଚ୍‌ଓଏସ୍ ଏବଂ ଜିଏମ୍ ଦୀପଙ୍କର ମହାପାତ୍ର, ଆଇ ଆଣ୍ଡ ଏ ବିଭାଗର ଜିଏମ ଏ. କେ. ସୁରାନା, ଇ ଆଣ୍ଡ ଏ ବିଭାଗର ଜିଏମ ସୁଶୀଲ କୁମାର ମିଶ୍ର, ମନୀଷ କୁମାର ସିହ୍ନା, ଅବିନାଶ ପଟ୍ଟନାୟକ, ଶୁଭଦର୍ଶନ ପାଠୀ, ଶ୍ରୀ ବିକାଶ କୁମାର, ଏମ୍. ବାଲକୃଷ୍ଣ, ଚୌଧୁରୀ ଈଶ୍ୱର ରାଜ, ବି. ବାରିସାଲ, ପି. କେ. ସାହୁ, ଆର. କେ. ଦାସ ଏବଂ ଏ. କେ. ବାରିକଙ୍କୁ ନେଇ ଏକ ପ୍ରତିବଦ୍ଧ ଦଳ ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍‌ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।



# ରାଉରକେଲା ରିଡ଼ଁରେ ହେବ ନୂତନ ଶିଳ୍ପାଞ୍ଚଳ

**ରାଉରକେଲା, ୨୦।୯ (ସମିସ):** ରାଉରକେଲାର ରିଡ଼ଁରେ ଏକ ନୂତନ ଶିଳ୍ପାଞ୍ଚଳ କରାଯିବ ବୋଲି ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳର ବିକାଶକୁ ଅଧିକ ଗତିଶୀଳ ତଥା ଜିଲ୍ଲାରେ ବେକାରୀ ସମସ୍ୟା ଦୂର କରିବା ନିମିତ୍ତ ଦ୍ୱିତୀୟ ଶିଳ୍ପାଞ୍ଚଳର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି । ଏ ନେଇ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା ବେଳେ ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପ୍ରସ୍ତାବ ପ୍ରସଙ୍ଗରେ କାଲି ବିଧାନସଭା ପ୍ରଶ୍ନୋତ୍ତର କାଳରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ବାଚସ୍ପତିଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ଉତ୍ତରରେ କହିଥିଲେ ଯେ, ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଇଡ୍‌କୋ ମାଧ୍ୟମରେ ରାଉରକେଲା ନିକଟସ୍ଥ ରିଡ଼ଁ ଗ୍ରାମରେ ମୋଟ ୯୪.୪୫୦ ଏକର ଜମି ଅଧିଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ୫୪.୦୭୦ ଏକର ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ନିର୍ମାଣ ସରିଛି । ଅବଶିଷ୍ଟ ୩୯.୪୮ ଏକର ଜମି ଇଡ୍‌କୋ ଆବଶ୍ୟକତା ଅନୁସାରେ ଆବେଦନକାରୀ, ଶିଳ୍ପପତି ତଥା ଆବେଦକଙ୍କ ଦରଖାସ୍ତର ତର୍ଜମା କରି ଜମି ବଣ୍ଟନ ଯୋଜନା ପ୍ରସ୍ତୁତ କରିବା ପାଇଁ ବାକି ରହିଛି । ଏଠାରେ ସୂଚନାଯୋଗ୍ୟ ଯେ, ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ହୋଇ ଆସୁଥିଲା । ଶିଳ୍ପ ପ୍ରତିଷ୍ଠା ହେଲେ ଅଞ୍ଚଳର ବିକାଶ ହେବା ସହିତ ଜିଲ୍ଲାରେ ବେକାରୀ ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି ।

# 'ସେଲ୍ ସାବାସ' ଯୋଜନାରେ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ



ରାଉରକେଲା, ୨୦।୯ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସମାଗମ ସମ୍ମିଳନୀ ହଲରେ 'ସେଲ୍ ସାବାସ' ପୁରସ୍କାର ଯୋଜନାରେ ଆର୍‌ଏସ୍‌ପି କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି । ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୨୩ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉପଯୋଗିତା ଏବଂ ପରିବେଶ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନଚାର୍ଜ ପିସି ଦାଶ, ଜଳ ପ୍ରବନ୍ଧନ ବିଭାଗର ଜିଏମ୍ ଅଜିତ ବେହେରା, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜିଏମ୍ ଇନଚାର୍ଜ ଏସ୍‌ଏସ୍ ସାଇନି ଏବଂ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଶ୍ରୀ ମହାପାତ୍ର ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ କ୍ଷୁଦ୍ର ଅଭିନବ ଅବଦାନ ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଜଳ ପ୍ରବନ୍ଧନ ବିଭାଗର ଜୁନିୟର ଇଞ୍ଜିନିୟର ସଦାଶିବ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ; ୩ ଗୁରୁତର

**ବଣାଇଁ, ୨୦।୯ (ସମିସ):** ବଣାଇଁ ସହରର ମୁଖ୍ୟ ରାସ୍ତା ହସ୍ପିଟାଲ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୩ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ବଣାଇଁ ଶୁଣ୍ଠିକୋଣ ସାହିର ମଲ୍ଲି ମୁଣ୍ଡା, ତାଙ୍କ ସହିତ ମିସ୍ତ୍ରି ସେଖ୍, ଓ କାମୁ ଉଭୟ କରିବାକୁ ଜକେଇକଳା ଗ୍ରାମକୁ ଯାଇଥିଲେ । ସେଠାରୁ ସନ୍ଧ୍ୟା ସମୟରେ କାମ ସାରି ଫେରୁଥିବା ବେଳେ ସମ୍ମୁଖରୁ ଅନ୍ୟ ଏକ ବାଇକ୍‌ରେ ରାହୁଲ ଭଗତ ଓ ଅମିତ କୁମାର କୁଲୁ ଗମଲେଇ ସାପ୍ତାହିକ ହାଟରୁ ଟେନସାକୁ ଫେରୁଥିବା ବେଳେ ଉଭୟଙ୍କ ବାଇକ୍ ମଧ୍ୟରେ ହସ୍ପିଟାଲ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଉଭୟ ବାଇକ୍‌ରେ ଥିବା ଆରୋହୀ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ପୁଲିସ ସମସ୍ତଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ମଲ୍ଲି ମୁଣ୍ଡା ଓ ସେଖ୍, କାମୁ, ଅମିତ କୁମାର କୁଲୁଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି ।



# ୩ ବାଲି ବୋଝେଇ ଟ୍ରାକ୍ଟର ଜବତ; ୩ ଗିରଫ

**ରାଉରକେଲା, ୨୦।୯ (ସମିସ):** ବେଆଇନ ବାଲି ଚାଲାଣ ବେଳେ ସେକ୍ଟର-୧୫ ଥାନା ପୁଲିସ ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଶନିବାର ସ୍ଥାନୀୟ ସେକ୍ଟର - ୧୬ସ୍ଥିତ ବାଲିଘାଟ ଠାରୁ ଚୋରା ବାଲି ଚାଲାଣ ହେଉଥିବା ସୂଚନା ପାଇଁ ଇନ୍ସପେକ୍ଟର ସିନ୍ମୟ ବଳଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଲୁହାକେରା ଛକ ଓ ଡଙ୍ଗା ଘାଟଠାରେ ଯାଞ୍ଚ କରି ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଧରିଥିଲେ । ବାଲି ବୋଝେଇ ଟ୍ରାକ୍ଟର ଆବଶ୍ୟକୀୟ କାଗଜପତ୍ର ନଥିବାରୁ ପୁଲିସ ଜାଣିବାକୁ ପାଇଥିଲା । ଏହି ଘଟଣାରେ ଗିରଫ ଟ୍ରାକ୍ଟର ଚାଳକ ହେଲେ ଛୋଟେ କେରକେଟା(୩୩), ଶ୍ରାବଣ କୁମାର ଭୂମିଜ(୨୧) ଏବଂ ରାଜେଶ ଖଡ଼ିଆ(୨୦) । ସୂଚନାଯୋଗ୍ୟ ଯେ, ଏଭଳି ବିନା ଟିପିରେ ବାଲି ଚାଲାଣ ସହରରେ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପୁଲିସ ପ୍ରଶାସନ ସଜାଗ ରହିଥିବା କୁହାଯାଇଛି ।

# ଅନ୍ଧାରରେ ବଣାଇଁର ପ୍ରବେଶ ପଥ

**ବଣାଇଁ, ୨୦।୯ (ସମିସ):** ବଣାଇଁ ସହରର ମୁଖ୍ୟ ପ୍ରବେଶ ପଥ ଭାବେ ପରିଚିତ ଦେଓଗାଁର ବାବା ବାଣେଶ୍ୱର ମନ୍ଦିର ଛକ ଦୀର୍ଘଦିନ ହେବ ଅନ୍ଧାରରେ ରହିଛି । ଛକରେ ଥିବା ଷ୍ଟ୍ରିଟ୍ ଲାଇଟ୍‌ଟି ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଛି । ନୂତନ ପୋଲ ଦେଇ ଯାତାୟାତ ଆରମ୍ଭ ହେବାପରେ ଏବେ ବାରକୋଟ, ନରେନ୍ଦ୍ର, ରାଜା ମୁଣ୍ଡା ଦେଇ ତିନି ପାର୍ଶ୍ୱରୁ ଯାନବାହାନର ଯାତାୟାତ ଯୋଗୁଁ ଲୋକଙ୍କ ମଧ୍ୟ ଭିଡ଼ ଜମୁଛି । ତେଣୁ ଅନେକ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି । ବିଶେଷ ଭାବେ ମନ୍ଦିରକୁ ଆସୁଥିବା ଭକ୍ତମାନେ ମଧ୍ୟ ଅନ୍ଧାର ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଦଶହରା ସହ ପାର୍ବଣରେ ସହରରେ ଭିଡ଼ ପରିଲକ୍ଷିତ ହେବ । ତେଣୁ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକରେ ଷ୍ଟ୍ରିଟ୍ ଲାଇଟ୍ ବଦଳରେ ଏକ ହାଇମାଷ୍ଟ ଲଗାଇବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।



# ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଭିନ୍ନ ମହଲରେ ଶ୍ରଦ୍ଧାଞ୍ଜଳି



ରାଉରକେଲା, ୨୦।୯ (ସମିସ)

ସୁନ୍ଦରଗଡ଼ ମାଟିର ସ୍ୱାଭିମାନ, ବୀରମିତ୍ରପୁରରୁ ଚାରିଥର ବିଧାୟକ, ଟାଣୁଆ ଶ୍ରମିକ ନେତା ତଥା ଗାଙ୍ଗପୁର ମଜଦୂର ମଞ୍ଚର ସଭାପତି ଜର୍ଜ ତିର୍କୀ ଗତକାଲି ରାତି ପ୍ରାୟ ୧୧ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସନ୍ଧ୍ୟାରେ ତାଙ୍କର ପାର୍ଥିବ ଶରୀର ଭୁବନେଶ୍ୱରରୁ ଆସି ରାଉରକେଲାରେ ପହଞ୍ଚିଥିଲା । ସର୍ବସାଧାରଣଙ୍କ ଶେଷ ଦର୍ଶନ ଉଦ୍ଦେଶ୍ୟରେ ପାର୍ଥିବ ଶରୀରକୁ ଗାଙ୍ଗପୁର ମଜଦୂର ମଞ୍ଚ ଅଫିସ ଇ/୧୩, ସେକ୍ଟର-୮ ରେ ରଖାଯାଇଥିଲା । ରାଉରକେଲାର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ଶ୍ରମ ସଂଗଠନର କର୍ମକର୍ତ୍ତା, ରାଜନେତା, ସହରର ବିଶିଷ୍ଟ ବ୍ୟକ୍ତିବିଶେଷ ପହଞ୍ଚି ସ୍ୱର୍ଗତ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେମାନଙ୍କ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ, ସିଜିଏମ୍ ଟାଉନ ଇଞ୍ଜିନିୟରିଂ ବିଭାଗ ସିଜିଏମ୍ ବିଜୟ କୁମାର ଜୋଜୋ, ସୁଧାଂଶୁ ମହାପାତ୍ର ଜିଏମ୍ (ଏଚ୍‌ଆର), ହରିହର ରାଉତରାୟ, ପ୍ରଶାନ୍ତ ସେଠୀ, ଅକ୍ଷୟ ଜେନା, ସତ୍ୟ ସାହୁ, ନିହାର ଦାସ, ବି କେ ଶେଖରଦେଓ, ସୌମ୍ୟ ଧଳ, ଆର୍ କେ ପଣ୍ଡା, ସନ୍ତୋଷ କୁଜୁର, ସୁଲେମାନ କାଉଡ଼ିଆ, ମାଙ୍ଗେ ଏକ୍କା, ରାଜେଶ ତିର୍କୀ, ଆନନ୍ଦ ଟପ୍ପୋ, ସତ୍ୟାନନ୍ଦ ବେହେରା, ବିମାନ ମାଇତି, ବସନ୍ତ ନାୟକ, ହିମାଂଶୁ ବଳ, ବେଣ୍ଡିକ୍ ତିର୍କୀ, ସୁରେନ୍ଦ୍ର କଂସାରୀ, ଯୋଗେନ୍ଦ୍ର ମହନ୍ତ, ରମେଶ ସେଠୀ, ସଦାନନ୍ଦ ସାହୁ, ବି ଏମ୍ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ନିବେଦିତା ବାଗେ, କମଲେସ ସିଂ, ପ୍ରମୋଦ ପ୍ରଧାନ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ବଣାଇଁ ବିଜେଡି



ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଗତକାଲି ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆଜି ତାଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱରରୁ ବୀରମିତ୍ରପୁର ଅଭିମୁଖେ ନିଆଯିବାବେଳେ ରାଉରକେଲା ବିଜୁ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବଣାଇଁର ଦରେଇକଳା ଛକ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଦଳ ପକ୍ଷରୁ ବଣାଇଁଗଡ଼ ଜିଲ୍ଲା ପରିଷଦ (ଖ) ସଭ୍ୟ ରାମ ଚନ୍ଦ୍ର ସାହୁ, ବ୍ଲକ ସଭାପତି ବାଣେଶ୍ୱର ସାହୁ, ବରିଷ୍ଠ ନେତା ସଞ୍ଜୟ ଦାଶ, ରୋହିତାଶ୍ୱ ମିଶ୍ର, ଭାସ୍କର କିଷାନଙ୍କ ସମେତ ସମସ୍ତ ନେତୃବୃନ୍ଦ ଯୋଗଦେଇ ଶେଷ ଦର୍ଶନ କରିଥିଲେ ।

## ବିରଜା କ୍ଷେତ୍ର ସଂଘର ଶୋକ

ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ବିୟୋଗରେ ବିରଜା କ୍ଷେତ୍ର ସଂଘ ପକ୍ଷରୁ ଶୋକ ପ୍ରକଟ କରାଯାଇଛି । କୋଏଲନଗରସ୍ଥିତ ଅବସରପ୍ରାପ୍ତ ଇସ୍ପାତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ସଂଘର ସଭାପତି ଇଂ ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଶୋକସଭା ଆୟୋଜନ କରାଯାଇଥିଲା । ଏଥିରେ ସ୍ୱର୍ଗତ ତିର୍କୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସମାଜସେବୀ ତଥା ସଂଘର ଉପଦେଷ୍ଟା ସଞ୍ଜୀବ ମହାନ୍ତି ଜର୍ଜ ତିର୍କୀଙ୍କ ବିୟୋଗ କେବଳ ଆଦିବାସୀ ସମ୍ପ୍ରଦାୟ ନୁହେଁ ସମଗ୍ର ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ । ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ,




କାର୍ଯ୍ୟକାରୀ ସଭାପତି ଡ. ସଂଗ୍ରାମ କେଶରୀ ମହାନ୍ତି, ମୁଖପାତ୍ର ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଜର୍ଜ ତିର୍କୀଙ୍କୁ ଜଣେ ଟାଣୁଆ ଶ୍ରମିକ ନେତା ତଥା ନିର୍ଭୀକ ଜନନାୟକ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡ. ରବୀନ୍ଦ୍ର ନାଥ ମିଶ୍ର, ଅକ୍ଷୟ କୁମାର ଜେନା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ନାୟକ, ଗଗନ ବିହାରୀ ରାଉତ, ସାଙ୍ଗଠନିକ ସମ୍ପାଦକ ବିଭୂତି ଭୂଷଣ ପୁହାଣ, ସହ ସାଙ୍ଗଠନିକ ସମ୍ପାଦକ ସଞ୍ଜୟ କୁମାର ନାୟକ, ହରିହର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ସାମଲ, ସହ କୋଷାଧ୍ୟକ୍ଷ ଦେବକାନ୍ତ ଧଳଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଉପସ୍ଥିତ ହୋଇ ଜର୍ଜ ତିର୍କୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ହୋଇଥିଲେ ।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଦୁଇଟି ମିନି ଗପ



ମୃଣାଳ

## ଭୀମସେନର ପ୍ରେମ



ଭୀମସେନ ଜୀବନରେ ପ୍ରେମ ଯେତେ ଥର ହୋଇଛି, ବ୍ରେକ୍-ଅପ୍ ହୋଇଛି ତା'ଠୁଁ ସତର ଥର ଅଧିକ । ଆପଣ କହିବେ, ଏହା କେମିତି ?

କିଛି ଝିଅଙ୍କୁ ସେ ମନେ ମନେ ପ୍ରେମ କରିଥିଲା; ତା'ପରେ ସେମାନଙ୍କ କାରବାର ଦେଖି ସେ ନିଜେ ନିଜେ ଓହରି ଆସିଛି ।

ତା'ପରେ ଭୀମସେନ ଭାବିଲା ଆରେଞ୍ଜ ମ୍ୟାରେଜ୍ କରିବ । ବାହା ହୋଇ ସାରିଲା ପରେ ପତ୍ନୀକୁ ମନ ଭରି ପ୍ରେମ କରିବ । କିନ୍ତୁ 'ହନିମୁନରେ ଯାଇଥିବା ପତ୍ନୀ ପ୍ରେମିକ ସାହାଯ୍ୟରେ ପତିଙ୍କୁ ହତ୍ୟା କଲା', 'ପତ୍ନୀ ପ୍ରେମିକ ସହିତ ମିଶି ପତିଙ୍କୁ ଖଣ୍ଡ ଖଣ୍ଡ କରି କାଟି ଡ୍ରମରେ ପୂରେଇ, ସିମେଣ୍ଟରେ ସିଲ୍ କରି ପ୍ରେମିକଙ୍କ ସହିତ ବୁଲି ଚାଲିଗଲା'- ଏଇ ଜାତୀୟ ଖବର ପଢ଼ି ଭୀମସେନ ଭୀଷଣ ଡରିଗଲା । ଜୀବନକୁ ଡର କାହାର ନାହିଁ କହୁନାହାନ୍ତି !

ଏବେ ଭୀମସେନ କରେ କ'ଣ ! ତା' ଛାତି ଭିତରେ ପ୍ରେମ ଲହଡ଼ି ଭାଙ୍ଗୁଛି । ବୁଦ୍ଧି ଦେଲା ତା'ର ଘଣି ସାଙ୍ଗ ହାବୁଲ ।

ଭୀମସେନ ଗୋଟେ ଝିଅ ନାଁରେ ଫେକ୍ ଆଇଡି ଖୋଲିଲା । ତା' କଳ୍ପନାରେ ପ୍ରେମିକାର ମୁଖଶ୍ରୀ, ଚେହେରା ଯେମିତି ହେବା କଥା - ସେମିତି ଭାବେ ସଜେଇଲା । ଆଉ ତାକୁଇ ପ୍ରେମ କରି ବସିଲା । ଗଭୀର ପ୍ରେମ ।

ଭୀମସେନ ଏବେ ଶାନ୍ତିରେ ଅଛି । ନା ବ୍ରେକ୍-ଅପ୍‌ର ଦୁଃଖ, ନା ଜୀବନର ଭୟ । ନା ପ୍ରେମିକାର ନଖରା, ନା ତା' ପଛରେ ଖର୍ଚ୍ଚ । ■



## ପ୍ରଶ୍ନ

- ଆଚ୍ଛା କହିଲୁ ଆମେ କ'ଣ ସ୍ୱାଧୀନ ?

ପ୍ରତି ବର୍ଷ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ସ୍ୱାଧୀନତା ଦିବସ ଆଉ ସାଧାରଣତନ୍ତ୍ର ଦିବସ ଦିନ ବସନ୍ତ ବାବୁ ରାସ୍ତାରେ ଯାହାକୁ ଦେଖନ୍ତି ତାକୁ ଏ ପ୍ରଶ୍ନ ପଚାରନ୍ତି । ସେମିତି ପ୍ରତ୍ୟେକ ପୂଜା ପରେ, ଜମାଣ ଭସାଣି ଶୋଭାଯାତ୍ରା ପରେ ସେ ଲୋକନାକୁ ଡାକି ଡାକି ପଚାରନ୍ତି, ଆଚ୍ଛା କହିଲ ଭସାଣିରେ ନାଚକୁଦ କ'ଣ ଦରକାର ? ଏତେ ହଲୋଳ, ଏତେ ଅପବ୍ୟୟ କ'ଣ ନିହାତି ଦରକାର ?

ବର୍ଷକୁ ବର୍ଷ ତାଙ୍କର ପ୍ରଶ୍ନ ବଢ଼ି ବଢ଼ି ଚାଲିଛି । ଆଚ୍ଛା କହିଲ, ଭୋଟ ପ୍ରଚାରରେ ଏତେ ଖର୍ଚ୍ଚ କରିବା କ'ଣ ଦରକାର ? ଲୋକମାନଙ୍କର ସେବା କରିବା ପାଇଁ ପରସ୍ପର ଭିତରେ ମାରପିଟ ଲାଗିବେ କାହିଁକି ? ସ୍କୁଲ କଲେଜ, କୋର୍ଟ କଚେରିରେ ଏତେ ଛୁଟି କାହିଁକି ହେବ? ଆଚ୍ଛା, ରାସ୍ତା ଘାଟରେ ଏତେ ଖାଲଖମା କାହିଁକି ହେବ, ପୋଲଗୁଡ଼ିକ ଏତେ ଶୀଘ୍ର କାହିଁକି ଭାଙ୍ଗିବ?

ସେ ବହୁବର୍ଷ ଧରି ଲୋକଙ୍କୁ ଏସବୁ ପ୍ରଶ୍ନ ପଚାରନ୍ତି । ତାଙ୍କ ଘର ଲୋକ କହନ୍ତି, ଅଧିକା ପାଠ ପଢ଼ି ତାଙ୍କ ମୁଣ୍ଡଟା ଖରାପ ହୋଇ ଯାଇଛି, ସେଇଥିପାଇଁ... ।

ସମସ୍ତେ ତାଙ୍କ କଥାରେ ହସନ୍ତି । ଆଉ କିଛି ଉତ୍ତର ନ ଦେଇ ନିଜ ବାଟରେ ଚାଲିଯାଆନ୍ତି ।

ସମସ୍ତେ ଏ ପ୍ରଶ୍ନଗୁଡ଼ିକ ନିଜକୁ ଏବଂ ହୁଏତ ପରସ୍ପରକୁ ପଚାରିବାକୁ ଚାହାନ୍ତି ।

ହୁଏତ ଏ ପ୍ରଶ୍ନଗୁଡ଼ିକରୁ କେତୋଟିର ଉତ୍ତର କାହାକୁ କାହାକୁ ଜଣା । କିନ୍ତୁ କେହି ସେ ଉତ୍ତର ସାଧାରଣରେ ଦେବାକୁ ଚାହାନ୍ତି ନାହିଁ । ■

ସଂଚାର ମାର୍ଗ, ଢେଙ୍କାନାଳ
ପିନ୍: ୭୫୯୦୦୧

# କେଉଁଠି ସେମାନେ



ମୌସୁମୀ ଦାସ୍

ଯେଉଁମାନେ କହିଥିଲେ
ପୁଣିଥରେ କଟାପାପୁଲି ସବୁକୁ ଯୋଡ଼ିଦେବାର କଥା
ଦୃପ୍ତ ସ୍ୱରରେ ...
ଯେଉଁମାନେ ଦାମ୍ଭିକ ପ୍ରତିଜ୍ଞାରେ କହିଥିଲେ
ଘରେଘରେ ଭରିଦେବେ ଅମାର
ନିଜ ପାଇଁ ଆସନ ମାଗିବାବେଳେ...
ଏବେ କେଉଁଠି ସେମାନେ...??

ଧାର୍-କରା ଧନ ଓ ଧାନରେ
ନୂଆ ଖାଇ, ହାତ ଆଞ୍ଚେଇ
ସନାତନମାନେ ଉଠିଗଲେଣି
ବାହାରେ ହର୍ଣ୍ଣ ମାରୁଥିବା ଟ୍ରକ୍‌ଡାଲାକୁ,

ହାଣ୍ଡି ଶୁଖି ଚଡ଼କି ଗଲାଣି ତାତି
ଚାଳଫୁଟି ଦିଶିଲାଣି ତାରାଙ୍କ ଆସର
ବିଲସାରା ବାଲୁଙ୍ଗାଙ୍କ ଉଗ୍ର ବାଲୁଙ୍ଗାମି
ବନ୍ଧପାଣି ଗୋଲାପୀ ଦଳରେ ଗୋଳିଆ ଛଳଛଳ ।

ଶୂନ୍ୟଆଖି ଦରାଣ୍ଡୁଛି ବାଟ
ଦାଦନ ଦେଶରୁ ଫେରାଇ ଆଣିବାର
ପ୍ରତିଶ୍ରୁତି ଦେଇଥିଲେ ଯେଉଁମାନେ
ତାତିଲା ଖରାବେଳର ବରଗଛ ତଳେ
କୋଉଠି ହଜିଗଲେ ସେମାନେ ?

ଦଦରା ଶରୀରଟେ ଏବେ ଓହ୍ଲେଇ ଆସୁଛି ପୁଣି
ସଞ୍ଜ ବୁଡ଼ିଯାଉଥିବା ଆକାଶର ନିଃସଙ୍ଗକୋଣରୁ,
ପବନରେ କୁଟାଖିଏ ଭଳି ଉଡୁଛି କାମିଜର
ବାହାହୀନ ହାତ,
ଗାଆଁ ମୁଣ୍ଡରେ ଅସହାୟ ବୁଢ଼ାବାପାର ଲୁହରେ
ଓଦା ସରସର ଆତୁର ଜୁଇଟିଏ ଜଳୁଛି
ଜୁଆନ ଦାଦନିଆ ପୁଅର,

ସାଉଁଟା ଛିଣ୍ଡା ପଲିଥିନ ଛାତ ତଳେ
ବିଞ୍ଚି ହେଇଯାଉଛି ଟୁକୁରା ଟୁକୁରା ହେଇ

ପାଣିକାଚ ମୁଠାକ
ବାଲୁତର ଭୋକିଲା କାନ୍ଦରେ ବି ତରଳୁନି
ଈଶ୍ୱରୀର ପଥର-ଅନ୍ତର,

ଯେଉଁମାନେ କହିଥିଲେ
ତୋଳି ଆଣିଦେବେ ଆକାଶରୁ ଜହ୍ନର ଗୀତ
ତାରାଙ୍କ ଆଲୋକିତ ଅଗଣା
ନିଜନିଜ ନିଅନ୍ ଆଲୁଅ ତଳେ ସେମାନେ
ଉତ୍ସବରେ ମସଗୁଲ ଏବେ ।

କହି ଜାଣନ୍ତି ବୋଲି ତ ସେମାନେ
ବାଜି ମାରିନିଅନ୍ତି କାଳକାଳ,
ମୋହରା ସାଜିପାରନ୍ତି ବୋଲି ହିଁ
ସନାତନମାନେ ହାରୁଥାଆନ୍ତି
ଥରକୁ ଥର ଚିରକାଳ । ■

ସୂଚନା ଓ ଲୋକସମ୍ପର୍କ ବିଭାଗ
ଲୋକସମ୍ପର୍କ ଭବନ
ଭୁବନେଶ୍ୱର-୧

# ନଈ



ନରେନ୍ଦ୍ର କୁମାର ଭୋଇ

ଏ ନଈ ଭସାଇ ନିଏ ନାହିଁ
ମୁଁ ଭାସିଯାଏ ନଈର ସୁଅରେ!

ନଈରେ ପହଁରୁଥିବା ମାଛ
ମୋର ଅବୟବ
ହାତ ଗୋଡ଼
ମୁଁ ହଲାଇ ପହଁରିଯାଏ ସାରା ନଈ ।

ଯୋଉଠି ଶୁଖିଲା ବାଲିକୁଦ
ମୋ ଜୀବନର ଦୁଃଖାଂଶ
ଜଳ ବିହୁନେ ଛଟପଟ
ଯୋଉଠି ଭଉଁରି ସେଇଠି ସୁଖାଂଶ
ମୁଁ ମତୁଆଲା ମାଛ ପରି
ଜଳକ୍ରୀଡ଼ା ରତ ।

ମୁଁ ଆରତ! ତ୍ରାଣକର ବୋଲି
ଘୋଷି ପାରେନା ପ୍ରାର୍ଥନା
ତୁମେ ମହାବାହୁ ବୋଲି
ପ୍ରସାରି ଦିଅନା ହାତ
ଯେ ଝା' ଜାଗାରେ ଥାଉଁ
ଯଥାପର ତଥା ପୂର୍ବଂ
ବେଳ ଉବୁଥାଉ ବୁଡୁଥାଉ
କାଳକାଳ ଅନବରତ ।



ମାଛର ଆଖିକୁ ବାଣ ଯୋଖି
କିଏ ହୁଏତ ଜିତିପାରେ ବାଜି
କି ସ୍ୱୟଂବର ନାଁରେ ନାରୀ
ମୁଁ କିନ୍ତୁ ମାଛର ଆଖି ନେଇ
ପହଁରିଯାଏ ସଂସାର ନଈ ।

ନଈର ଧାର ପରି
ସଂସାରର ଅନେକ ପକ୍ଷ
ମୁଁ ସେଠି ବିଜଡ଼ିତ ସଂସାରୀ
ଘରେ ବାହାରେ
ଅନେକ କଣ୍ଟା ଅନେକ ଜାଲ
ମୁଁ ଗିଳିଦେଲେ ଚରା
ତଣ୍ଟିରେ କଣ୍ଟା ଛଟପଟ
ଗିଳି ନପାରିଲେ ସଂସାର ଅସାର
ଦହଗଞ୍ଜ ସଂସାରୀ ବୈରାଗ୍ୟ
ଜଳରେ ଘର ମୋର
ମୋ ଭିତରେ ପ୍ରବହମାନ
ସରୁ ନଈର ଧାର ।

ଏ ନଈ ଭସାଇ ନିଏ ନାହିଁ ମୋତେ
ମୁଁ ନଈଟିଏ ହୋଇ ବହି ଯାଉଥାଏ
ମୋ ଭିତରେ ଧୀରେ ଧୀରେ । ■

ନୂର୍ପା, ବୌଦ୍ଧ -୭୬୨୦୧୬
ମୋ: ୮୮୯୫୨୫୪୫୯୨

# ରାଧାମୋହନଙ୍କ ଗାଥା କବିତାର ବୈଶିଷ୍ଟ୍ୟ



ସଂଗ୍ରାମ କେଶରୀ ପୃଷ୍ଟି

ଆଧୁନିକ କବିତାରେ ମୁକ୍ତ ଛନ୍ଦର ପ୍ରବର୍ତ୍ତନ ସାଙ୍ଗକୁ ଗାଥାର ସଫଳ ପ୍ରୟୋଗ ଧାରାରେ ପ୍ରାତଃ ସ୍ମରଣୀୟ ସାରସ୍ୱତ ସ୍ରଷ୍ଟା ହେଉଛନ୍ତି, ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ । କାହାଣୀ ଶିଳ୍ପର ସମସ୍ତ ଆଙ୍ଗିକ ବିଭବ ତାଙ୍କ କାବ୍ୟକୃତିକୁ ଯେପରି ମନୋଜ୍ଞ କରିପାରିଛି, ତା'ଠୁ ଅଧିକ କରିପାରିଛି ଜୀବନ୍ତ । ପୁରାଣ, ଇତିହାସ, ଲୋକକଥା, କିମ୍ବଦନ୍ତୀ ଆଧାରରେ ଲିଖିତ ତାଙ୍କର ଗାଥା କବିତାଗୁଡ଼ିକ ବେଶ୍ ପ୍ରଭାବଶାଳୀ । କାବ୍ୟ ଜୀବନର ଆରମ୍ଭରୁ ପରିଣତ ବୟସ ପର୍ଯ୍ୟନ୍ତ ପ୍ରକାଶ ଭଙ୍ଗୀର ସ୍ୱଷ୍ଟତା ହେଉଛି ରାଧାମୋହନଙ୍କ ଗାଥା କବିତାର ଏକ ବୈଶିଷ୍ଟ୍ୟ । ଗାଥା କବିତାର ମୁଖ୍ୟ ଉତ୍ସ ହେଉଛି ଲୋକ କାହାଣୀ । ଗାଥା କବିତାରେ କବି ଗଡ଼ନାୟକଙ୍କ ସରଳ ପଦ ସଂଯୋଜନା, ବର୍ଣ୍ଣନାରେ ନାଟକୀୟତା, ନିରାଡ଼ମ୍ବର ଭାବର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ । ତାଙ୍କର ଗାଥା କବିତା ଛାନ୍ଦସିକତା ଓ ଗୀତିମୟତାରେ ସମୃଦ୍ଧ । ସେହିପରି ପରିମାଣ ଦୃଷ୍ଟିରୁ ଦେଖିବାକୁ ଗଲେ ତାଙ୍କର ଗାଥା କବିତା ଯେପରି ସଂଖ୍ୟାଧିକ, ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ସେପରି ରସୋତ୍ତୀର୍ଣ୍ଣ । ତାଙ୍କର ସମଗ୍ର ସୃଷ୍ଟି ମଧ୍ୟରେ ଗାଥା କବିତା ଶ୍ରେୟ ଓ ପ୍ରେୟ ଭାବରେ ପ୍ରଣିଧାନଯୋଗ୍ୟ । ସୁତରାଂ ଗାଥା କବିତା ହିଁ ରାଧାମୋହନ ଗଡ଼ନାୟକଙ୍କ ସର୍ବୋତ୍ତମ ପରିଚୟ ।

ରାଧାମୋହନଙ୍କ 'ସ୍ମରଣିକା', 'ଉତ୍କଳିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ' ପ୍ରଭୃତି କବିତା ସଂକଳନ ଗାଥା କବିତାର ଅପୂର୍ବ ନିଦର୍ଶନ । କୌଣସି ଗୋଟିଏ କିମ୍ବଦନ୍ତୀ ବା ଘଟଣାକୁ କେନ୍ଦ୍ର କରି ମାନବାନୁଭୂତିର ଆବେଗମୟ ଅଭିବ୍ୟକ୍ତି ତାଙ୍କ ଗାଥା କବିତାରେ ଦେଖିବାକୁ ମିଳିଥାଏ । କାହାଣୀ ସହିତ ଗାଥା କବିତାର ଆଙ୍ଗିକ ଓ ଆତ୍ମିକ ଭାବର ଅପୂର୍ବ ସମନ୍ୱୟ ହିଁ ଗାଥା କବିତାକୁ ବିଶେଷ ମହତ୍ତ୍ୱ ପ୍ରଦାନ କରିଛି ।

ସଙ୍ଗୀତ ମାଧ୍ୟମରେ କାହାଣୀ ଭାଗକୁ ନାଟକୀୟ ଢଙ୍ଗରେ ଉପସ୍ଥାପନା କରି ପାଠକୀୟ ତୃଷା ମେଣ୍ଟାଇବା ହିଁ ଗାଥା କବିତାର ମୂଳ ଲକ୍ଷ୍ୟ, ଯାହା କବି ଗଡ଼ନାୟକଙ୍କ ଗାଥା କବିତାରେ ପରିଦୃଷ୍ଟ । ଭାବଭୂମି ଆଧାରରେ ତାଙ୍କ ଲିଖିତ ଗାଥା କବିତାକୁ ମୁଖ୍ୟତଃ ଆଠ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା , ପୁରାଣ ଓ ଇତିହାସ ଆଧାରିତ, କିମ୍ବଦନ୍ତୀ ଓ ଲୋକକଥା, ସମ୍ବାଦଧର୍ମୀ, ମାନବେତର ଜୀବ, ବ୍ୟକ୍ତିତ୍ୱ ପ୍ରଧାନ, ଗାନ୍ଧୀ ସମ୍ବନ୍ଧୀୟ ଏବଂ ପାଶ୍ଚାତ୍ୟ କବିତାର ଅନୁସରଣ ।

କବି ରାଧାମୋହନ ଗଡ଼ନାୟକଙ୍କ କାବ୍ୟ ନାୟିକା, ଉତ୍କଳିକା, ସ୍ମରଣିକା, ମୌସୁମୀ, ମେଘଦୂତ, ପଶୁପକ୍ଷୀର କାବ୍ୟ, ଧୂସର ଭୂମିକା, ଶାମୁକାର ସ୍ୱପ୍ନ, ଦୁଇଟି ତାହାର ଡେଣା, କୁମାର ସମ୍ଭବ, ସୋରାବ ଓ ରସ୍ତମ, କୈଶୋରିକା, ଦୀପଶିଖା, ବନରାଜି ନୀଳା, ଛାୟା ତଥା ସୂର୍ଯ୍ୟ ଓ ଅନ୍ଧକାର ଆଦି ସୃଷ୍ଟି ସାମ୍ରାଜ୍ୟ ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟକୁ କରିଛି ଋଦ୍ଧିମନ୍ତ । ଏ ସମସ୍ତ ସୃଷ୍ଟିକୁ ଅନୁଶୀଳନ କଲେ ସେଥିମଧ୍ୟରୁ ଗାଥା କବିତାର ଧାରା ସ୍ୱତଃ ଝରି ଆସେ ।

'କାବ୍ୟନାୟିକା' ସଂକଳନରେ ସ୍ଥାନୀତ 'ପିଙ୍ଗଳାର ଅଭିସାର', 'ଲଳିତା', 'ଉଠ ଆଗୋ ପାଷାଣୀ', 'ଶବରୀ', 'ଗୋପବାଳାର କୃଷ୍ଣ', 'ବିଭୀଷଣ', 'କୃଷ୍ଣ ବିରହିଣୀ' ଓ 'ଉର୍ମିଳା' ଆଦି ଗାଥା କବିତାଗୁଡ଼ିକରେ ଫୁଟି ଉଠିଛି ମାନବୀୟ ଭାବବୋଧର ମହନୀୟତା । ରାମାୟଣ କଥାବସ୍ତୁ ଆଧାରିତ 'ଶବରୀ' କବିତା ଓ ମହାଭାରତର କଥାବସ୍ତୁ ଆଧାରିତ 'ପ୍ରତିଶୋଧ' କବିତା ଗାଥା କବିତାର ସାର୍ଥକ ନିଦର୍ଶନ । ସେହିପରି 'ମାଟି' କବିତାରେ ନାରୀ ଜାତିର ମହନୀୟତା, ଉଦାରତା ଓ ସମର୍ପିତ ଭାବନା ସ୍ୱଷ୍ଟ ବାରି ହୋଇ ପଡ଼ିଥାଏ ।

'ଶାମୁକାର ସ୍ୱପ୍ନ' ସଂକଳନରେ ସ୍ଥାନୀତ 'ବାଲ୍ମୀକି', 'ଶ୍ରବଣାର ଅତିଥି ଚର୍ଚ୍ଚା', 'ଆନନ୍ଦ ଓ ପ୍ରକୃତି' ଏବଂ 'ଅବାଚୀର ତାରା' ପୁସ୍ତକରେ ସଂକଳିତ 'ମଣିଷ ସୁନ୍ଦର' ଆଦି କବିତାଗୁଡ଼ିକ ପୌରାଣିକ କଥାବସ୍ତୁ ଅବଲମ୍ବନରେ ଲିଖିତ । 'ଉତ୍କଳିକା' ପୁସ୍ତକର 'ଭାଇ', 'ବୀରରାଣୀ ଶୁକଦେଇ', 'ବିସର୍ଜନ', 'ମଣିକାଞ୍ଚନ ଯୋଗ','କୈଶୋରିକା'ରେ ସଂକଳିତ 'ମାତଙ୍ଗିନୀ ଦେବୀ', 'ଅବାଚୀର ତାରା' ସଂକଳନର 'ତମାଦୋରା ଓ ହୁସେନ ଗଁଗୁ' ଆଦି କବିତା ଇତିହାସ ପୃଷ୍ଠଭୂମି ଉପରେ ଆଧାରିତ ଗୋଟିଏ ଲେଖାଏଁ ସାର୍ଥକ ଗାଥା କବିତା । 'ଉତ୍କଳିକା' ସଂକଳନରେ ସ୍ଥାନୀତ ୧୭ଟି କବିତା ମଧ୍ୟରୁ ୮ଟି କବିତାକୁ ଜନଶ୍ରୁତି ଆଧାରରେ କବି ଗଡ଼ନାୟକ ରଚନା କରିଛନ୍ତି ।

'କୈଶୋରିକା'ର 'ତଅପୋଇ' କବିତା ମାଧ୍ୟମରେ କବି ଭାଇ - ଭଉଣୀର ପବିତ୍ର ସଂପର୍କ ଓ 'ଦୁଇଟି ତାହାର ଡେଣା' ପୁସ୍ତକରେ ସ୍ଥାନୀତ 'କାମସୂତ୍ର' କବିତାରେ ଜଣେ ନାରୀର ସ୍ୱଷ୍ଟବାଦୀତା ପ୍ରସଙ୍ଗକୁ ଗାଥା କବିତା ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଗୌତମ ବୁଦ୍ଧଙ୍କ ବାଲ୍ୟକାଳ ସହିତ ଜଡ଼ିତ ଜୀବେଦୟା ମନ୍ତ୍ରକୁ ଗାଥା କବିତାର ରୂପ ଦେବାକୁ ଯାଇ କବି ରଚନା କରିଛନ୍ତି 'ବାଳବୁଦ୍ଧ' କବିତା । ସେହିପରି ସତ୍ୟ ଓ ଶକ୍ତି କବିତାଟି ମାଦଳା ପାଞ୍ଜିରେ ବର୍ଣ୍ଣିତ ବୌଦ୍ଧ ଏବଂ ବ୍ରାହ୍ମଣଙ୍କ ଉପାଖ୍ୟାନ ଉପରେ ଆଧାରିତ ।

ସମ୍ବାଦପତ୍ର କଥାବସ୍ତୁ ଆଧାରରେ କବି ଗଡ଼ନାୟକଙ୍କ କୋଟନିସ୍ ଆଉ ଫେରିନାହିଁ, ଗୁର୍ଖା ସିପାହୀ ଓ ସତୀ ଆଦି ଗାଥା କବିତା ସମୃଦ୍ଧ, ଯାହାକି ତାଙ୍କ 'ସ୍ମରଣିକା' ପୁସ୍ତକରେ ସ୍ଥାନ ପାଇଛି । କବିଙ୍କ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରାପ୍ତ ପୁସ୍ତକ 'ସୂର୍ଯ୍ୟ ଓ ଅନ୍ଧକାର'ରେ ପ୍ରକାଶିତ 'ଚନ୍ଦକାବଣର ଏକ ତରୁଣୀ ବାଘୁଣୀ' ଓ 'ସରସ୍ୱତୀ ବାଈ' ହେଉଛି ଦୁଇଟି ସାର୍ଥକ ଗାଥା କବିତା । ପଶୁପକ୍ଷୀଙ୍କ ଭିତରେ ମାନବତାର ଭାବ ଦର୍ଶାଇବାକୁ ଯାଇ କବି 'ଭୂମିକା' ଓ 'ପଶୁପକ୍ଷୀର କାବ୍ୟ' ସଂକଳନର ପରିକଳ୍ପନା କରିଛନ୍ତି । ପ୍ରାୟତଃ କବିତାରେ କବି ପଶୁପକ୍ଷୀ ଚରିତ୍ରଗୁଡ଼ିକରେ ମଣିଷ ସୁଲଭ ସମ୍ବେଦନା, ପ୍ରଣୟ, ବିରହ ଓ ଯାତନାକୁ ପ୍ରାଧାନ୍ୟ ଦେବା କାରଣରୁ ଏହା ବେଶ୍ ପାଠକୀୟ ଆଦୃତି ଲାଭ କରିପାରିଛି ।

ଉତ୍କଳୀୟ ମହନୀୟ କଥା ଓ ଗାଥାକୁ ନେଇ ସମୃଦ୍ଧ ଗାଥା କବିତା ସଂକଳନ 'ଉତ୍କଳିକା' । ଉତ୍କଳ ପ୍ରତି ସମର୍ପିତ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସମ୍ଭବତଃ କବିଙ୍କୁ ପ୍ରଭାବିତ କରିପାରିଛି, ତାହା ଏ ପୁସ୍ତକ ପଢ଼ିଲେ ଜଣାପଡ଼େ । ସେହିପରି 'କୈଶୋରିକା' ପୁସ୍ତକର 'ସୁଭାଷ ଓ ଗୁଣିଆ', 'ମାତଙ୍ଗିନୀ ଦେବୀ' ଆଦି କବିତାରେ ଦେଶପ୍ରେମ ଝଙ୍କୃତ ହୋଇଛି । 'ଦୀପଶିଖା' ପୁସ୍ତକର 'ସାରଳା ଦାସ' ଓ 'ଜଗନ୍ନାଥ ଦାସ', 'ଶାମୁକାର ସ୍ୱପ୍ନ' ସଂକଳନର 'ରାଇଦାସ', 'ରକ୍ତ ଓ ଦୁଗ୍ଧ', 'ରାମୀ ଓ ରାମଚଣ୍ଡୀ', 'ଅବାଚୀର ତାରା' ପୁସ୍ତକର 'ଦୀନବନ୍ଧୁ ପାଇଁ ଜଣେ ସେ ଜଣେ', 'ହୀରାଖଣ୍ଡ ଗାଥା' ସଂକଳନର 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ', 'ଅଦ୍ୱିଜର ହୋଇପାରେ ଦ୍ୱିଜପରାକ୍ରମ' ଓ 'ପୀତବାସ ଷଡ଼ଙ୍ଗୀ' ଗୋଟିଏ ଲେଖାଏଁ ସାର୍ଥକ ଗାଥା କବିତା । ରାଧାମୋହନଙ୍କ 'ଗାନ୍ଧିଗାଥା' ସଂକଳନଟି ମହାତ୍ମା ଗାନ୍ଧୀଙ୍କ ଜୀବନାନୁଭୂତିର ଏକ ସାର୍ଥକ ପ୍ରତିଫଳନ ବୋଲି କୁହାଯାଇପାରେ ।


କବି ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତା ସମୂହ ପାଠକୀୟ ପ୍ରାଣକୁ ବେଶ୍ ପ୍ରଭାବିତ କରିବାରେ ସାମର୍ଥ୍ୟ ରଖେ । କବିତାର ପଦ ସଂଯୋଜନା ସାଙ୍ଗକୁ ଚମତ୍କାର ବିଷୟବସ୍ତୁ ଚୟନ କାରଣରୁ ତାଙ୍କର ପ୍ରତ୍ୟେକଟି ଗାଥା କବିତା ବେଶ୍ ହୃଦୟସ୍ପର୍ଶୀ । ଏହାର ଆଙ୍ଗିକ ଓ ଆତ୍ମିକ ଦିଗର ସୂକ୍ଷ୍ମ ଅନୁଭବ ହିଁ ଗାଥା କବିତାକୁ କରିପାରିଛି ରସସିକ୍ତ । ଏହା ଅନ୍ତଃକରଣରେ ଏକ ଅନିର୍ବଚନୀୟ ଆନନ୍ଦ ଦେବାକୁ ସମର୍ଥ ହୋଇପାରିଛି । ସୁତରାଂ ଓଡ଼ିଆ ବାଣୀ ଭଣ୍ଡାରକୁ କବି ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତାଗୁଡ଼ିକ ଗୋଟିଏ ଲେଖାଏଁ ଅମୂଲ୍ୟ ଉପହାର । ■

ଶିକ୍ଷକ, ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,
କିଶୋରନଗର, ଜି - ଅନୁଗୋଳ,
ପିନ୍ - ୭୫୯୧୨୬
ମୋ- ୯୪୩୭୫୪୭୧୪୬

ପୁସ୍ତକ ପରିଚୟ

## ନୂଆ ସକାଳର ବାସ୍ନା

ପୀତାମ୍ବର ମହାପାତ୍ର



ଆଷାଢ଼
ଆନନ୍ଦ ବଜାର, ମଧ୍ୟ ଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ସମାଜର ସାଧାରଣ ଚରିତ୍ର, ଘଟଣା, କିଛି ଅନୁଭୂତି ଓ ଅନୁଭବକୁ ନେଇ ଗତିଶୀଳ ହୋଇଉଠେ ତାଙ୍କ ଗପଗୁଡ଼ିକ । ଏମିତି ନିଆରା ଚରିତ୍ର, ଦୁର୍ଲଭ ଘଟଣା, ବିରଳ ଅନୁଭୂତିକୁ ନେଇ ରଚିତ ପୀତାମ୍ବର ମହାପାତ୍ରଙ୍କ 'ନୂଆ ସକାଳର ବାସ୍ନା' । ପୁସ୍ତକରେ ମୋଟ ୪୮ ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପରେ ସାମାଜିକ ଆବେଦନ ଓ ମାନବୀୟ ଭାବାବେଗ ମର୍ମସ୍ପର୍ଶୀ ହୋଇଛି । 'ନୂଆ ସକାଳର ବାସ୍ନା', 'ସାହସ', 'ପ୍ରତୀକ୍ଷା', 'ଅଜାଗା ଘା', 'ବାପାଙ୍କ ଘର', 'ଅଲିଭା ଗାର', ' ଅପଢ଼ା ଉପନ୍ୟାସ', 'ଈଶ୍ୱର', 'ପାଣିର ଗାର', ' ଅନ୍ତରାୟ', 'ବୁଢ଼ା', 'ନୀତିବାଣୀ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରେମ ମଣିଷର ଜୀବନକୁ ଅଧିକ ଚଳଚଞ୍ଚଳ କରେ । ନିରାଶା ଭିତରେ ଆଶାର କିରଣ ଖେଳାଇ ଦିଏ । ଯେମିତି ହୋଇଛି 'ନୂଆ ସକାଳର ବାସ୍ନା' ଗପରେ । ଜୟନ୍ତ ଓ ଜୟନ୍ତୀ ବିବାହ କରି ନଥିଲେ ମଧ୍ୟ ପରସ୍ପର ପ୍ରତି ଭଲ ପାଇବା କଦାପି କମି ଯାଇନାହିଁ । ସେହିପରି 'ଆକଟ' ଗପରେ ପାରିବାରିକ ସ୍ନେହ, ମମତା, ଆକଟର ଚିତ୍ର ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅନେକ ଗପରେ ପାରିବାରିକ ସମ୍ବନ୍ଧ, ସାମାଜିକ ବାସ୍ତବତାର ପ୍ରତିଛବି ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । 'ନୂଆ ସକାଳର ବାସ୍ନା'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ହୋଇପାରିବ ବୋଲି ଆଶା କରାଯାଏ । ■

## ପ୍ରିୟତମ ପ୍ରଭୁ

ବଦ୍ରୀ ମହାନ୍ତି




ଗାୟତ୍ରୀ
ବଡ଼ଗଡ଼, ଭୁବନେଶ୍ୱର-୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ସେ ଜଗତର ନାଥ ଜଗନ୍ନାଥ । ସେ ସମସ୍ତଙ୍କ ପ୍ରିୟ ଠାକୁର । ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ରହିଛି କେତେ କଥା, କେତେ କିମ୍ବଦନ୍ତୀ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିରକୁ ନେଇ ହୋଇଛି ଅନେକ ଆଲୋଚନା, ଗବେଷଣା । ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ପ୍ରକାଶ ପାଇଛି ବଦ୍ରୀ ମହାନ୍ତିଙ୍କ 'ପ୍ରିୟତମ ପ୍ରଭୁ' ପୁସ୍ତକ । 'ମହାବାହୁଙ୍କ ରୂପକଳ୍ପନା', 'ଶ୍ରୀମନ୍ଦିର', 'ମହାଚେତନାର ଆଲେଖ୍ୟ – 'ମହାପ୍ରସାଦ', 'ରଥଯାତ୍ରା', 'ଶ୍ରୀଚକ୍ର ଓ ଚକ୍ରରାଜ ସୁଦର୍ଶନ', 'ବିଗ୍ରହଙ୍କ ଅଜ୍ଞାତବାସ', 'ଶ୍ରୀଜିଉଙ୍କ ନବକଳେବର', 'ଶ୍ରୀମନ୍ଦିର ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ', 'କାଳିଆ ପ୍ରେମରେ ଶ୍ରୀଚୈତନ୍ୟ', 'ଶ୍ରୀଜଗନ୍ନାଥ ଓ ଜୟଦେବ' ଆଦି ପ୍ରବନ୍ଧଗୁଡ଼ିକରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର, ଶ୍ରୀଚକ୍ର, ଶ୍ରୀଜୀଉଙ୍କ ନବକଳେବର, ଶ୍ରୀକ୍ଷେତ୍ର ସହିତ ଶଙ୍କରାଚାର୍ଯ୍ୟ, ଜୟଦେବ ଓ ଶ୍ରୀଚୈତନ୍ୟଙ୍କ ସଂପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଭବ୍ୟ ଶ୍ରୀମନ୍ଦିର, ବେଢ଼ା ଦେବଦେବୀ, ଶ୍ରୀମନ୍ଦିରର ଭିତର ଓ ବାହାର ମଣ୍ଡପ, ଶ୍ରୀଜୀଉଙ୍କ ନୀତିକାନ୍ତି, ପର୍ବପର୍ବାଣି ଆଦି ସଂପର୍କରେ ଅନେକ ଅଜଣା ତଥ୍ୟ ରହିଛି ଏହି ପୁସ୍ତକରେ । ତଥ୍ୟ ଭିତ୍ତିକ ଓ ଭାବପୂର୍ଣ୍ଣ 'ପ୍ରିୟତମ ପ୍ରଭୁ' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## କୃଷି ପରିବେଶ ଓ ଗ୍ରାମ ବିକାଶ

ବିଦ୍ୟାଧର ମହାରଣା



ଶିକ୍ଷା ସନ୍ଧାନ
ଭି.ଆଇ.ପି. ଏରିଆ
ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଜୀବିକାର୍ଜନ ପାଇଁ କୃଷି ଉପରେ ନିର୍ଭରଶୀଳ । ତେବେ ଜଳବାୟୁ ପରିବର୍ତ୍ତନ, ଜମି ଓ ଜଳ ସଂପଦର ଅବକ୍ଷୟ ସହିତ ଆଉ କେତେକ କାରଣ କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକର ବିକାଶ, ଜଳସେଚନର ସୁପରିଚାଳନା, କୃଷି ନୀତି , ପରିବେଶ ପ୍ରଦୂଷଣ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ବିଦ୍ୟାଧର ମହାରଣାଙ୍କ 'କୃଷି, ପରିବେଶ ଓ ଗ୍ରାମ ବିକାଶ' ପୁସ୍ତକ । ଏହି ପୁସ୍ତକରେ 'କୃଷି ଓ କୃଷକ' ବିଭାଗରେ 'ଭାରତ ପାଇଁ ଚିର ସବୁଜ ବିପ୍ଳବ', 'କେତେ ସୁରକ୍ଷିତ ଆମ ଦେଶର କୃଷକ?', 'କୃଷି ବିକାଶର ବୀଜ ମନ୍ତ୍ର', 'ଓଡ଼ିଶାରେ ପୁଷ୍ଟି-ସମ୍ବେଦୀ କୃଷିର ଆବଶ୍ୟକତା', 'କୃଷକଙ୍କ ଆୟ, ହତାଶା ଓ ଆତ୍ମହତ୍ୟା' ଆଦି ଲେଖାଗୁଡ଼ିକରେ କୃଷକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନର ପଥ ଉପରେ ଆଲୋଚନା କରାଯାଇଛି । ଜଳବାୟୁ ପରିବର୍ତ୍ତନର କାରଣ, କୃଷି, କୃଷକ, ପରିବେଶ ସୁରକ୍ଷା, ଗ୍ରାମ ବିକାଶ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

### ଦୁର୍ନୀତି ପ୍ରତି ଶୂନ୍ୟ ଶହନଶୀଳତା ଘୋଷଣାକୁ ଉପହାସ

# ଦୁର୍ନୀତିରେ ଉବୁଟୁବୁ ରାଜ୍ୟ ବିଜେପି ସରକାର: କଂଗ୍ରେସ

ଭୁବନେଶ୍ୱର, ୨୦।୯ (ସମିସ): ଦୁର୍ନୀତି କ୍ଷେତ୍ରରେ ଶୂନ୍ୟସହନଶୀଳତା ନୀତି କଡାକଡି ଗ୍ରହଣ କରାଯିବ ବୋଲି ରାଜ୍ୟ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ସରକାର ଆଜି ଦୁର୍ନୀତିର କାଦୁଅରେ ବୁଡି ଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

ଶନିବାର କଂଗ୍ରେସ ଭବନଠାରେ ଦଳ ପକ୍ଷରୁ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଦୁର୍ନୀତି ଉପରେ ଶୂନ୍ୟସହନଶୀଳତା ଅବଲମ୍ବନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ଥର ଘୋଷଣା କରିଆସିଛନ୍ତି। କିନ୍ତୁ ବର୍ତ୍ତମାନ ମନ୍ତ୍ରୀ, ବିଧାୟକ ଖୋଲାଖୋଲି ଦୁର୍ନୀତି କରୁଛନ୍ତି। ସେହିପରି ବିଜେପି ସରକାର ଦୁର୍ନୀତିର ସାହାଣ ମେଲା, ମୁହାଣ ଖୋଲା ବୋଲି ମିଡିଆ ସେଲ୍ ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ବ୍ୟଙ୍ଗ କରିବା ସହ କହିଛନ୍ତି, ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ପ୍ରତୀକ ରଞ୍ଜନ ଦାସ



**ପୁଲିସ ହାଉସିଂ କର୍ପୋରେସନ କାମରେ ବ୍ୟାପକ ଦୁର୍ନୀତି**

**ବିଜେପି ବିଧାୟକଙ୍କ ପୁଓ ଓ ଯୁବ ନେତାଙ୍କୁ ଅହେତୁକ ଅନୁକମ୍ପା**

ଠିକାଦାରୀ ଲାଇସେନ୍ସ ପାଇଁ ଗତ ୧୯ ଜୁନ୍‌ରେ ଆବେଦନ କରିଥିଲେ। ସେ ପୁଲିସ ହାଉସିଂ କର୍ପୋରେସନ ସହିତ ଅନୁବନ୍ଧିତ ନୁହନ୍ତି; କିନ୍ତୁ ଲାଇସେନ୍ସକୁ ବର୍ଷେ ନ ପୂରୁଣୁ ତାଙ୍କୁ ବେନିୟମ ଭାବେ ୧ କୋଟିରୁ ଅଧିକ ମୂଲ୍ୟର କାମ ଦିଆଯାଇଛି। ଏହାସହିତ ବିଜେପି ଯୁବମୋର୍ଚ୍ଚା ନେତା ଶଶିକାନ୍ତ ମିଶ୍ରଙ୍କ କମ୍ପାନୀକୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ପାଇଁ ୯୬ ଲକ୍ଷ ଟଙ୍କାର କାମ ଦିଆଯାଇଛି। ଏଇ କମ୍ପାନୀ ମଧ୍ୟ ପୁଲିସ ହାଉସିଂ କର୍ପୋରେସନ ସହିତ ଅନୁବନ୍ଧିତ ନୁହେଁ। ତେବେ କିଏ ଏଭଳି ବେଆଇନ ଭାବେ ବିଜେପି ନେତାଙ୍କ ପୁଅ ଓ ଦଳୀୟ କର୍ମକର୍ତ୍ତାଙ୍କୁ ସରକାରୀ କାମ ପ୍ରଦାନ କରୁଛି ବୋଲି ଶ୍ରୀ ପାଣ୍ଡବ ପ୍ରଶ୍ନ କରିଛନ୍ତି।

ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ଓଡିଶା ପୁଲିସ ହାଉସିଂ କର୍ପୋରେସନ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ପ୍ରତୀକ ରଞ୍ଜନ ଦାସଙ୍କୁ ଦିଆଯାଇଥିବା କାମକୁ ଦୁଇଟି କ୍ଲଷ୍ଟର କରି ଦିଆଯାଇଛି। ଗୋଟିଏ ବାରିପଦା ଜେଲ୍‌ରେ କ୍ୟୁବିକାଲ ରୋପଣ କାମ ଏବଂ ଅନ୍ୟଟି ବାଲେଶ୍ୱରରେ ଯାହା ସମ୍ପୂର୍ଣ୍ଣ ବେଆଇନ। ଅନ୍ୟ ଏକ ଦୁର୍ନୀତିର ତଥ୍ୟ ପ୍ରକାଶ କରି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଯେ ସଂଗ୍ରାମ କେଶରୀ ସାମଲ ନାମକ ଜଣେ ବିଜେପି ଯୁବମୋର୍ଚ୍ଚା ନେତାଙ୍କୁ ମଧ୍ୟ କେନ୍ଦୁଝରର ବସଷ୍ଟାଣ୍ଡରେ ଆଲୋକୀକରଣ ଏବଂ ସିସିଟିଭି ଖଞ୍ଜା ପାଇଁ ୭୬ ଲକ୍ଷ ୧୧ ହଜାର ଟଙ୍କାର କାମ ମିଳିଛି। ଏହା ମଧ୍ୟ ପୁଲିସ ହାଉସିଂ କର୍ପୋରେସନ ସହ ଅନୁବନ୍ଧନ ନାହିଁ। କେନ୍ଦୁଝରର ବସଷ୍ଟାଣ୍ଡରେ ୨୩ଟି କାମ ପାଇଁ ମୋଟ ୧୩ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଆଶ୍ଚର୍ଯ୍ୟର ବିଷୟ ୨୩ଟି କାମ ପାଇଁ ପୃଥକ ଇ-ଟେଣ୍ଡର ହେବା କଥା। କିନ୍ତୁ ଏଥିପାଇଁ ଟେଣ୍ଡର ଡକାଯାଇ ନାହିଁ, ଯାହା ସମ୍ପୂର୍ଣ୍ଣ ବେଆଇନ। ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନର ମୁଖ୍ୟଯନ୍ତ୍ରୀ କାହିଁକି ଟେଣ୍ଡର ଡାକିଲେନି, ତାହାର ଜବାବ ଦେବାକୁ କଂଗ୍ରେସ ଦାବି କରିଛି।

# ବିସ୍ଥାପିତଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ; ଜଳସେଚନ ପ୍ରକଳ୍ପ କର୍ମଚାରୀ ଗିରଫ

ରାଉରକେଲା, ୨୦।୯ (ସମିସ): ରୁକୁରା ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କୁ କ୍ଷତିପୂରଣ ଦେବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବଣାଇଁ ରୁକୁରା ଜଳସେଚନ ପ୍ରକଳ୍ପର ଭୂମି ଅଧିଗ୍ରହଣ ଏବଂ ପୁନର୍ବାସ ଅଫିସ୍‌ର କିରାଣି ପୃଥ୍ୱୀରାଜ କାମିଲା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ସନ୍ଦେହରେ ଶ୍ରୀ କାମିଲାଙ୍କ ୪ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି।

ସୂଚନାନୁଯାୟୀ, ଜଣେ ଆଦିବାସୀ ଜମିହରା ବ୍ୟକ୍ତି ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ଟଙ୍କା ପ୍ରଦାନ ପାଇଁ ୬ ମାସ ହେଲା କିରାଣି ଶ୍ରୀ କାମିଲାଙ୍କୁ ଅନୁରୋଧ କରିଆସୁଥିଲେ। ଜମି ଅଧିଗ୍ରହଣ କ୍ଷତିପୂରଣ ବାବଦକୁ ସେ ୨ ଲକ୍ଷ ୭ ହଜାର ଟଙ୍କାର କ୍ଷତିପୂରଣ ପାଇବାର ଥିଲା। ହେଲେ ଶ୍ରୀ କାମିଲା କ୍ଷତିପୂରଣ ପ୍ରଦାନ ପାଇଁ ତାଙ୍କ ଫାଇଲ୍ ପ୍ରକ୍ରିୟାକରଣ କରିବାକୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ୧୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ କାମିଲା ଫାଇଲ୍ ପ୍ରକ୍ରିୟାକରଣ କରିନଥିଲେ। ବାକି ଟଙ୍କା ନ ଦେଲେ କ୍ଷତିପୂରଣ ଟଙ୍କା ମିଳିବନି ବୋଲି କହିଥିଲେ। ପରେ ୭ ହଜାର ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ଏହି ଅର୍ଥ ନଦେଲେ କାମ ହେବନି ବୋଲି ଶ୍ରୀ କାମିଲା କହିବା ପରେ ବିସ୍ଥାପିତଜଣଙ୍କ ବାଧ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ଶ୍ରୀ କାମିଲା ତାଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ଧରିଥିଲା। ଶ୍ରୀ କାମିଲାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏଥିସହ କାମିଲାଙ୍କ ୪ଟି ଠିକଣାରେ ଭିଜିଲାନ୍ସ ଟିମ୍ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି।

# ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି

ଭୁବନେଶ୍ୱର, ୨୦।୯ (ସମିସ): ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ମରୁଡ଼ି। ପଢ଼ାଇବାକୁ ଆବଶ୍ୟକ ଅଧ୍ୟାପକ/ଅଧ୍ୟାପିକା ନ ଥିବାବେଳେ ମାଳମାଳ ଅଣଶିକ୍ଷକ ପଦ ମଧ୍ୟ ଫାଙ୍କା ପଡ଼ିଛି। ମୋଟ୍ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୭୮ ପ୍ରତିଶତ ଅର୍ଥାତ୍

**୭୮% ଅଧ୍ୟାପକ ଓ ୭୨% ଅଣଶିକ୍ଷକ ପଦ ଖାଲି**

୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି। ତନ୍ମଧ୍ୟରେ ୨୬୦ ପ୍ରାଧ୍ୟାପକ ପଦରେ କେହି ନ ଥିବାବେଳେ ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସହକାରୀ ପ୍ରାଧ୍ୟାପକ ପଦ ଫାଙ୍କା ରହିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ରହିଥିବା ବେଳେ ଉତ୍କଳରେ ଦ୍ୱିତୀୟ ସର୍ବାଧିକ ପଦ ଖାଲି ରହିଛି। ସେହିପରି ୭୨ ପ୍ରତିଶତ ଅଣଶିକ୍ଷକ ପଦ ଖାଲି ପଡ଼ିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଉତ୍ତର ରଖିଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମୋଟ୍ ୧୬୧ଟି ଅଧ୍ୟାପକ ପଦ ଖାଲି ରହିଛି। ଏହାପଛକୁ ଉତ୍କଳରେ ୧୩୬ଟି ଅଧ୍ୟାପକ ପଦ ଫାଙ୍କା ପଡ଼ିଥିବାବେଳେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୧୧୨, କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୯, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୮୧, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୯, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮ଟି ଅଧ୍ୟାପକ ପଦରେ କେହି ନାହାନ୍ତି। ସେହିପରି ବିଶ୍ୱବିଦ୍ୟାଳୟରେ ମୋଟ୍ ୨୨୮୬ ଟି ଅଣଶିକ୍ଷକ ପଦ ଖାଲି ରହିଛି। ମୋଟ୍ ୩୧୭୪ ପଦ ମଧ୍ୟରୁ ମାତ୍ର ୮୮୮ ଜଣ କାର୍ଯ୍ୟରତ ଥିବାରୁ ପ୍ରଶାସନିକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଉତ୍କଳରେ ସର୍ବାଧିକ ୮୦ ପ୍ରତିଶତ ଅର୍ଥାତ୍ ୭୭୯ଟି ଅଣଶିକ୍ଷକ ପଦ ଖାଲି ରହିଛି। ପୁରୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ, ବଲାଙ୍ଗିରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମହାବିଦ୍ୟାଳୟରେ ଜଣେ ହେଲେ ବି ଅଣଶିକ୍ଷକ କର୍ମଚାରୀ ନାହାନ୍ତି।

ଅପରପକ୍ଷରେ ରାଜ୍ୟର ମୋଟ୍ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ଟି ଅଧ୍ୟାପକ ପଦ ଖାଲି ରହିଛି। ତନ୍ମଧ୍ୟରୁ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୪୯୧ ଏବଂ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୬୩ଟି ଅଧ୍ୟାପକ ପଦ ଫାଙ୍କା ପଡ଼ିଛି। ସେହିପରି ୫୮ ପ୍ରତିଶତ ଅଣଶିକ୍ଷକ ପଦ ଖାଲି ରହିଛି। ମୋଟ୍ ମଞ୍ଜୁରୀପ୍ରାପ୍ତ ୧୭୫୧ ପଦରେ ୬୮୮ ଜଣ କାର୍ଯ୍ୟରତ ଥିବାବେଳେ ୧୦୨୭ ଟି ପଦ ଖାଲି ପଡ଼ିଛି। ଚଳିତ ଶିକ୍ଷାବର୍ଷରେ ସ୍ନାତକ ସ୍ତରରେ ପଢ଼ାଇବା ପାଇଁ ସରକାରୀ ମହାବିଦ୍ୟାଳୟରେ ୧୭୫୩ ଜଣ ଅତିଥି ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ସେହିପରି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୮୧ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

**AFFIDAVIT**

By virtue of an affidavit No. 2146 on dt. 20.09.2025. sworn before the Executive Magistrate, Bhadrak I, Binapani Mohanty, W/o- Mihir Kumar Mohanty, At/Po- Erada, Ps-Sabarang, Dist-Bhadrak, Pin-756123, Odisha declare that My husband name Mihir Kumar Mohanty and Mihir Mohanty are same person and father of Diptimayee Mohanty in the child's birth certificate. I have sworn an affidavit for correction and hereby notify that my husband's correct name is **Mihir Kumar Mohanty** for all future references.

**AFFIDAVIT**

By virtue of an affidavit No. 5467, sworn before the Executive Magistrate Champua, dated- 11/09/2025. I **Anju Jamuda**, W/o- Rahul Kumar Jamuda, resident of At- Bankamaruni, Po-Palaspanga, Ps- Sadar, Dist-Keonjhar, Odisha, Pin-758031, declare that I have changed my name from **Anju Jamuda** (old name) to **Anju Soren** (new name). Henceforth I shall be known as **Anju Soren**, W/o-Rahul Kumar Jamuda for all future purposes.

**Anju Soren**

**AFFIDAVIT**

I, Goutam Mohapatra, son of Mahendra Mohapatra, resident of At-Dalabehera Sahi, PO-Muktapur, Khordha, Odisha, Pin-752055, hereby declare that my name has been wrongly mentioned as Goutam Mahapatra in my BBA Provisional Certificate and 1st to 6th Semester Mark Sheets (Roll No. 66303UT17013) issued by Utkal University, Odisha. My correct and actual name is **Goutam Mohapatra**. This notice is for public information and necessary correction. Affidavit CF No.16, Dated: 19/09/2025. This is for future reference.

Sd/- **Goutam Mohapatra**

**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po-Dhemanasole, Ps- Chandua, Dist-Mayurbhanj declare that the actual and correct Date of Birth(DOB) of my daughter Sonali Dehury(Rakhi) is 10-11-2025. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2025, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

I, Harekrishna Mohanta, aged about 67 years, S/o- Late Dukhu Mohanta, resident of At-Banasahi, Ward No-15, Ps- Karanjia, Dist-Mayurbhanj, Odisha, Pin-757037 declare by this affidavit No. 1886, dtd-12.09.2025, that now onwards I shall be known as **HAREKRUSHNA MOHANTA** for all future purposes

**AFFIDAVIT**

By virtue of an affidavit sworn before the Executive Magistrate, Padampur on dated-20/09/2025. I, **Thabira Chhechua**, S/o Prahallad Chhechua, permanent & current resident of At- Paramanandapur, PO- Katabahal, PS- Gaisilat, Dist- Bargarh, PIN- 768036, Odisha declare that I have changed my name from **Thabira Sachea** (old name) to **Thabira Chhechua** (new name). Henceforth, I shall be known as **Thabira Chhechua** (new name) for all purposes.

**Thabira Chhechua**

**AFFIDAVIT**

I, Lakhan Jani, S/o- Rajmani Jani resident of Vill.-Kumbharguda, Po.- Singsari, Ps.- Dabugam, Dist.-Nabarangpur, Odisha, Pin-764072 vide affidavit no.6084 dated 19.09.2025 state that, I have changed my name from **LAKHAN BHATRA** to **LAKHAN JANI**. Henceforth I shall be known as **LAKHAN JANI** for all future purposes.

Sd/- **Lakhan Jani**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ହଜାର ଟଙ୍କାରେ...

ଇଞ୍ଜିନିୟରେ ବିଟେକ ଡିଗ୍ରୀ ହାସଲ କରିଛନ୍ତି। ସେ ଷଷ୍ଠ ପ୍ରୟାସରେ ୪୫୮ ର୍‍ୟାଙ୍କ ରଖି ୟୁପିଏସ୍‌ସି ପାସ୍ କରିଥିଲେ। ବିବାହ ସମୟରେ ସେ ରାୟଗଡ଼ରେ ମୁତୟନ ଥିଲେ।

ଅନ୍ୟପକ୍ଷରେ ତେଲଙ୍ଗାନାର ଆଇପିଏସ ପି.ମୌନିକା ଫାର୍ମାକୋଲୋଜିରେ ଗ୍ରାଜୁଏଟ କରିଥିଲେ। ସେ ୟୁପିଏସ୍‌ସିରେ ୬୩୭ ର୍‍ୟାଙ୍କ ପାଇ ଭାରତୀୟ ପୁଲିସ ସେବା ପାଇଁ ଯୋଗ୍ୟ ହୋଇଥିଲେ। ମସୁରୀ ସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀରୁ ଉଭୟଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ବନ୍ଧୁତା ପ୍ରେମରେ ପରିଣତ ହୋଇଯାଇଥିଲା। ବିବାହ ପରେ ଯୁବରାଜ ନିଜ କ୍ୟାଡର ବଦଳାଇ ଦେଇଥିଲେ। ଏବେ ଉଭୟେ ତେଲଙ୍ଗାନାରେ ମୁତୟନ ଅଛନ୍ତି।

### ପୋଷି ନ ପାରିଲେ...

ଏଭଳି ବିବାହ ହେଉଛି। ଅଦାଲତ କୌଣସି ମୁସଲିମ ବ୍ୟକ୍ତିଙ୍କୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ବିବାହ କରିବାକୁ ସହଜରେ ଅନୁମତି ଦେବେ ନାହିଁ। ମୁସଲିମ ପୁରୁଷ ଚାହିଁଲେ ଏକାଧିକ ବିବାହ କରିପାରିବେ ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ତେବେ ଏଭଳି ବିବାହ ପାଇଁ ସାମର୍ଥ୍ୟ ରହିବା ଦରକାର।

### ଶୁଳ୍କ ପରେ...

ଏହିସବୁ ବହୁରାଷ୍ଟ୍ରୀୟ କଂପାନୀରେ ଆମେରିକାର ନାଗରିକଙ୍କୁ ଅଧିକ ନିଯୁକ୍ତି ଦେବା ଲକ୍ଷରେ ଭିସା ଫି' ବୃଦ୍ଧି କରାଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆମେରିକୀୟ ପ୍ରଫେସନାଲଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଏହା ଜରୁରି। ଏହି କଟକଣା ଦ୍ୱାରା କଂପାନୀମାନେ କେବଳ ଅତ୍ୟନ୍ତ ଦକ୍ଷ ପ୍ରଫେସନାଲଙ୍କୁ ବିଦେଶରୁ ଆଣି ନିଯୁକ୍ତି ଦେଇପାରିବେ।

ଏଚ୍-୧ବି ଭିସାରେ ଆମାଜନରେ ସର୍ବାଧିକ ୧୦ ହଜାର ପ୍ରଫେସନାଲ କାମ କରୁଥିବା ବେଳେ ଏହା ପଛକୁ ରହିଛି ଟାଟା କନସଲଟାନ୍ସି (୫୫୦୦), ମାଇକ୍ରୋସଫ୍ଟ (୫୨୦୦), ମେଟା (୫୧୦୦), ଆପଲ (୪୨୦୦), ଗୁଗୁଲ (୪୧୮୦), ଡେଲଏଟ୍ (୨୩୫୦), ଇନଫୋସିସ୍ (୨୦୦୦), ୱିପ୍ରୋ (୧୫୨୦) ଏବଂ ଟେକ୍ ମହିନ୍ଦ୍ରା ଆମେରିକାନ୍ସ (୯୫୦)।

ଏହା ସହିତ ଟ୍ରମ୍ପ ଭିସାର ମଧ୍ୟ ବ୍ୟବସାୟୀକରଣ କରିଦେଇଛନ୍ତି। ସେ ଏଚ୍-୧ବିରେ ପରିବର୍ତ୍ତନ କରିବା ସହିତ ୩ ପ୍ରକାରର ନୂଆ ଭିସା କାର୍ଡ ଆଣିଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ', 'ଟ୍ରମ୍ପ ପ୍ଲାଟିନମ୍ କାର୍ଡ', 'କର୍ପୋରେଟ ଗୋଲ୍ଡ କାର୍ଡ'ର ଶୁଭାରମ୍ଭ କରିଛନ୍ତି। ଗୋଲ୍ଡ କାର୍ଡ ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ୮.୮ କୋଟି ଟଙ୍କା ଦେବାକୁ ପଡ଼ିବ। ଏଥିରେ ଆମେରିକାରେ ସବୁଦିନ ପାଇଁ ରହିବାକୁ ଅଧିକାର ମିଳିବ। ନାଗରିକତା ପାଇବାରେ ସହାୟକ ହେବ। ପ୍ରତିବର୍ଷ ୮୦ ହଜାର ଗୋଲ୍ଡ କାର୍ଡ ଜାରି କରାଯିବ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ଆମେରିକା ନାଗରିକ ପାଉଥିବା ସବୁ ପ୍ରକାରର ସୁବିଧା ଏହି କାର୍ଡ ମାଧ୍ୟମରେ ମିଳିବ। କେବଳ ପାସପୋର୍ଟ ଏବଂ ଭୋଟ ଦେବାର ଅଧିକାର ମିଳିବ ନାହିଁ। ସେହିପରି କର୍ପୋରେଟ ଗୋଲ୍ଡ କାର୍ଡର ମୂଲ୍ୟ ୧୭.୬ କୋଟି ଟଙ୍କା ରଖାଯାଇଛି। ଏହି ଭିସାକୁ କମ୍ପାନୀ ଅନ୍ୟ କର୍ମଚାରୀଙ୍କୁ ଟ୍ରାନ୍ସଫର (ହସ୍ତାନ୍ତର) କରିପାରିବେ। ଏଥିପାଇଁ ଆଉ ୧.୭୬ କୋଟି ଟଙ୍କା ଦେବାକୁ ପଡ଼ିବ ନାହିଁ। ଏହା ବ୍ୟତୀତ ପ୍ଲାଟିନମ କାର୍ଡର ମୂଲ୍ୟ ୪୧.୫ କୋଟି ଟଙ୍କା ରଖାଯାଇଛି। ଏହି କାର୍ଡ ପାଇଥିବା ବ୍ୟକ୍ତି ବିନା ଟିକସରେ ୨୭୦ ଦିନ ପର୍ଯ୍ୟନ୍ତ ଆମେରିକାରେ ରହିପାରିବେ। ଏଥିପାଇଁ ଟ୍ରାଭେଲ ଭିସାର ଆବଶ୍ୟକତା ପଡ଼ିବ ନାହିଁ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ 'ଏହି ଭିସା କାର୍ଯ୍ୟକ୍ରମ ଧନୀ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ। ସେ ୧୦ ଲକ୍ଷ ଡଲାର ଦେଇ ଆମେରିକାରେ କାମ କରିପାରିବେ। ଏବେ ଆମେରିକା କେବଳ ଅତ୍ୟନ୍ତ ଦକ୍ଷ ଲୋକଙ୍କୁ ଭିସା ଦେବ। ଚାକିରି ଛଡ଼େଇ ନେଉଥିବା ଲୋକଙ୍କୁ ଆମେରିକାର ଭିସା ପ୍ରଦାନ କରାଯିବ ନାହିଁ। ଏହି ଭିସାରୁ ମିଳିବାକୁ ଥିବା ଅର୍ଥକୁ ଟିକସ ହ୍ରାସ ଏବଂ ସରକାରୀ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରାଯିବ। ଏହି ଭିସା କାର୍ଯ୍ୟକ୍ରମ ଠିକ୍ ଖେଳାଳିଙ୍କୁ 'ସାଇନିଂ ବୋନସ' ଦେବା ଭଳି। ଯେଉଁ ଭଳି ଭାବେ କୌଣସି ଟିମ୍ ନିଜର ସବୁଠାରୁ ଭଲ ଖେଳାଳିଙ୍କୁ ରଖିବା ପାଇଁ ବୋନସ୍ ଦେଇଥାନ୍ତି, ସେହିଭଳି ଭାବେ କମ୍ପାନୀଗୁଡିକ ଏବେ ନିଜର ଅତ୍ୟନ୍ତ ଦକ୍ଷ କର୍ମଚାରୀଙ୍କୁ ଆମେରିକାରେ ରହିବା ପାଇଁ ଏହି ଅର୍ଥ ପ୍ରଦାନ କରିବେ।' ଯଦି ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନେଇ ଆଇନଗତ ସମସ୍ୟା ସୃଷ୍ଟି ନ ହୁଏ ତେବେ ଭିସା ବାବଦ ଦେୟ ଅହେତୁକ ବୃଦ୍ଧି ପାଇବ।

### ମାଲାୟଲମ୍ ସୁପର୍‌ଷ୍ଟାର୍...

ପୁରସ୍କାର ଜିତିଥିଲେ। ସେହିପରି ସ୍ପେସିଆଲ ମେନ୍‌ସନ ଭାବେ ତାଙ୍କ ଅଭିନୀତ କିରିଦମ (୧୯୮୯) ଏବଂ ସ୍ପେସିଆଲ ଜୁରି ଭାବେ ମୁନ୍ଥିରିଭଲିକଲ (୨୦୧୬)କୁ ଜାତୀୟ ପୁରସ୍କାର ପାଇଥିଲା। ଏହି ଅଭିନେତା ଦୃଶ୍ୟମ, କଳାପାଣି, ଲୁସିଫର, ଜନଥା ଗ୍ୟାରେଜ, ବଂଶମ, ଦୃଷ୍ଟିକନ, ବୋଇଙ୍ଗ ବୋଇଙ୍ଗ, କିରିଦମ ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

୨୦୦୧ରେ ଭାରତ ସରକାର ମୋହନଲାଲଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣରେ ସମ୍ମାନିତ କରିଥିଲେ। ସିନେମା କ୍ଷେତ୍ରକୁ ଯୋଗଦାନ ପାଇଁ ତାଙ୍କୁ 'ଦ କମ୍ପ୍ଲିଟ ଆକ୍ଟର' ଉପାଧି ମଧ୍ୟ ଦିଆଯାଇଛି। ଭାରତୀୟ ସେନା ମଧ୍ୟ ମୋହନଲାଲଙ୍କୁ ଅନରାରୀ 'ଲେଫ୍ଟନାଣ୍ଟ କର୍ଣ୍ଣେଲ' ପଦବୀ ଦେଇ ସମ୍ମାନିତ କରିଛି। ଅଭିନେତାଙ୍କ ଘନିଷ୍ଠଙ୍କ ଅନୁଯାୟୀ ଏହି ପୁରସ୍କାର ଘୋଷଣା ହେବା ପରେ ମୋହନଲାଲ ଅତ୍ୟନ୍ତ ଭାବୁକ ହୋଇ ଯାଇଥିଲେ। ଏହା ତାଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ। ସେ ନିଜ ସମର୍ଥକ, ନିର୍ଦ୍ଦେଶକ-ଲେଖକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏହା କେବଳ ମୋର ନୁହେଁ, ସମ୍ପୂର୍ଣ୍ଣ ମାଲାୟଲମ ଚଳଚ୍ଚିତ୍ର ଜଗତର ବୋଲି କହିଛନ୍ତି।

### ଦ୍ୱିତୀୟ ଦିନ...

ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୃହ ଆରମ୍ଭ ହେବା ପରେ ବିଜେଡି ବିଧାୟକ ସମାନ ଢଙ୍ଗରେ, ସମାନ ଦାବି ରଖି ପୁନର୍ବାର ଗୃହ ମଧ୍ୟକୁ ମାଡ଼ି ଆସିଥିଲେ। ମୋହନ ସରକରା ହାଏ ହାଏ, ଚାଷୀଙ୍କୁ ସାର ଯୋଗାଣ ଆମର ଦାବି, କଳାବଜାରୀ ଚଳିବ ନାହିଁ ଆଦି ନାରାରେ ଗୃହ କମ୍ପାଇଥିଲେ। ଏହି ସମୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ମାତ୍ର ୩ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୋମବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

ଅପରପକ୍ଷେ ଗୃହରେ ବିଜେଡିର ପ୍ରତିବାଦ ନେଇ ଗୃହ ବାହାରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ଯଦି ସରକାରଙ୍କ ଆଗ୍ରହ ଥାଆନ୍ତା, ତାହେଲେ ବିଧାନସଭାରେ ବାଚସ୍ପତି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଅନୁମତି ଦେଇଥାନ୍ତେ। ଚାଷୀମାନେ ସାର ନପାଇ ରାସ୍ତାରେ ଆନ୍ଦୋଳନ କରୁଛନ୍ତି। ମାତ୍ର ସରକାର ଏକଥାକୁ ଖାତିର କରୁନାହାନ୍ତି। ଚାଷୀଙ୍କୁ ଉପଯୁକ୍ତ ପରିମାଣରେ ସାର ଯୋଗାଇବାରେ ସରକାର ବିଫଳ ହୋଇଥିବା ବେଳେ ସାର କଳାବଜାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ସରକାର ଜାଣିଶୁଣି ବିଧାନସଭାରେ ଏନେଇ ଆଲୋଚନା କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ବାତିଲ୍ କରି ସାର ସମ୍ପର୍କରେ ଆଲୋଚନା କରିବାକୁ ଆମେ ବାରମ୍ବାର ଦାବି କରୁଛୁ। ମାତ୍ର ଚାଷୀଙ୍କ ଏହି ମୌଳିକ ସମସାର ସମାଧାନ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ବୋଲି ଶ୍ରୀମତି ମଲ୍ଲିକ ଅଭିଯୋଗ କରିଛନ୍ତି।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଗୃହ ବାହାରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟରେ ଚାଷୀଙ୍କୁ ସାର ମିଳୁନାହିଁ। ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ସମସ୍ୟା ନେଇ ଆମେ ମଧ୍ୟ ଆଲୋଚନା କରିବାକୁ ଚାହୁଁଛୁ। ଏଥିପାଇଁ ଆମେ ମଧ୍ୟ ନିଜ ଆସନରେ ଛିଡ଼ା ହୋଇ ଆଲୋଚନା କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲୁ। ରାଜ୍ୟର ଗରିବ, ଖଟିଖିଆ, ଚାଷୀଙ୍କ ଅର୍ଥରେ ବିଧାନସଭା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଧାନସଭାରେ ଆଲୋଚନା ସହ ଚାଷୀଙ୍କୁ ସାର ମିଳିବା ଆବଶ୍ୟକ। ମାତ୍ର ଏନେଇ ଆଲୋଚନା ନକରାଯାଇ, ବିଧାନସଭାକୁ ଉଦ୍ଦେଶ୍ୟମୂଳକ ଭାବେ ଠପ୍ କରିଦେବା ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଜର୍ଜ ତିର୍କୀଙ୍କୁ...

ପରେ ବିଧାନସଭା ପରିସରରେ ସ୍ୱର୍ଗତ ତିର୍କୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ୱର୍ଗତ ତିର୍କୀଙ୍କ ମରଶରୀରକୁ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

### ସାର ପାଇଁ ତହସିଲଦାରଙ୍କୁ...

କରିଥିଲେ। କିନ୍ତୁ ଚାଷୀ ସେମାନଙ୍କୁ ପାକ୍ସ ଅଫିସ୍ ଭିତରେ ପୂରାଇ ବାହାରୁ ତାଲା ପକାଇ ଦେଇଥିଲେ। ପାଖାପାଖି ୩ଘଣ୍ଟା ଧରି ସେମାନଙ୍କୁ ଅଫିସ୍ ଭିତରେ ଅଟକ ରଖିଥିଲେ। ପରିସ୍ଥିତି ଗମ୍ଭୀର ହେଉଥିବା ଦେଖି ତହସିଲଦାର ଶ୍ରୀ ନାୟକ ପାଟଣାଗଡ଼ ପୁଲିସକୁ ଖବର ଦେଇଥିଲେ। ମଧ୍ୟାହ୍ନ ପ୍ରାୟ ୧ଟାରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ପୁଲିସ ଫୋର୍ସ ସହ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ଚାଷୀନେତା ଜତି ପଧାନ ଓ କିଶୋର ପରିଚ୍ଛା ପ୍ରମୁଖ ଖବର ପାଇ ପାକ୍ସ ନିକଟରେ ପହଞ୍ଚିବା ପରେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରାଯାଇଥିଲା। ଆସିଥିବା ୩ଶହ ବସ୍ତା ସାର ରବିବାର ବଣ୍ଟନ କରାଯିବ। ପୁଣି ଆହୁରି ଦେଢ଼ଶହ ବସ୍ତା ସାର ଆସିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଧାନ ଚାଷକୁ...

ପାଣିପାଗ ବିଜ୍ଞାନୀ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳ କହିଛନ୍ତି। ସେ ଆହୁରି କହିଛନ୍ତି, ଏତଦ୍‌ବ୍ୟତୀତ ବିଲରେ ପାଣି ଜମି ରହିବ। ବିଳମ୍ବରେ ଧାନ କାଟିବା ଓ ଶୁଖାଇବାର ଅସୁବିଧା ଯୋଗୁଁ ଫିମ୍ପି ମାରିବା ସହ ଅମଳ ନଷ୍ଟ ହେବା ନେଇ ଆଶଙ୍କା ସୃଷ୍ଟି ହେଉଛି। ଏଥିସହ ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଲୁଣିଆ ପାଣି ମାଡ଼ି ଆସି କ୍ଷେତରେ ପଶିବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇନପାରେ। ଧାନ ବ୍ୟତୀତ କପା ଓ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ହେବା ନେଇ ସର୍ବାଧିକ ଆଶଙ୍କା ରହିଛି। ଫସଲ କ୍ଷତିକୁ କମାଇବା ପାଇଁ ଗାଁ, ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରୀ। ଫସଲ ଶୁଖିବା ପାଇଁ ମୋବାଇଲ୍ ଡ୍ରାଏର୍, ଥ୍ରେସିଙ୍ଗ ଫ୍ଲୋର୍‌ର ସୁରକ୍ଷା କରିବା ଆବଶ୍ୟକ। ଉଚ୍ଚ ନିରାପଦ ସ୍ଥାନରେ ସାଇତି ରଖିବା, ଗୋ-ଖାଦ୍ୟର ଉପଲବ୍ଧତା ଏବଂ ବୀମାର ପ୍ରାପ୍ୟ ପାଇଁ ଫଟୋ ଏବଂ ରେକର୍ଡ ପ୍ରସ୍ତୁତ କରିବା ଆବଶ୍ୟକ।

ମାତ୍ର ଏହି ବର୍ଷରେ ଶୀତ ଅଧିକ ହୋଇଥାଏ। ଡିସେମ୍ବର ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀରୁ ୧.୫ ଡିଗ୍ରୀ କମିଥାଏ। ସର୍ବାଧିକ ତାପମାତ୍ରା ବିଶେଷ ପ୍ରଭାବିତ ହୁଏ ନାହିଁ। ରାତି ତାପମାତ୍ରା କମିବା ସହିତ ପାଗ ଶୁଖିଲା ହେତୁ ଶିଶିରପାତ ଅଧିକ ହୁଏ। ଯାହାକି ତୈଳବୀଜ ତଥା ଡାଲି ଜାତୀୟ ଓ ପନିପରିବା ଚାଷ ପାଇଁ ଭଲ। ଅକ୍ଟୋବର -ନଭେମ୍ବର ମାସରେ ବର୍ଷା ହେତୁ ରବି ଫସଲ ପାଇଁ ମାଟି ବତର ରହିବ। ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ମୁଗ, ବିରି, ସୋରିଷ, ଫସଲ ଲଗାଇବା ପାଇଁ ପାଗ ଅନୁକୂଳ ରହିବ। ଆବଶ୍ୟକ ସ୍ଥଳେ ଘାସମରା ଔଷଧ ବ୍ୟବହାର କରାଯିବା ଆବଶ୍ୟକ। ସାର ହିସାବାରେ ଡିଏପିର ଆବଶ୍ୟକତା ରହିଛି। ସୋରିଷ ଫସଲ ପାଇଁ ହେକ୍ଟର ପିଛା ୨୦ କେଜି ସଲଫର୍ ଦରକାର। ମଧ୍ୟମ ଖାଲ ଜମିରେ ଧାନ କାଟିବାର ୧୦ ଦିନ ପୂର୍ବରୁ ମଟର, ବୁଟ, ଚଣା ହୋଇପାରିବ। ଖରିଫ ଫସଲର ସୁରକ୍ଷା ଓ ରବି ଫସଲକୁ ହାତେଇବା ହେଉଛି ଲା-ନିନା ବର୍ଷର ଅଧିକ ଗୁରୁତ୍ୱପୂର୍ଣ୍ଣ। ସମ୍ଭାବ୍ୟ ପରିସ୍ଥିତିକୁ ଅପେକ୍ଷା ନକରି ଆଗରୁ ପ୍ରସ୍ତୁତ ହେବା ଜରୁରୀ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

**Office of the Principal Sri Ram Higher Secondary School, Kashinagar, Gajapati**

**WALK-IN-INTERVIEW**

A Walk-In-Interview for the post of **Guest faculty in Mathematics** will be held in the Sri Ram Higher Secondary School, Kashinagar on **26/09/2025 at 11 am**. Candidates having 55% or more marks at Master Degree may attend the interview in the office of the undersigned with complete Biodata and a set of self-attested xerox copy of certificates along with original certificates, experience certificate, if any. No TA, DA will be provided for attending the interview. The undersigned reserves the right to cancel the interview without assigning any reason thereof.

Sd/- **PRINCIPAL**
Sri Ram Higher Secondary School
Kashinagar, Gajapati, Mobile - 9692803572

By Speed Post / e-Mail / WhatsApp

**ପୌର ପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି** C-1137

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
e-Mail: parala.mply@gmail.com

No. 3137 Date: 19.09.2025

**QUOTATION CALL NOTICE**

The Executive Officer, Paralakhemundi Municipality invites quotations in sealed cover from the intending Suppliers / Dealers / Manufacturers having expertise in STQC Certified CCTV System for supply and installation of CCTV at Office of Paralakhemundi Municipality. The quotation paper may be obtained from the office only during working hours by paying Rs. 2,000/- towards paper cost (non-refundable) in shape of cash or DD in any nationalized bank. The quotation must reach the undersigned on or before Dt. 04-10-2025 upto 1.00 PM Through Regd. Post / Speed Post. The quotation paper should be accompanied with valid GST registration Certificate and PAN Card. The bid will be opened on Dt. 04-10-2025 at 04.00 PM by the Tender Committee in presence of the quotationers or their authorized representatives.

The undersigned reserves the right to reject/accept any or all the quotation received without any reason thereof.

Sd/- Executive Engineer
Paralakhemundi Municipality

OIPR-13145/11/0038/2526

No.: 733 **TENDER CALL NOTICE** Date: 20.09.2025

**Supply, Instllation and Commissioning of 60 MT capacity fully electronic Weighbridge (Type-Pitless kind) with ancillary infrastructure on Turn Key basis with A.M.C. at Model Mandi, Chatra Market Yard under R.M.C., Jagatsinghpur**

The Sub-Colector-cum-Chairman, R.M.C., Jagatsinghpur invites sealed tender (in two bid system) from reputed manufacturer/Authorized Dealers having valid License "For manufacturer, supply, installation and commissioning of 1 (one) 60 MT Weighbridge (Pitless type) with ancillary infrastructure on turn key basis," The detail information and tender document shall be hanged in the notice board of R.M.C., Jagatsinghpur which can be collected from the office of the R.M.C., Jagatsinghpur and submitted alongwith tender paper cost of Rs.5,000.00 (non-refundable) inclusive of GST and EMD as prescribed in the DTCN. The last date and time for submission of tender in the office of the R.M.C., Jagatsinghpur is Dt.03.10.2025 by 2.00 P.M. and the Techno Commercial Bid will be opened on Dt.03.10.2025 at 4.30 P.M. The authority reserves the right to accept or reject any or all the tender or cancel the entire tender without assigning any reason thereof.

Sd/- Sub-Collector-cum-Chairman
R.M.C., Jagatsinghpur

**ADVERTISEMENT FOR WALK-IN-INTERVIEW AT EMRS, RAMPILO, JAJPUR**

**Walk-in-Interview for Guest staff (Non-Teaching) — Academic Session 2025-26**

Eklavya Model Residential School (EMRS). Rampilo invites applications for attending an walk-in-interview on 17 October 2025 from interested and eligible agencies for the following outsourcing guest staff in Ekalavya model residential Rampilo jajpur. The posts are purely temporary in nature. A detail of the posts and application form can be obtained from the district NIC website: (WWW.JAJPUR.NIC.IN) and (HTTPS:// NESTS.TRIBAL.GOV.IN )

| | | | | | |
|---|---|---|---|---|---|
| 1. | Male Warden - 01 post | 2. | Female Warden - 01 post | 3. | Counsellor - 01 post |
| 4. | Female Staff Nurse - 01 post | 5. | Assistant Cook - 04 post | 6. | Electrician-cum-Plumber - 01 post |
| 7. | Housekeeping Staff - 01 post | 8. | Peon - 01 post | 9. | Chowkidar - 02 post |
| 10. | JSA - 01 post | | | | |

**Eligibility:** The eligibility criteria will be as per Letter No. - 1. Letter No - NESTS/NESTS-Circulars/129/2025-26 dtd 29/08/2025, 2. Letter No - NESTS/H-1/124/NESTS-Guidelines/2025-26 dtd 26/08/2025, 3. Letter No - NESTS/Admin/Recruitment & RO/2023 dtd 26/07/2024 **Or** •Letter No- 405/omtes-Epu-misc-0013-2024/OMTES, Bhubaneswar dt. 07-04-2025 •Letter No- NESTS/H-1/121/NESTS-Guidelines/2025-26 dtd 26-08-2025
**Selection Process:** The selection process will be conducted as per the previous three years' service records.
**How to Apply:** Interested and eligible agencies must submit their application forms along with self-attested copies of the required documents to the school office on or before 16 October 2025. A copy of which is enlosed with this notification.

**Sd/- Principal, EMRS, Rampilo**

## ଶିଶୁ ବିଦ୍ୟାମନ୍ଦିରରେ ଆତ୍ମବୋଧ ଲୋକାର୍ପିତ



ଦହିତା,୨୦।୯ (ସମିସ): ପଦ୍ମପୁର ଉପଖଣ୍ଡ ଖଇରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୋଶଳି କୁଇନ୍ ନାରୀରତ୍ନ ମୀରା ବାଈ ପାଣିଗ୍ରାହୀଙ୍କର ଜୀବନଜ୍ଞାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ସବୁ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ। ଶିଶୁ ବିଦ୍ୟାମନ୍ଦିରର ଲାଇବ୍ରେରୀରେ ଏହି ପୁସ୍ତକ ସ୍ଥାନ ପାଇଛି। କଦମ୍ପଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ କବି ସନାତନ ମିଶ୍ର, ତ୍ରିନାଥ କୁଅଁର, ସାଧୁ ଚରଣ ନାଏକ, ସରୋଜ ମିଶ୍ର, ପ୍ରଦୀପ ମେର୍ଲି, ସଞ୍ଜୟ ମିଶ୍ର, ରାଜେନ୍ଦ୍ର ମେହେର, ପରମାନନ୍ଦ ଠେଲା, ରଶ୍ମି ମିଶ୍ର, କଲ୍ୟାଣୀ ପଣ୍ଡାଙ୍କ ସମେତ ଗୁରୁଜୀ, ଗୁରୁମା ଆତ୍ମବୋଧ ପୁସ୍ତକ ଉନ୍ମୋଚନ କରିଥିଲେ।

## ପଞ୍ଚାୟତ ମହାବିଦ୍ୟାଳୟରେ ହିନ୍ଦୀ ଦିବସ




ବରଗଡ଼,୨୦।୯ (ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ବିଭାଗରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର ସ୍ନାତକ ମହାବିଦ୍ୟାଳୟ ହିନ୍ଦୀ ବିଭାଗର ପ୍ରାଧ୍ୟାପିକା ଡ.ଟିକେଶ୍ୱରୀ ହୋତା ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ସେଠ୍ ହିନ୍ଦୀ ଭାଷାକୁ ପ୍ରୋତ୍ସାହିତ କରି ହିନ୍ଦୀରେ ଅଭିଭାଷଣ ରଖିଥିଲେ। ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ.କ୍ରିଷ୍ଣାରାଣୀ ସାସ୍ମଲ, ସହକାରୀ ପ୍ରଫେସର ଡ.ବନୁଜା ମେହେର ହିନ୍ଦୀ ଭାଷା ପ୍ରତି ଜନମାନସର ଅଭିରୁଚି ଏବଂ ଉଦାସୀନତା ବିଷୟରେ ମତ ପ୍ରକାଶ କରିଥିଲେ। ସ୍ନାତକୋତ୍ତର ହିନ୍ଦୀ ବିଭାଗର ଛାତ୍ରୀ ରୀତୁ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୂଜାରାଣୀ ନାୟକ, ପବିତ୍ର ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭାଗ ଦ୍ୱାରା ସମ୍ପାଦିତ ପତ୍ରିକା 'ସ୍ପନ୍ଦନ' ମୁଖ୍ୟ ଅତିଥି ଏବଂ ଅଧ୍ୟକ୍ଷଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହାଛଡା ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ରାକେଶ ସାହୁ, ପ୍ରଶାନ୍ତ ବିଭାର ଏବଂ ଅଜୟ ଦାସ ପ୍ରମୁଖ ବିଭାଗର ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ଶ୍ରୁତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚଶିକ୍ଷା ପାଇଁ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା

ପଦ୍ମପୁର,୨୦।୯ (ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଝାରବନ୍ଧ ବ୍ଲକ୍ ତୁର୍ଲା ଗାଁର ମେଧାବୀ ଛାତ୍ରୀ ମାନିନୀ ସାହୁ ଚଳିତ ଶିକ୍ଷା ବର୍ଷରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ସମ୍ବଲପୁରରେ ସମ୍ବନ୍ୱିତ ବିଏ ବିଇଡି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଉଚ୍ଚ ଶିକ୍ଷା ପାଇଁ ଯୋଗ୍ୟ ହୋଇଥିଲେ ହେଁ ତାଙ୍କର ନାମଲେଖା ପାଇଁ ଅର୍ଥ ବାଧକ ସାଜିଥିଲା। ଏନେଇ ମାନିନୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଆର୍ଥିକ ସହଯୋଗ ପାଇଁ ନିବେଦନ କରିଥିଲେ। ଗତକାଲି ମାନିନୀଙ୍କ ଦୁଃଖକୁ ସାମାଜିକ କର୍ମୀ ଦୀପା ବାରିକ ଏକ୍ସ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବରଗଡ଼ ଜିଲ୍ଲାପାଳ ରେଡକ୍ରସ ଫଣ୍ଡରୁ ୧୫,୦୦୦ ଟଙ୍କା ସହାୟତା ରାଶି ମାନିନୀଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରିଛନ୍ତି। ଆର୍ଥିକ ସହାୟତା ମିଳିବା ପରେ ମାନିନୀ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସାମାଜିକ କର୍ମୀ ଦୀପା ବାରିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଦି କର୍ମଯୋଗୀ ସଚେତନତା ଅଭିଯାନ

ଦେବଗଡ଼,୨୦।୯ (ସମିସ): ଆଦି କର୍ମଯୋଗୀ ସଚେତନତା ଅଭିଯାନ ଅଧୀନ ବୈଠକ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଦେବଗଡ଼ ଜିଲ୍ଲାରେ ୩ଟି ବ୍ଲକ୍‌ର ଧର୍ତିଆବ୍ୱା ଜନଜାତୀୟ ଉତ୍କର୍ଷ ଅଭିଯାନ ୫୨ଟି ଆଦିବାସୀ ବହୁଳ ଗାଁରେ କରାଯିବ। ଏହି ଆଦି କର୍ମଯୋଗୀ ଅଭିଯାନ ଗତ ୧୮ରୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ହେବାର ଯୋଜନା ରହିଛି। ଏଥିପାଇଁ ୩ଟି ବ୍ଲକ୍‌ରେ ୪୭ଟି ଆଦି ସେବାକେନ୍ଦ୍ର କାର୍ଯ୍ୟକାରୀ ହେବ। ତିଲେଇବଣି ବ୍ଲକ୍‌ର କଳାମାଟି ଗାଁରେ ଆଦି ସେବା ଆରମ୍ଭ ହୋଇଯାଇଥିବା ବେଳେ ସେବାକେନ୍ଦ୍ରଟି ପ୍ରତ୍ୟେକ ମାସର ପ୍ରଥମ ଓ ତୃତୀୟ ଶନିବାର ମଧ୍ୟାହ୍ନ ୨ରୁ ଅପରାହ୍ଣ ୪ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏଥିରେ ବ୍ଲକ୍‌ସ୍ତରୀୟ କର୍ମଚାରୀ ଉପସ୍ଥିତ ରହିବେ। ଆଦି ସେବାକେନ୍ଦ୍ର ମାଧ୍ୟମରେ ୫୨ଟି ଗାଁରେ ଲୋକମାନଙ୍କ ପାଖରେ ସରକାରଙ୍କ ପକ୍ଷରୁ ସେବା ଯୋଗାଇ ଦିଆଯିବ। ନିରାପଦ ବାସସ୍ଥାନ, ବିଶୁଦ୍ଧ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ଉନ୍ନତ ଶିକ୍ଷାର ସୁଯୋଗ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସଡକ ଓ ଦୂରସଞ୍ଚାର ସଂଯୋଗୀ କରଣ, ବିଦ୍ୟୁତ୍ କରଣ ଆଦି ସେବା ଗୁଡିକ କେନ୍ଦ୍ରରେ ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ ଶ୍ରୀ ସାହୁ ସୂଚନା ଦେଇଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଅମ୍ବେ ମନ୍ଦିରକୁ ଧକ୍କା ଦେଲା ହାଇୱା

ଝାରସୁଗୁଡ଼ା,୨୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ଯୋବରୁ ବେଲପାହାଡ ଶନି ମନ୍ଦିର ରାସ୍ତା ସୁଖାବନ୍ଧ ନିକଟରେ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ଅମ୍ବେ ମନ୍ଦିର



ପାଚେରୀକୁ ଏକ ହାଇୱା ଗାଡି ଧକ୍କା ଦେଇଛି। ଗାଡିଟି ନିକଟରେ ଥିବା ଏକ କୋଲ ୱାସରୀ ପଟୁ ଶନି ମନ୍ଦିର ପଟକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ମନ୍ଦିର କାନ୍ଥକୁ ଧକ୍କା ଦେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ମନ୍ଦିରର କାନ୍ଥ ଏବଂ ଆଜବେଷ୍ଟସ ଭାଙ୍ଗି ଯିବା ସହ ଗାଡ଼ିଟି ରାସ୍ତାରେ ଦୀର୍ଘ ସମୟ ଧରି ଅଟକି ରହିବାରୁ ରାସ୍ତା ବନ୍ଦ ହୋଇଥିଲା। ଫଳରେ ଯୋବ ଏବଂ ବେଲପାହାଡ ଶନି ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଜାମ ଲାଗି ରହିଥିଲା।

## ଅଜଣା ଗାଡ଼ି ଧକ୍କାରେ ୧୪ ଗୋରୁ ମୃତ



ଝାରସୁଗୁଡ଼ା,୨୦।୯ (ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡା ଜିଲ୍ଲା ଲଖନପୁର ଥାନା ଅଧୀନ କୁଡାଲୋଇ ନିକଟରେ ଅଜଣା ଭାରୀଯାନ ଧକ୍କାରେ ୧୪ ଗୋରୁ ପ୍ରାଣ ହରାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଭାରୀଯାନଟି ଗୋରୁମାନଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଶନିବାର ସକାଳେ ଜାତୀୟ ରାଜପଥ ୪୯ ଉପରେ ୧୪ଟି ଗାଈଗୋରୁଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଦ୍ରୁତଗତିରେ ବେପରୁଆ ଭାବେ ଗାଡି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ରାତି ଅନ୍ଧାରରେ ଏକା ସାଙ୍ଗରେ ୧୪ ଗୋରୁଙ୍କୁ ଧକ୍କା ଦେବା ପରେ ଚାଳକ ଜଣକ ଗାଡି ସହ ଘଟଣା ସ୍ଥଳରୁ ଫେରାର ହୋଇଛନ୍ତି। ଆଜି ସକାଳୁ ଘଟଣା ଜଣା ପଡିବା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ଦୁର୍ଘଟଣା ଘଟାଇଥିବା ଗାଡି ଏବଂ ଚାଳକଙ୍କୁ ଶୀଘ୍ର ଧରାଯାଉ ବୋଲି ଦାବି କରିଛନ୍ତି।

# ଇସି ପୁନର୍ଗଠନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଦାବି

ଦେବଗଡ଼,୨୦।୯ (ସମିସ):



ଇସି ପୁର୍ନଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଶନିବାର ଦାବି କରାଯାଇଛି। ଏନେଇ ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ମିଶନଶକ୍ତି ଫେଡେରେସନର ସମ୍ପାଦିକା ସୁଜାତା ପ୍ରଧାନ ଓ ସଂଯୁକ୍ତା ନାୟକଙ୍କ ନେତୃତ୍ୱରେ ତିଲେଇବଣି ବ୍ଲକ୍ ଇସି ସଂଘର ସଭାପତି ଶକୁନ୍ତଳା ପ୍ରଧାନ, ସମ୍ପାଦିକା ଲିପିକା ସାହୁ, ଜ୍ୟୋତିରେଖା ଦୀପ, ସଙ୍ଗୀତା ସିଂ, ଗୀତାଞ୍ଜଳୀ ସାହୁ, ନିରାଶ ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଇସି ପୁର୍ନଗଠନ ପ୍ରକ୍ରିୟା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ଏବଂ ଏହାକୁ ବିରୋଧ କରି ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଗତ ୧୫ ତାରିଖ ଦିନ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା କୁହାଯାଇଛି। ମାମଲାର ଶୁଣାଣି ପାଇଁ ଆସନ୍ତା ୨୨ ତାରିଖ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ମାମଲାର ରାୟ ନଆସିବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଇସି ପୁର୍ନଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଜିଲ୍ଲା ମିଶନଶକ୍ତି ଫେଡେରେସନ ପକ୍ଷରୁ ଉଲ୍ଲେଖ କରାଯାଇଛି।

## ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନ ବାର୍ଷିକୋତ୍ସବ ଓ ନୂଆଁଖାଇ ଭେଟ୍‌ଘାଟ୍



**୨୨ ୟୁନିଟ ରକ୍ତ ସଂଗ୍ରହ**

ଝାରବନ୍ଧ,୨୦।୯ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଧୀନ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ନୂଆଁଖାଇ ଭେଟ୍‌ଘାଟ ତଥା ଦ୍ୱିତୀୟ ବାର୍ଷିକୋତ୍ସବ ସଭାପତି ମୋତିଲାଲ ବାଗଙ୍କ ସଭାପତିତ୍ୱରେ ଝାରବନ୍ଧ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ବାରିପଦାର ଅବସରପ୍ରାପ୍ତ ପ୍ରଫେସର ଓଡ଼ିଆ ବିଭାଗ ମୁଖ୍ୟ ଡ.ବବ୍ରୁବାହନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଖଟିଖିଆ ସଂଗଠନର ସଭାପତି ତଥା ସମାଜସେବୀ ଭୋଜରାଜ ବାଗ, ସମ୍ବଲପୁର ଟେଲିକମ ଉପଦେଷ୍ଟା କମିଟି ସଦସ୍ୟ ହରିହର ସାହୁ, ସମିତି ସଭ୍ୟ ଛୋଟଅନକି ଗ୍ରାପ ସତ୍ୟମ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପଦ୍ମପୁର ରକ୍ତଭଣ୍ଡାରର ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିଲେ। ସମ୍ପାଦକ ସୋମନାଥ ବାଗ ବାର୍ଷିକ ବିବରଣୀ ପଠନ ପୂର୍ବକ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଅବସରରେ ଝାରବନ୍ଧ ଅଞ୍ଚଳର ସଫଳ ଚାଷୀ ସୌଭାଗ୍ୟ ସାହୁ, ମେହେର ସିଂ ଭୁଏ, ଶିକ୍ଷକ ଉପେନ୍ଦ୍ର ପଟେଲ, ଝାରବନ୍ଧ କୋଶଳ ସେନା, ସିଆରସିସି ଦିବସ ସାହୁ, ଝାରବନ୍ଧ ଇନ୍ଦ୍ରାବାସିନୀ ସ୍ୱୟଂ ସହାୟିକା ଗୋଷ୍ଠୀ, କୁମୀର ମାଁ ଭଗବତୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଝାରବନ୍ଧ ମିସ ଟିନ ଇଣ୍ଡିଆ ଜୟନ୍ତୀ ସାହୁଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ୍ ସ୍ତରୀୟ ଶିଶୁ ସାମ୍ବାଦିକ ତାଲିମରେ ଯୋଗ ଦେଇଥିବା ସମସ୍ତ ଶିଶୁ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ନୋଡାଲ ସ୍କୁଲ ପ୍ରଥମ ସ୍ଥାନ, ଅରବିନ୍ଦ ବିଦ୍ୟାଳୟ ଝାରବନ୍ଧ ଦ୍ୱିତୀୟ ସ୍ଥାନ ଏବଂ ଭାବଂଶୀ ଦୀପ ତୃତୀୟ ସ୍ଥାନ ପ୍ରାପ୍ତ କରିଥିଲେ। ବିଚାରକ ଭାବେ କଳାରତ୍ନ ଘନଶ୍ୟାମ ନାଗ, ଶିକ୍ଷୟିତ୍ରୀ ନୀଳା ମହାନନ୍ଦ, ବିବେକାନନ୍ଦ ପଶାୟତ ଦାୟିତ୍ୱ ତୁଲାଇଥିଲେ। ବୈତାଳି କ୍ଲଷ୍ଟର ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଦସ୍ୟ ସୌଦାଗର ବରିହା, ନାରାୟଣ ଶତନାମୀ, ବାସନ୍ତୀ ପାଇକ, କୁଞ୍ଜବିହାରୀ ସାହୁ, ଜଗନ୍ନାଥ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଗଣ୍ଡାବଜା, ପାଲା ଆଦି ପାରମ୍ପରିକ ନୃତ୍ୟ, ଗୀତ, ସଂଗୀତ ପରିବେଷିତ ହୋଇଥିବା ବେଳେ ରୂପେଶ ଜୋଜୋ ଏବଂ ସ୍ୱିଟରୁନା ଟିମ୍ ହାସ୍ୟରସ ପରିବେଷଣ କରିଥିଲେ।

## ବରଗଡ଼ ଜୋନ୍‌ର କୁବେର ସମାଜ ବୈଠକ

ପାଇକମାଲ,୨୦।୯ (ସମିସ): ପାଇକମାଲ ବ୍ଲକ୍ ନୃସିଂହନାଥ ସ୍ଥିତ କୁବେର ପାଠଶାଳାରେ କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ର ବରଗଡ଼ ଜୋନ୍‌ସ୍ତରୀୟ ବୈଠକ ଜୋନ ସଭାପତି ତାରାଚାନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ସଭା ଆରମ୍ଭରୁ କୁବେର ଦେବତା ତଥା ଭଗବତ ସ୍ୱାମୀଙ୍କ ପୂଜନ ଓ ପଠନ କରାଯାଇଥିଲା। ମହାସଭା ସଭାପତି ଲକ୍ଷ୍ମଣ ସାହୁ, ପୂର୍ବତନ ସଭାପତି ବସନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ସାହୁ ଯୋଗ ଦେଇ ମହାସଭାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବରଗଡ଼ ଜିଲ୍ଲାର ସମସ୍ତ ସାହିର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ନିଜ ନିଜ ସାହି ସ୍ତରରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଯୁବା ମଞ୍ଚ ସଭାପତି ଲିଙ୍ଗରାଜ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପାଇକମାଲ ଯୁବାମଞ୍ଚ ସଦସ୍ୟ ସହଯୋଗ କରିଥିବା ବେଳେ ପାଇକମାଲ ସାହି ସଭାପତି ସୁରଥ ସାହୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ବିଭାଗ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପାଇକମାଲ,୨୦।୯ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଓ ଅଧ୍ୟାପକ ଅମରେଶ ଠାକୁର ପିଲାମାନଙ୍କୁ ଶୃଙ୍ଖଳିତ ଓ ଅନୁଶାସିତ ହେବା ପାଇଁ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହିମାଙ୍ଗିନୀ ପଟେଲ, ମୋନିକା ଧରୁଆ, ତନୁଶ୍ରୀ ବିଶି, ଧରିତ୍ରୀ ବାଗ, କାର୍ତ୍ତିକ ବାଗ, ଅଙ୍କିତା ଭୋଇ, ବୁଲୁ ଦାସ, ପ୍ରକାଶ ମାଝୀ, କେତକୀ ପ୍ରଧାନ, ରୂପା ବାଗ, ରିଙ୍କି ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଦେବଗଡ଼,୨୦।୯ (ସମିସ): ଭାରତ ସରକାର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲ୍ଲାରେ ସେପ୍ଟେମ୍ବର ୧୭ରୁ ୩୦ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଶନିବାର ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ଠାରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍ୟଙ୍କ ନେତୃତ୍ୱରେ ପ୍ରଧାନପାଟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ୍ ଭୋଜ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ବେହେରା, ତହସିଲଦାର କର୍ଣ୍ଣ ମଲିକ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ, ତାପସ ମହନ୍ତ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲାସ୍ତରୀୟ ଅଧିକାରୀ, ବନବିଭାଗର କର୍ମଚାରୀ, ଦେବଗଡ଼ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ, ପୌରପରିଷଦର ସଫେଇ କର୍ମଚାରୀ, ସ୍ୱେଚ୍ଛାସେବୀ ଯୋଗଦେଇ ପ୍ରଧାନପାଟ ପରିସରର ସଫେଇ କରିଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର

ଝାରସୁଗୁଡ଼ା,୨୦।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ଝାରସୁଗୁଡା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃଜ୍ୟୋତି, ପରିସରରେ ଶନିବାର ଏକ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷକ ଦୀପକ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରଥିଲେ। ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ପ୍ରତାପ ଭୋଇ ଭାରତ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଯୋଜନା ଓ ଡାକ ବିଭାଗର ବୀମା ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜନାପୁ ସାଇବର ସୁରକ୍ଷା ଓ ବିଭିନ୍ନ ଜୀବନ ବୀମା ବିଷୟରେ ଆଲୋଚନା କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା, ମୁକୁନ୍ଦ ମାଝୀ ଚିଟଫଣ୍ଡ କମ୍ପାନୀରେ ପରିଶ୍ରମ ଅର୍ଜିତ ଧନକୁ ବିନିଯୋଗ ନକରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସହ ଅଟଳ ପେନସନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟା ରେଣୁକା ମହାପାତ୍ର ଏବଂ ଯୁଗ୍ମ ସଚିବ ସୁଜିତ ଜେନା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟକ୍ଷ ଯୁଗଳ କିଶୋର ଭଇଁସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ନରେନ୍ଦ୍ର ମହାପାତ୍ର ଏବଂ ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ୩୪ ମାମଲାରେ ଜଡ଼ିତ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୦।୯ (ସମିସ): ଏକାଧିକ ଅପରାଧିକ ମାମଲାରେ ଜଡିତ ଥିବା ଜଣେ ଅଭିଯୁକ୍ତକୁ ଓରିଏଣ୍ଟ ଅଞ୍ଚଳରୁ ଓରିଏଣ୍ଟ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ରାଧେଶ୍ୟାମ ନାମଦେଓ ବୋଲି ପୁଲିସ ସୂଚନା ଦେଇଛି। ରାଧେଶ୍ୟାମ ୩୪ଟି ଅପରାଧିକ ମାମଲାରେ ଜଡିତ ଥିବାବେଳେ ଅନେକ ମାମଲା ବିଚାରାଧୀନ ରହିଛି। ରାଧେଶ୍ୟାମର ଅପରାଧିକ କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟ ଲୋକ ତାକୁ ଭୟ କରୁଥିବା ବେଳେ ସେ ପୁଲିସକୁ ଚକ୍‌ମା ଦେବାରେ ସଫଳ ହେଉଥିଲା। ତେବେ ଝାରସୁଗୁଡା ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଆଜି ଅପରେସନ୍ ନେତ୍ର ମାଧ୍ୟମରେ ରାଧେଶ୍ୟାମ ରହୁଥିବା ଅଞ୍ଚଳରେ ଚଢ଼ଉ କରିଥିଲା। ସେଠାରୁ ରାଧେଶ୍ୟାମକୁ ଗିରଫ କରିବା ସହ ତା ପାଖରୁ ଏକ




ଛୁରୀ ଜବତ କରି କୋର୍ଟଚାଲାଣ କରିଥିବା ନେଇ ବ୍ରଜରାଜନଗର ଏସଡିପିଓ ସୂଚନା ଦେଇଛନ୍ତି।

## ଜାତୀୟସ୍ତରୀୟ ସର୍ବେକ୍ଷଣ ଫଳାଫଳ ବିକ୍ଷେପଣ କର୍ମଶାଳା

ଦେବଗଡ଼,୨୦।୯ (ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୪ଟି ପର୍ଯ୍ୟାୟରେ ୩ ଦିନିଆ ଜାତୀୟ ସ୍ତରୀୟ ଉପଲବ୍ଧ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ୨୦୨୪ ଫଳାଫଳ ଓ ଆକ୍ସନ ପ୍ଲାନ ସମ୍ବନ୍ଧୀୟ ବିକ୍ଷେପଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାଧନକର୍ମୀ ରୂପେ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ, ମନ୍ଦାକିନୀ ଟୁଡୁ, ନିବେଦିତା ବେହେରା, ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ଓ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ପାର୍ଥିବୀ ପ୍ରିୟଦର୍ଶିନୀ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ସମ୍ବନ୍ଧୀୟ ସୂଚନା, ରାଜ୍ୟ ରିପୋର୍ଟ କାର୍ଡ, ଜିଲ୍ଲା ରିପୋର୍ଟ କାର୍ଡ, କମ ଦକ୍ଷତା ହାସଲ କରିଥିବା ଶିକ୍ଷଣ ଫଳାଫଳକୁ ନେଇ ବ୍ଲକ୍ ଆଧାରିତ ରୋଡମ୍ୟାପ ଏବଂ କଣ୍ଟେକ୍ସଚୁଆଲ ଫ୍ୟାକ୍ଟରକୁ ନେଇ ରୋଡମ୍ୟାପ ସମ୍ବନ୍ଧରେ ଧାରଣା ପ୍ରଦାନ କରି ଦଳଗତ ଆଲୋଚନା କରାଇଥିଲେ। କର୍ମଶାଳାରେ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ସିଆରସିସି ଓ ୧୩୮ ଜଣ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଅପରେସନ 'ପ୍ରହାର'ରେ ବିପୁଳ ଗଞ୍ଜେଇ ଜବତ, ୨ ଗିରଫ

ପଦ୍ମପୁର,୨୦।୯ (ସମିସ):

ଅପରେସନ ପ୍ରହାରରେ ଜଗଦଳପୁର ପୁଲିସକୁ ବଡ ସଫଳତା ମିଳିଥିବା ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବର ଶନିବାର ଖବରଦାତା ସମ୍ମିଳନୀକୁ ସୂଚନା ଦେଇଛନ୍ତି। ଅପରେସନ ପ୍ରହାରରେ ୬୦ କିଗ୍ରା ଗଞ୍ଜେଇ ଜବତ ସହ ଦୁଇ ଜଣକୁ ଜଗଦଳପୁର ପୁଲିସ ଗିରଫ କରିଛି। ଅଭିଯୁକ୍ତ ମାନେ ଛତିଶଗଡ ବିଳାସପୁର ଅଞ୍ଚଳର ଅନୁରାଗ ବର୍ମା ଓ ପପୁ ବୋଲି ଜଣାପଡ଼ିଛି। ଜଗଦଳପୁର ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ସୁକୁଲି ପାହାର ଅଙ୍ଗନଦୀ ପୋଲ ଉପରେ ପେଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ଏକ ବଜାଜ ପଲସର ବାଇକ ଆରୋହୀଙ୍କୁ ଅଟକାଇ ଯାଞ୍ଚ



କରିଥିଲେ। ଥାନାଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ ଏକ୍‌ଜେକ୍ୟୁଟିଭ ମାଜିଷ୍ଟ୍ରେଟ ଓ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା କର୍ମଚାରୀ ବାଇକରେ ବୋଝେଇ ଥିବା ବସ୍ତାର ଯାଞ୍ଚ କଲାବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ପୁଲିସ ମାମଲା ରୁଜୁ କରିବା ସହ ଅନୁରାଗ ଓ ପପୁକୁ ଗିରଫ କରିଛି। ଏହାସହ ଅଭିଯୁକ୍ତଙ୍କ ଠାରୁ ୨ଟି ବାଇକ ସହ ଦୁଇଟି ମୋବାଇଲ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁର୍ଘଟଣାରେ ଗାଈ ମୃତ, ଚାଳକ ଗୁରୁତର

କୋଲାବିରା,୨୦।୯ (ସମିସ): ଜାତୀୟ ରାଜପଥ ୪୯ର କୋଲାବିରା ବ୍ଲକ୍ ଛକରେ ଶନିବାର ଏକ ବାଇକ ରାସ୍ତା ଉପରେ ଛିଡା ହୋଇଥିବା ଗୋଟିଏ ଗାଈକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ବାଇକ ଧକ୍କାରେ ଗାଈର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଯୁବକଙ୍କ ନାମ ସୁଶାନ୍ତ ରୋହିଦାସ ଓ ତାଙ୍କ ଘର ଲାଇକେରା ଥାନା ଅଧୀନସ୍ଥ ନିକ୍ରିମାଲ୍ ନିକଟ ନିଦ୍ରିମାଲ ଗାଁରେ ବୋଲି ଜଣା ପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ସୁପରଭାଇଜର କିଶୋର ପୁହାଣ ନିଜ ଅଫିସ ଗାଡିରେ ଗୁରୁତର ସୁଶାନ୍ତଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ଝାରସୁଗୁଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ମହଙ୍ଗାପଡ଼ିଲା ଛାତ୍ରୀଙ୍କୁ ଅସଦାଚରଣ

**ଖପ୍ରାଖୋଲ, ୨୦।୯ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ମହରାପଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନିକଟରେ

## ପ୍ରତିବାଦ କରିବାରୁ ଛାତ୍ର, ପାଚିକାଙ୍କୁ ମାଡ଼ଗାଳି

## ଥାନାରେ ବିଏସ୍ଏଫ ଯବାନ ଓ ସାଥି ଅଟକ

## ଘଟଣା ଚପାଇ ଦେବାକୁ ପୁଲିସର ଉଦ୍ୟମ



ଶନିବାର କେତେକ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣେ ବିଏସ୍ଏଫ ଯବାନଙ୍କ ସମେତ ତାଙ୍କର କେତେକ ସାଙ୍ଗଙ୍କୁ ଥାନା ହାଜତରେ ଅଟକ ରଖିଛି। ଏମାନେ ନିଶାଶକ୍ତ ଅବସ୍ଥାରେ କାର୍ (ଓଡ଼ି ୦୩ ଆର୍ ୬୩୫୬)ରେ ଆସି ସ୍କୁଲ ଆସୁଥିବା କେତେକ ଛାତ୍ରୀଙ୍କ ସହ ଦୁର୍ବ୍ୟବହାର କରିଥିଲେ। ତେବେ ଏହାର ପ୍ରତିବାଦ କରିବାକୁ ଯାଇଥିବା କେତେକ ଛାତ୍ରଙ୍କୁ ଏମାନେ ମାଡ ମାରିବାକୁ ପଛାଇ ନ ଥିଲେ। ସେହିଭଳି ସ୍କୁଲର ପାଚିକା ଏହା ଦେଖି ପ୍ରତିବାଦ କରିବାରୁ ତାଙ୍କୁ ମଧ ସେମାନେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ତେବେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଘଟଣା ଚପାଇ ଦେବାକୁ ପୁଲିସ ଉଦ୍ୟମ କରୁଛି।

# ଶିକ୍ଷକ ବଦଳି ପ୍ରତିବାଦରେ ତାଲା ପକାଇଲେ ଅଭିଭାବକ

**ବୌଦ୍ଧ, ୨୦।୯ (ସମିସ)**



ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ଅଧୀନ କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସବରସେଠୀଙ୍କୁ ଡେପୁଟେସନରେ ଅନ୍ୟ ଏକ ସ୍କୁଲକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରତିବାଦରେ ଶନିବାର ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ ପରିଚାଳନା କମିଟି ଓ ପଞ୍ଚ ଶିକ୍ଷା ସେତୁର ସଭ୍ୟ ସଭ୍ୟା ଓ ଅଭିଭାବକ। ଶ୍ରୀ ସେଠୀଙ୍କୁ ଅନ୍ୟତ୍ର ପଠାଇବା ଦ୍ୱାରା ସ୍କୁଲରେ ଶିକ୍ଷକ ସଂଖ୍ୟା କମି ଯାଉଥିବାରୁ ପାଠପଢ଼ା ରେ ବ୍ୟାଘାତ ସୃଷ୍ଟିହେବା ଆଶଙ୍କାରେ ଏପରି କରିଛନ୍ତି। ଏପରି ସ୍ଥଳେ ଆଉ ଜଣେ ସହକାରୀ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ପଠାଯିବାକୁ ବିରୋଧ କରିଛନ୍ତି ସମସ୍ତ କମିଟି ଓ ଅଭିଭାବକ। ଶିକ୍ଷା ବିଭାଗର ଏହି ଆଦେଶ କୁ ବିରୋଧ କରି ଏବଂ ସବର ସେଠୀଙ୍କୁ ରିଲିଭ ନ କରିବାକୁ ପ୍ରଧାନ ଶିକ୍ଷକ ଙ୍କୁ ଦାବିକରି ସ୍କୁଲର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଖବର ପାଇ ଏବିଇଓ କମଳାକାନ୍ତ ଦଳବେହେରା ଓ ସିଆରସିସି ପ୍ରଶାନ୍ତ ଝାଙ୍କର ପହଞ୍ଚି ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚସଖା ସେତୁର ସଭ୍ୟ ସଭ୍ୟା ଓ ଶିକ୍ଷକ ମାନଙ୍କ ସହିତ ଆଲୋଚନା କରି ଏସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେବାରୁ ଦିନ ୧ ଟାରେ ତାଲା ଖୋଲିଥିଲେ।

# ଗର୍ଜିଲା ଏମ୍ଡିଏମ ପାଚିକା ସହାୟିକା ସଂଘ

**ଭବାନୀପାଟଣା, ୨୦।୯ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଶନିବାର ୩ ଦଫା ଦାବି ନେଇଁ ଗର୍ଜିଛି ନିଖିଳ ଓଡ଼ିଶା ଏମ୍ଡିଏମ ପାଚିକା ସହାୟିକା ସଂଘ। ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରୁ ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ




ଶୋଭାଯାତ୍ରା ବାହାରିଥିଲା। ପରେ ୩ ଦଫା ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମଜୁରୀ ବୃଦ୍ଧି ଓ ବର୍ଷକୁ ୧୨ ମାସର ପାରିଶ୍ରମିକ ପ୍ରଦାନ ଆଦି ପ୍ରମୁଖ ଦାବି ରହିଥିଲା। ରାଜ୍ୟ ସଭାପତି ଅକ୍ଷୟ ମେହେରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଏଆଇଟି ୟୁସିର ଜିଲ୍ଲା ସଭାପତି ସଞ୍ଜୟ ସୁନାନୀ, ଛାତ୍ର ନେତା ରାଜରାମ ଡ଼ଙ୍ଗରୀ, ପାଚିକା ସହାୟିକା ସଂଘର ଜିଲ୍ଲା ସଭାପତି ଅବନ୍ତୀ ଦଣ୍ଡସେନା, ସମ୍ପାଦିକା କବିତା ଖସେର୍ଲ, ଧନମତି ପଟେଲ, ଶ୍ରୀମତୀ ପ୍ରଧାନୀ, ନିଲେନ୍ଦ୍ରୀ ନାଗ, ରିକିରାମ ଭାଟି ପ୍ରମୁଖ ସାମିଲ ହୋଇଥିଲେ।

# ଶାରଦୀୟ ନବରାତ୍ରୀ ପାଇଁ ମାଁ ଅମ୍ବେ ମନ୍ଦିରରେ ପ୍ରସ୍ତୁତି

**କେସିଙ୍ଗା, ୨୦।୯ (ସମିସ):** କଳାହାଣ୍ଡି ଜିଲ୍ଲାର ଧର୍ମ ନଗରୀ କେସିଙ୍ଗାରେ ଆସନ୍ତା ୨୨ ତାରିଖରୁ ପ୍ରସିଦ୍ଧ ମାଁ ଅମ୍ବେ ମନ୍ଦିରରେ ଶାରଦୀୟ ନବରାତ୍ରି ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।ଚଳିତ ବର୍ଷ ମଧ ମନୋସ୍କାମନା ଦୀପ ପ୍ରଜ୍ୱଳନ କରାଯିବାର ବ୍ୟବସ୍ଥା କରାଯାଇଛି ଯାହାର ମୂଲ୍ୟ ତେଲ ଦୀପ ୭୦୦ ଟଙ୍କା ଦେଶୀ ଘିଅ ଦୀପ ୧୫୦୦ ଟଙ୍କା ରଖାଯାଇଛି। ସହରର ପ୍ରାୟ ପ୍ରତ୍ୟେକ ଦୋକାନରେ ଦୀପ କୁପନ ମିଳିଥିବା ବେଳେ ଶ୍ରଦ୍ଧାଳୁ ନିଜେ ମାଁ ଅମ୍ବେ ମନ୍ଦିର ପରିସରକୁ ଯାଇ କୁପନ୍ ନେଇ ପାରିବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭୋଗର ବ୍ୟବସ୍ଥା କରାଯାଇଛି ଭୋଗ କୁପନର ମୂଲ୍ୟ ୬୦ ଟଙ୍କା ରଖାଯାଇଛି।ସେହିପରି ନବରାତ୍ରି ପାଳନ ସମୟରେ ମନ୍ଦିରରେ ସତଚଣ୍ଡୀ ମହାଯଜ୍ଞ ଏବଂ ରୁଦ୍ରାଭିସେକର ମଧ ଆୟୋଜନ କରାଯାଇଛି ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ନବରାତ୍ରି ୨୨ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୧ ତାରିଖରେ ଶେଷ ହେବ। ମନ୍ଦିର ରଙ୍ଗ, ସଫେଇ ଆଲୋକ ସାଜସଜ୍ଜା ଆରମ୍ଭ ହୋଇଛି।

# କେବେ ବଦଳିବ ହରଭଙ୍ଗା ଡାକବଙ୍ଗଳାର ଭାଗ୍ୟ

**ହରଭଙ୍ଗା, ୨୦।୯ (ସମିସ):** ସରକାର ବଦଳିବାର ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ପୂରଣ ହୋଇଛି। ଏକବର୍ଷ ପୂର୍ତ୍ତି ପରେ ବି ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ହରଭଙ୍ଗା ବ୍ଲକରେ କୌଣସି ଆଖିଦୃଶିଆ ବିକାଶ ଦୃଷ୍ଟିଗୋଚର ହେଉନାହିଁ। ଭାତହାଣ୍ଡିରୁ ଗୋଟିଏ ଉଦାହରଣ ଭଳି ହରଭଙ୍ଗା ବଜାର ଉପକଣ୍ଠରେ ରାଜରାଜୁଡା ସମୟରୁ ରହିଥିବା ଡାକବଙ୍ଗଳାର ଜରାଜୀର୍ଣ୍ଣ ଅବସ୍ଥାକୁ ଦେଖିଲେ ଏଥିରୁ ବୁଝାପଡ଼ିଯାଉଛି। ରାଜରାଜୁଡା ସମୟରୁ ହରଭଙ୍ଗା ବଜାର ଉପକଣ୍ଠରେ ଏକ ପୁରାତନ ଡାକ ବଙ୍ଗଳାଟି ରହିଛି। ବର୍ତ୍ତମାନ ଡାକ ବଙ୍ଗଳାଟି ପୂର୍ତ୍ତବିଭାଗ ଅଧୀନରେ ରହିଛି। ୫ଏକରରୁ ଅଧିକ ଜମି ଉପରେ ରହିଥିବା ଡାକବଙ୍ଗଳା ଘର ରକ୍ଷଣାବେକ୍ଷଣା ଏବଂ ଜଗୁଆଳି ଅଭାବରୁ ଏହା ଭୂତକୋଠିରେ ପରିଣତ ହୋଇଛି। ଅନ୍ୟପଟେ ବଙ୍ଗଳା ପରିସରରେ ଥିବା ରାତ୍ରିଜଗୁଆଳି ଘର ଏବଂ ରୋଷେଇ ଘର ସବୁ କେଉଁ କାଳରୁ ମାଟିରେ ମିଶିସାରିଲାଣି। ଏପରିକି ବଙ୍ଗଳା ପାଚେରି ମଧ ଅନେକ ସ୍ଥାନରେ ଭାଙ୍ଗି ପଡ଼ିଲାଣି। ବଙ୍ଗଳା ପରିସରରେ ରହିଥିବା ଏକମାତ୍ର କୂଅ କଥା ନକହିବା ଭଲ। ଏଭଳି ଅବସ୍ଥାରେ ବଜାର ଉପକଣ୍ଠରେ ପର୍ଯ୍ୟାପ୍ତ ଜମିରେ ବଙ୍ଗଳାଟି



ରହିଥିବାବେଳେ ପୂର୍ବ ସରକାରରେ ମଧ ଏହାର ଉନ୍ନତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏପରିକି ସରକାର ବଦଳିବା ପରେ ବଙ୍ଗଳାର ରୂପରେଖ ବଦଳିବ ବୋଲି ଲୋକଙ୍କ ରହିଥିବା ଆଶା ବିଶ୍ୱାସ ମଧ ପାଣିରେ ମିଳେଇଗଲାଣି। ବଙ୍ଗଳାଟି ମାଟିରେ ମିଶିବା ସହିତ ଏହାର ଚିହ୍ନବର୍ଣ୍ଣ ଲିଭିଯିବା ପୂର୍ବରୁ ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ବଙ୍ଗଳା ଜମିକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ଲକ୍ଷ୍ୟରେ ସେଠାରେ ଏକ ଶିଶୁ ଉଦ୍ୟାନ ଏବଂ ଇଣ୍ଡୋର ଗେମ ସୁବିଧା ସାଙ୍ଗକୁ ରାସ୍ତାକଡରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସହିତ ବସଷ୍ଟାଣ୍ଡ ନିର୍ମାଣ କରିଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କେନ୍ଦୁପତ୍ର ବୋଝେଇ ଗାଡ଼ିକୁ ନେଇ ନୂଆଁପାଲିରେ ଉତ୍ତେଜନା

**ଦେଓଗାଁ, ୨୦।୯ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଶନିବାର କେନ୍ଦୁପତ୍ର ବୋଝେଇ ଏକ ପିକ୍ଅପ୍ ଭ୍ୟାନ ଟିଟିଲାଗଡ଼ ଡିଭିଜନ ନୂଆଁପାଲି କେନ୍ଦୁପତ୍ର ଫଡିରୁ ଦେଓଗାଁ ଅଭିମୁଖେ ଯାଉଥିବା ବେଳେ ନୂଆଁପାଲି ଗାଁରେ ଲୋକେ ସନ୍ଦେହରେ ଅଟକାଇଥିଲେ। ଖବରପାଇ ବିଭାଗୀୟ ଅଧିକାରୀ ପହଞ୍ଚି ଗାଡିକୁ ବଲାଙ୍ଗିର ମୁଖ୍ୟ କାର୍ଯ୍ୟାଳୟକୁ ନେଇଥିଲେ। ବିଭାଗୀୟ ପ୍ରାଥମିକ ତଦନ୍ତ ଅନୁସାରେ ଭ୍ୟାନରେ ୪୦ ବସ୍ତା କେନ୍ଦୁପତ୍ର ବୋଝେଇ ହୋଇଥିବା ବେଳେ ୪୮୦ ବଣ୍ଡଲ କେନ୍ଦୁପତ୍ର ରହିଥିଲା। ଗୋଟିଏ ଫଡିରୁ ଅନ୍ୟ ଫଡିକୁ କେନ୍ଦୁପତ୍ର ସ୍ଥାନାନ୍ତର ହେଲେ ନିୟମ ଅନୁସାରେ ଟ୍ରାନଜିଟ ପାସ, ବ୍ୟାଚ୍ ନମ୍ବର, ଫର୍ମ ନଂ ୭ ପୂରଣ ସହ ଥାର୍ଡ ପାର୍ଟିର ଦସ୍ତଖତ ରହିବା କଥା; ହେଲେ ଭ୍ୟାନରେ ବୋଝେଇ ହୋଇଥିବା କେନ୍ଦୁପତ୍ର ମଧ୍ୟରୁ ୨୭ଟି ବସ୍ତାରେ କୌଣସି ଫରମାଲିଟି ମେଣ୍ଟେନ ହୋଇ ନ ଥିଲା। କେବଳ ହାତଲେଖା ଏକ ଚିଟ୍ରେ କେନ୍ଦୁପତ୍ର ଯାଉଥିଲା। ଏଣୁ ଏହି କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ସହଜେ ଜଣାପଡ଼ିଛି। ଏହି କାରବାର ବାରମ୍ବାର ହେଉଥିବା ଗାଁଲୋକେ ଅଭିଯୋଗ ଉଠାଇଛନ୍ତି। ଏହି ଅଞ୍ଚଳରୁ ବାରମ୍ବାର ଏମିତି ଚୋରାଚାଲାଣ ହେଉଥିବା ବେଳେ ବିଭାଗ କେମିତି ଏହା ଜାଣିପାରୁନାହିଁ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି କାରବାରରେ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି।

# ରାଜ୍ୟସ୍ତରୀୟ ବିଜ୍ଞାନମେଳା ପାଇଁ ଅଙ୍କିତା ମନୋନିତ

**କୋକସରା, ୨୦।୯ (ସମିସ):** କୋକସରା ବ୍ଲକ ଡହଗାଁ ସରକାରୀ ହାଇସ୍କୁଲରେ ଗତ ୧୮ ତାରିଖରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ସେମିନାରରେ କୋକସରା ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଜବାହାର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶନିବାର ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାରରେ ଅଙ୍କିତା ଅଂଶଗ୍ରହଣ କରି ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାରରେ ଯୋଗଦୋ ନେଇ ସୂଚନା ରହିଛି। ଏନେଇ ଅଙ୍କିତାଙ୍କୁ ଜବାହର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଶୁଭେଚ୍ଛା ଜାଣିବାଛନ୍ତି।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ନୃତତ୍ତ୍ୱବିଜ୍ଞାନ ବିଭାଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୦।୯ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧକ୍ଷତାରେ 'ଟ୍ରାଇବ ଆଣ୍ଡ ଇଣ୍ଡିଜେନିଅସ୍ ଡିବେଟ ଇନ୍ ଇଣ୍ଡିଆ: ଲଜିକ, ପଲିଟିକ୍ସ ଓ ଇମୋସନ' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଉଦଘାଟନୀ ଭାଷଣରେ ପାରଂପରିକ ଜ୍ଞାନକୌଶଳ ସମ୍ବନ୍ଧରେ କହିଥିଲେ। ଅଭିଭାଷଣରେ ଅରୁଣାଚଳ ଇନଷ୍ଟିଚ୍ୟୁଟ ଅଫ୍ ଟ୍ରାଇବାଲ ଷ୍ଟଡିଜ୍, ଅରୁଣାଚଳ ପ୍ରଦେଶର ଟ୍ରାଇବାଲ ଷ୍ଟଡିଜ୍ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଏମ୍ସି ବେହେରା ଭାରତର ଜନଜାତି ଓ ସ୍ୱଦେଶୀ ଆନୁଷ୍ଠାନିକ ଆଲୋଚନା ବିଷୟରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ।ଏହା ସହିତ ଜନଜାତିଙ୍କର ତର୍କ, ରାଜନୀତି ଓ ଭାବାବେଗକୁ ସାରଗର୍ଭକ ବ୍ୟାଖ୍ୟା କରିଥିଲେ।ଉକ୍ତ ଅଭିଭାଷଣରେ ନୃତତ୍ତ୍ୱବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ରାଜକିଶୋର ମାହାନା ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ର ଶିବପ୍ରକାଶ ମଞ୍ଚ ପରିଚାଳନା କରିଥିବାବେଳେ ଉକ୍ତ କାର୍ଯ୍ୟକ୍ରମର ସଫଳତା କ୍ଷେତ୍ରରେ ଛାତ୍ର ପ୍ରବୀଣ କୁମାର ସିଂହଙ୍କ କର୍ତ୍ତବ୍ୟ ସ୍ମରଣୀୟ। ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବିରେନ୍ଦ୍ର ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସମସ୍ତ ଅଧାପକ- ଅଧାପିକା ଉପସ୍ଥିତ ହୋଇ ଉକ୍ତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଗନ୍ଧରାଡ଼ି କଲେଜରେ ରେଡକ୍ରସର ପ୍ରବେଶ ଉତ୍ସବ

**ବୌଦ୍ଧ, ୨୦।୯ (ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ଜହ୍ନାପଙ୍କ ସ୍ଥିତ ଗନ୍ଧରକ୍ଷଡ଼ୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ରେଡକ୍ରସର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅଧକ୍ଷ ପ୍ରଭାତ କୁମାର ଶତପଥୀ ସଭାପତିତ୍ୱ କରିଥିବାବେଳେ, ଅଧାପକ ଧ୍ରୁବଚରଣ ପାଣିଗ୍ରାହୀ, ଅଧାପିକା ଲିପାରାଣୀ ପ୍ରଧାନ, ଅଧାପିକା ସୋନାଲି ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ରେଡକ୍ରସ ସଂଯୋଜକ ତଥା ଓଡ଼ିଶା ରାଜ୍ୟଶାଖାର ପ୍ରାଥମିକ ଉପଚାର ତାଲିମଦାତା ଅଶୋକ କୁମାର ପାଣ୍ଡିଆ। ଛାତ୍ର ଛାତ୍ରୀଙ୍କୁ ରେଡକ୍ରସର ଇତିହାସ ଓ କ୍ରମବିକାଶ ଉପରେ ବିଷଦ ଜ୍ଞାନ ପ୍ରଦାନ କରିଥିଲେ। ଅଧାପିକା ଲିପାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୮୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ଜନ ଆରୋଗ୍ୟ ସମିତି ବୈଠକ

**ଲାଞ୍ଜିଗଡ଼, ୨୦।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁରସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟା ତଥା ଜନ ଆରୋଗ୍ୟ ସମିତିର ଅଧକ୍ଷା ଅଞ୍ଜଳୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥିଭାବେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କା, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଶ୍ରୀନିବାସ ରଥ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ସ୍ୱାଇଁ, ବ୍ଲକ ଆକାଉଣ୍ଟ ମ୍ୟାନେଜର ମିତ୍ରଭାନୁ ଦାସ, ଜନସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ଦିବାକର ପ୍ରଧାନ, ଜନଆରୋଗ୍ୟ ସମିତି ସଦସ୍ୟ ସୁଶୀଳ କୁମାର ବାଗ, ହୃଷିକେଶ ବଗର୍ତ୍ତି, ତୀର୍ଥ ଗହୀର, ମଧୁପୁର କନ୍ୟାଶ୍ରମର ଶିକ୍ଷକ ପରମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମଧୁପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୁପ୍ରିୟା ରାଉତରାୟ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଫାର୍ମାସିଷ୍ଟ ସୁଧୀର କୁମାର ଖାନସମା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ଭବାନୀପାଟଣା, ୨୦।୯ (ସମିସ):** ସ୍ଥାନୀୟ ପିଏମଶ୍ରୀ ମ୍ୟୁନିସିପାଲିଟି ହାଇସ୍କୁଲରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ବୃତ୍ତିଗତ ଚିତ୍ରକର, ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିକଶିତ ଭାରତ ଥିମ ସମ୍ପର୍କରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତା କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଉଦ୍‌ଘାଟନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଭିସି ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ (ସା) ତନ୍ମୟ କୁମାର ଦରୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ)ଅନିମେଷ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ଜିଲ୍ଲା ବିଜେପି ସଭାପତୀ ଯୁଗଳ କିଶୋର ପୋଦ୍ଦ, ଏମ୍ପିଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, ଡଃ. ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୨୩ ଜଣ ଚିତ୍ର ଶିଳ୍ପୀ ଅଂଶ ଗ୍ରହଣ କରି ଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟସ୍ତରରେ ଶୁଭମ ଓମକାର ଡ୍ରିମ ପବ୍ଲିକସ୍କୁଲ ପ୍ରଥମ ସ୍ଥାନ ପାଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ସଂଦୀପ ଦୁବେ ଦ୍ୱିତୀୟ ଓ ବିକାଶ ହାୟର ସେକେଣ୍ଡାରୀସ୍କୁଲର ସ୍ମୃତି ପ୍ରଜ୍ଞା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କଲେଜସ୍ତରରେ ଉଦ୍ୟାନସୁ ବାଗ କଳାହାଣ୍ଡି କଲେଜ ଅଫ ଆର୍ଟ ଆଣ୍ଡ ରିସର୍ଚ ପ୍ରଥମ, ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରକାଶ ନାଏକ ଦ୍ୱିତୀୟ ଓ କଳାହାଣ୍ଡି କଲେଜ ଅଫ ଆର୍ଟ ଆଣ୍ଡ ରିସର୍ଚ ଶ୍ରୀଧର ରାଉତ ତୃତୀୟ ସ୍ଥାନ ପାଇଥିଲେ। ବୃତ୍ତିଗତ ଚିତ୍ରାଙ୍କନ ପ୍ରତିଯୋଗିତା ବର୍ଗରେ ସଂଗ୍ରାମ ସରାଫ ପ୍ରଥମ, ତରୁଣ ମହାପାତ୍ର ଦ୍ୱିତୀୟ ଓ ଲିଙ୍ଗରାଜ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ତିନୋଟି ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ସମସ୍ତ ପେଣ୍ଟିଙ୍ଗ କୁ ରାଜ୍ୟ ସ୍ତରକୁ ପଠାଯିବ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ସିଂ ପରିଚାଳନା କରିଥିଲେ।

## ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍

# ମନରେ ନୂଆ ଶକ୍ତି ସଞ୍ଚାର କରିଥାଏ କ୍ରୀଡ଼ା

**ଭବାନୀପାଟଣା, ୨୦।୯ (ସମିସ):** ଦୁଇଦିନିଆ ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍-୨୦୨୫ ଭବାନୀପାଟଣା ପୁଲିସ୍ ରିଜର୍ଭ ପଡ଼ିଆରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସଫଳତାର ସହିତ ସମାପ୍ତ ହୋଇଛି।ଏଥିରେ ୧୦ଟି ଜିଲ୍ଲାର ୨୯ଟି ବନବିଭାଗ କାର୍ଯ୍ୟାଳୟରୁ ୫୪୩ ଖେଳାଳି ଅଂଶଗ୍ରହଣ କରିଥିଲେ।ଯାହା ଆଜିର ବ୍ୟସ୍ତବହୁଳ ସମୟରେ କ୍ରୀଡ଼ାବିତଙ୍କ ମହାକୁମ୍ଭରେ ପରିଣତ ହୋଇଯାଇଛି। ପଦକ ତାଲିକାରେ କଳାହାଣ୍ଡି ଉତ୍ତର ବନଖଣ୍ଡ ପ୍ରଥମ, ଖରିଆର ବନଖଣ୍ଡ ଦ୍ୱିତୀୟ ଏବଂକୋରାପୁଟ ବନଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସର୍କଲ୍ସ୍ତରରେ ଭବାନୀପାଟଣା ସର୍କଲ୍କୁ ସର୍ବୋତ୍ତମ ପରିଣାମଶୀଳ ସର୍କଲ୍ ଭାବରେ ପୁରସ୍କୃତ କରାଯାଇଛି। ମୁଖ୍ୟ ଅତିଥି ଶ୍ରୀ ସନ୍ତୋଷ ଯୋଶୀ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଭବାନୀପାଟଣା ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସମସ୍ତ ଅଂଶଗ୍ରହଣକାରୀଙ୍କ ସ୍ପୋର୍ଟ୍ସମ୍ୟାନସିପ୍ର ପ୍ରଶଂସା କରିଥିଲେ।ସେ ସମସ୍ତଙ୍କୁ ବର୍ଷର ସମସ୍ତ ଦିନ ସ୍ପୋର୍ଟିଭ୍ ରହିବାକୁ ଓ ଆଗାମୀ ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ପାଇଁ ପ୍ରସ୍ତୁତ ହେବାକୁ ପ୍ରେରଣା ଦେଇଥିଲେ। ରମେଶ କୁମାର ବିଶ୍ନୋଇ, ବନଖଣ୍ଡ ଅଧିକାରୀ, କଳାହାଣ୍ଡି ଉତ୍ତର, ଯିଏ ଆୟୋଜନ କମିଟିକୁ ନେତୃତ୍ୱ ଦେଇଥିଲେ, ସମସ୍ତ ଅଧିକାରୀ, କର୍ମଚାରୀ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଓ




ପିଇଟି ଅଧିକାରୀମାନଙ୍କର ବିଶେଷ ସହଯୋଗକୁ ମଧ ସ୍ମରଣ କରିଥିଲେ। ଯେଉଁଥିରେ ସେମାନଙ୍କର ନେତୃତ୍ୱ ଓ ସକ୍ରିୟ ଭୂମିକା ଦ୍ୱାରା ସମସ୍ତ ପ୍ରତିଯୋଗିତା ସୁଚାରୁ ଓ ସ୍ୱଚ୍ଛଭାବେ ସମ୍ପାଦିତ ହୋଇଥିଲା। କ୍ରୀଡ଼ାମହୋତ୍ସବ ଏକତା, ସୁସ୍ଥତା ଓ ସାହଚର୍ଯ୍ୟର ମହାନ୍ତାକୁ ପ୍ରକାଶ କରି, ବନ ପରିବାରରେ ନୂତନ ଉତ୍ସାହ ସୃଷ୍ଟି କରିଥିଲା।

## କୁଳତା ସମାଜର ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

# ସମାଜରେ ଶିକ୍ଷା ଓ ଏକତା ଦରକାର

**ନୂଆପଡ଼ା /କୋମନା, ୨୦।୯ (ସମିସ)**




ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସିଲେଟପାଣି ଗାଁରେ ଶନିବାର ଜିଲ୍ଲା କୁଳତା ସମାଜ ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳତା ସମାଜର ଜିଲ୍ଲା ସଭାପତି ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଧନ ଦାଶ, କଳାହାଣ୍ଡି ଏମ୍ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, କୋମନା ବ୍ଲକ ସଭାପତି ବୈଶମ୍ପାୟନ ସାହୁ, ଜିଲ୍ଲା ଉପସଭାପତି ଅଶ୍ୱିନୀ ଭୋଇ, ବିରେନ୍ଦ୍ର ପ୍ରଧାନ, ଦମୟନ୍ତୀ ପ୍ରଧାନ, ଭୋଳାନାଥ ପ୍ରଧାନ, ଦୁର୍ଲଭ ବିଶ୍ୱାଳ, ବିରଞ୍ଚି ପ୍ରଧାନ, ଯୋଗେଶ୍ୱର ଗଡ଼ତିଆ, ନୃପରାଜ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସମାଜର ଉନ୍ନତି ତଥା ଆଗକୁ ନେବାକୁ ହେଲେ ସମାଜର ସମସ୍ତ ବ୍ୟକ୍ତିଙ୍କୁ ଏକଜୁଟ ହେବା ସହ ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ଯେ କୌଣସି ଜାଗାରେ ଘର ଖଣ୍ଡିଏ କରିବା ସହଜ ହେଲେ ହୃଦୟରେ ଘର କରିବା କଷ୍ଟକର ବ୍ୟାପାର। ସେହି ଭଲପାଇବା କୁଳତା ସମାଜ ପାଖରେ ଅଛି ବୋଲି ଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ସମାଜର ଆଇଆଇଟି ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବା ଛାତ୍ରୀ ସ୍ମୃତି ସାହୁ, ଆଇଆଇଏମ୍ କରୁଥିବା ଛାତ୍ର ସୌରଭ ପ୍ରଧାନ, ମନବୋଧ ମାଝୀ, ବୃନ୍ଦା ଭୋଇ, ରଞ୍ଜନ ନାୟକ, ନିରଜ ଭୋଇ, ଅଗସ୍ତି ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ କୁଳତା ସମାଜର ବିଭିନ୍ନ ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା।କାର୍ଯ୍ୟକ୍ରମକୁ ଶିକ୍ଷକ କିଶୋର ପ୍ରଧାନ, ଫାଲଗୁନି ସାହୁ ଓ ଅଧାପିକା ସସ୍ମିତା ବଡେଇ ପରିଚାଳନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଗୀତ ପ୍ରଦର୍ଶୀତ ହୋଇଥିଲା।

# ଦଶପୁରରେ ନାରୀ ସଚେତନା କାର୍ଯ୍ୟକ୍ରମ

**ଧର୍ମଗଡ଼, ୨୦।୯ (ସମିସ):** ଗୋଲାମୁଣ୍ଡା ବ୍ଲକ ଦଶପୁର ମଧ ଇଂରାଜୀ ବିଦ୍ୟାଳୟରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବାସଂଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦଶପୁର ସରପଞ୍ଚ



ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସୁପର ଭାଇଜର ଶାନ୍ତି ମଙ୍ଗରାଜ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ଶିଶୁ ବିକାଶ କାର୍ଯ୍ୟାଳୟର ବ୍ଲକ ସଂଯୋଜିକ ବିନିତା ରାଉତ, ପୁଲିସ ଅଧିକାରୀ ଅଜୟ କୁମାର ଗୋପାଳ ଯୋଗଦେଇ ଶକ୍ତି ସଦନରେ କେଉଁ ମହିଳାମାନେ ରହିପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓମାନସିକ ନିର୍ଯାତନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।ଧର୍ମଗଡ଼ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରି ମହିଳାମାନେ କିଭଳି ଶିକ୍ଷା କ୍ଷେତ୍ରରେ କିଭଳି ଆଗକୁ ଯିବେ, ସେମାନେ କେମିତି ଆମନିର୍ଭରଶିଳ ହେବେ, ସ୍ୱାସ୍ଥ୍ୟର ଯତ୍ନନେବେ, ନିର୍ଯାତନାରୁ କିଭଳି ଦୁରେଇ ରହିବେ ତଥା ବାଲ୍ୟବିବାହରୁ ଦୁରେଇ ରହିବା ସହସରକାରଙ୍କ ତରଫରୁ ମହିଳାଙ୍କ ପାଇଁ ଥିବା ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ସଭାରେ ଦଶପୁର ପଞ୍ଚାୟତର ସିଆରପି, ଏମ୍ବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ଗ୍ରାମର ଯୁବତୀମାନେ ବହୁ ସଂଖ୍ୟାରେ ସାମିଲ ଥିଲେ। ଧର୍ମଗଡ଼ ଶକ୍ତି ସଦନ ଗୃହ କାର୍ଯ୍ୟାଳୟର ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# କାର୍ତ୍ତିକ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ

**ଖୁବ୍‌ଶୀଘ୍ର ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ମାର୍ଗଦର୍ଶିକା**

**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠ ରୁପାଇଟା !**

ପୁରୀ, ୨୦।୯ (ସମିସ): ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଯୋଜନା ଘୁଞ୍ଚିଘୁଞ୍ଚି ଯାଉଛି। ଏହାକୁ ନେଇ ଅଧିକାରୀ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁ ନଥିବା ବେଳେ ଭକ୍ତ ଓ ସେବାୟତ ବି ଦ୍ୱନ୍ଦ୍ୱରେ ରହିଛନ୍ତି। ଧାଡ଼ି ଦର୍ଶନ ପାଇଁ ପୂର୍ବରୁ ଅନେକବାର ସମୟ ଧାର୍ଯ୍ୟ ହୋଇଥିଲେ ହେଁ ତାହା ହୋଇପାରିନାହିଁ। ଶେଷଥର, ସେପ୍ଟେମ୍ବର ୧୫ ସୁଦ୍ଧା ଧାଡ଼ି ଦର୍ଶନ ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିଲେ। କିନ୍ତୁ, ତାହା ହୋଇନଥିବା ବେଳେ ଆଜିର ଛତିଶାନିଯୋଗ ବୈଠକରେ ପୁଣି ନୂଆ ସମୟ ଦିଆଯାଇଛି। କାର୍ତ୍ତିକ ମାସ ପରେ ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ କରାଯିବ ବୋଲି ଏଥିରେ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, କାର୍ତ୍ତିକ ମାସ ନୀତିବହୁଳ ରହୁଥିବାରୁ ସମସ୍ତେ କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। କାର୍ତ୍ତିକ ମାସ ପରେ ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ। ସେହିପରି, ବୈଠକରେ ଦିବ୍ୟାଙ୍ଗମାନଙ୍କ ସହଜରେ ଦର୍ଶନ ସୁବିଧା ନେବା ଉପରେ ଆଲୋଚନା କରାଯାଇଛି। ପରମ୍ପରାକୁ କ୍ଷୁଣ୍ଣ ନକରି ସେମାନଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ ହେବ। ଖୁବ୍‌ଶୀଘ୍ର ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ବୈଠକରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ, ହୁଣ୍ଡି ସ୍ଥାନାନ୍ତର, ସେବାୟତଙ୍କ କଲ୍ୟାଣ, ହବିଷ୍ୟାଳି ମା'ମାନଙ୍କ ଶୃଙ୍ଖଳିତ ଦର୍ଶନ, ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଏବଂ ଭିଡିଓ ଭାଇରାଲ ହେଉଥିବାରୁ ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ଆଲୋଚନା କରାଯାଇଛି। ଭକ୍ତଙ୍କ ମୋବାଇଲ୍ ନେବା ଉପରେ କଟକଣା ରହିଛି। ଯଦି ବି ସେବାୟତ କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କ ଜରୁରୀ ବାର୍ତ୍ତା ଦେବାର ଥାଏ, ସେମାନେ ଖୋଲାଖୋଲି କଥା ହୋଇପାରିବେ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ କଥା ହେବେ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଜେଟିପିମାନଙ୍କ ଏବଂ ପରେ ସେବକଙ୍କ ପାଇଁ ଲାଗୁ ହେବ ମୋବାଇଲ୍ କଟକଣା। ବିଶୃଙ୍ଖଳା ଆଚରଣ କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ନୀତିକାନ୍ତି ଶୃଙ୍ଖଳିତ ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ସେମାନେ ପ୍ରତ୍ୟେକ ବୁଧବାର ବସି ନୀତିକାନ୍ତି ଉପରେ ବିଶେଷ ତର୍ଜମା କରିବେ। ସମସ୍ତଙ୍କ ପରାମର୍ଶକୁ ପାଥେୟ କରି ନୀତି ଶୃଙ୍ଖଳା କରାଯିବ।

ସେହିପରି, ଏମାର ମଠ ରୁପା ଇଟା ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ମାମଲା ବିଚାରାଧୀନ ରହିଛି। ଯେହେତୁ ମଠ, ମନ୍ଦିରର ସମ୍ପତ୍ତି ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ବୋଲି କୋର୍ଟଙ୍କ ରାୟ ରହିଛି, ତେଣୁ ଏହାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବା ପାଇଁ କହିଥିଲେ। ଆମେ ଏନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ। କିନ୍ତୁ ଏହା ଏକ ବିଚାରାଧୀନ ପ୍ରକ୍ରିୟା। ତଥାପି ଏହା ଶ୍ରୀମନ୍ଦିର ଅଧୀନକୁ ଆସିବ ବୋଲି ଆଶା ରଖିଛୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ସୁନାବେଶ ବ୍ୟତୀତ ମହାପ୍ରଭୁଙ୍କ ପାଇଁ ଅଳଙ୍କାର ସେଟ୍ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

# ବଦଳିଲେ ବୋର୍ଡ ସମ୍ପାଦକ

କଟକ, ୨୦।୯(ସମିସ): ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ବଦଳି ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କିଛି ଦିନ ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ସମ୍ପାଦକ ଭାବେ ନିଯୁକ୍ତି ପାଇଥିବା ସିଓନା ମିଶ୍ରଙ୍କୁ ପୁଣି ବଦଳି କରାଯାଇଛି। ଅବକାରୀ ଅତିରିକ୍ତ କମିସନର୍ ଭାବେ ତାଙ୍କୁ ବଦଳି କରାଯାଇଥିବା ବେଳେ ବୋର୍ଡ ସମ୍ପାଦକ ପଦରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଥିବା ସରୋଜ କୁମାର ବେହେରାଙ୍କୁ ବଦଳିପୂର୍ବକ ଅବସ୍ଥାପିତ କରାଯାଇଛି।

**ରେଳବାଇରେ ଚାକିରି କରାଇଦେବାକୁ କହି ୨୫ଲକ୍ଷ ହଡ଼ପ**

# ମାଷ୍ଟରମାଇଣ୍ଡ ସମେତ ୨ ଗିରଫ

ଜଗତସିଂହପୁର,୨୦।୯(ସମିସ): ଭାରତୀୟ ରେଳବାଇରେ ଚାକିରି କରାଇଦେବାକୁ କହି ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ଏକାଧିକ ଯୁବକଙ୍କଠାରୁ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଦୁଇ ଧୂର୍ତ୍ତଙ୍କୁ ଏରସମା ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ତିର୍ତ୍ତୋଲର ରାକେଶ ମହାନ୍ତି ଓ ଏରସମାର ନିରାକାର ସ୍ୱାଇଁ (ବାଙ୍ଗୁରୁ)। ରାକେଶ ଏହି ଠକେଇର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି।

ସୂଚନା ମୁତାବକ, ଠକେଇରେ ଶିକାର ହୋଇଥିବା ଅଭିଯୋଗକାରୀ ଏରସମା ଗ୍ରାମର ଉମାଶଙ୍କର ସାହୁଙ୍କୁ ରେଳବାଇରେ ଚାକିରି କରାଇଦେବାକୁ କହି ସେହି ଗ୍ରାମର ନିରାକାର ସ୍ୱାଇଁ ରାକେଶ ମହାନ୍ତି ସହ ଯୋଗାଯୋଗ କରାଇଥିଲା। ଚାକିରି ପ୍ରଲୋଭନ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ରାକେଶ ଫୋନ୍-ପେ' ଓ ଆକାଉଣ୍ଟ ଡିପୋଜିଟ୍ ମାଧ୍ୟମରେ ୨୫ଲକ୍ଷରୁ ଅଧିକ ଟଙ୍କା ଉମାଶଙ୍କରଙ୍କଠାରୁ ନେଇଥିଲା। ଚାକିରି ତ ମିଳିଲାନି, ସେପଟେ ଅର୍ଥ ମଧ୍ୟ ଫେରସ୍ତ ହେଲାନି। ବାଧ୍ୟ ହୋଇ ଉମାଶଙ୍କର ଗତ ମେ' ୨୦ରେ ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପକ୍ଷରୁ ଉକ୍ତ ମାମଲାକୁ ସେହି ମେ' ୨୨ ତାରିଖରେ ଏରସମା ଥାନାକୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏତଲାକୁ ଆଧାର କରି ମୁଖ୍ୟ ଅଭିଯୁକ୍ତ ରାକେଶ ମହାନ୍ତିଙ୍କୁ ୨ଦିନ ତଳେ କୋଲକାତାରୁ ଧରିବାରେ ସକ୍ଷମ ହୋଇଥିଲା। ରାକେଶଙ୍କୁ ଏରସମା ଥାନାକୁ ଆଣି ପଚରାଉଚରା କରାଯିବା ପରେ ଉମାଶଙ୍କରଙ୍କଠାରୁ ପର୍ଯ୍ୟାୟକ୍ରମେ ପାଖାପାଖି ୨୫ଲକ୍ଷ ଟଙ୍କା ନେଇଥିବା ସ୍ୱୀକାର କରିଥିଲା। ରାକେଶଙ୍କ ସହ ପରିଚୟ କରାଇଥିବା ଓ ଏଥିରେ ମଧ୍ୟସ୍ଥତା କରିଥିବା ନିରାକାର ସ୍ୱାଇଁ (ବାଙ୍ଗୁରୁ)କୁ ପୁଲିସ ଥାନାକୁ ଡାକିଥିଲା। ଏହି ଠକେଇ ଟଙ୍କାରୁ ବାଙ୍ଗୁରୁ କିଛି ଅର୍ଥ ନେଇଥିବା ନେଇ ମୁଖ୍ୟ ଅଭିଯୁକ୍ତ ରାକେଶ ପୁଲିସ ଆଗରେ କହିଥିଲା। ପୁଲିସ ତଦନ୍ତ ଅନୁଯାୟୀ ରାକେଶ ମହାନ୍ତି ଓ ନିରାକାର ସ୍ୱାଇଁ ନାମରେ ୧୭୦/୨୫ରେ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଜଳଯୋଗାଣକୁ ନେଇ ୱାଟ୍‌କୋ ଅଫିସ୍ ଘେରିଲା କଂଗ୍ରେସ

ସମ୍ବଲପୁର, ୨୦।୯ (ସମିସ): ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ବିଫଳତାକୁ ନେଇ ଆଜି କଂଗ୍ରେସ ସମ୍ବଲପୁର ୱାଟ୍‌କୋ ଅଫିସ୍ ଘେରିଛି। ସହରରେ ୨୦୧୪ ଭଳି ଜଣ୍ଡିସ୍ ବ୍ୟାପିବାର ଆଶଙ୍କା ଦେଖାଦେଇଥିବାରୁ, ଆସନ୍ତା ୭ଦିନ ଭିତରେ ଏହାର ସମାଧାନ କରାନଗଲେ, ବଡ଼ଧରଣର ଆନ୍ଦୋଳନ କରିବାକୁ କଂଗ୍ରେସ ଚେତାବନୀ ଦେଇଛି।

**ସାତ ଦିନ ମଧ୍ୟରେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ**



ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମାନେଶ୍ୱରଠାରେ ପାଣି ନମୁନା ପରୀକ୍ଷା କରି ଏହା ବ୍ୟବହାରଯୋଗ୍ୟ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ୱାଟ୍‌କୋକୁ ଚିଠି ଲେଖି ସତର୍କ କରାଇଥିଲା। କିନ୍ତୁ ଏହାର ତଦନ୍ତ ନ କରି ଜିଲ୍ଲା ପ୍ରଶାସନ ଏହା ଉପରେ ସଫେଇ ଦେଇଥିଲା। କହିଥିଲା, ସହରବାସୀଙ୍କୁ ଯୋଗାଣ ହେଉଥିବା ଜଳ ବିଶୁଦ୍ଧ ବୋଲି କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଯୋଗାଣ ପାଣିରେ ଅତ୍ୟଧିକ କ୍ଲୋରିନର ଉପସ୍ଥିତି ଜଳର ବିଶୁଦ୍ଧତାକୁ ନେଇ ସନ୍ଦେହ ସୃଷ୍ଟି କରିଥିଲା। ତେଣୁ ଏହାର ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ୱାଟ୍‌କୋ ଅଫିସ୍ ଘେରାଉ କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ୱାଟ୍‌କୋ ମହାପ୍ରବନ୍ଧକ ଇଂ. ବ୍ରହ୍ମେଶ୍ୱର ଦାଶଙ୍କୁ ଘେରାଉ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଏହାର ସମାଧାନ କରାନଗଲେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପାଢ଼ୀ ଚେତାବନୀ ଦେଇଛନ୍ତି। ଆଜିର ଏହି ଘେରାଉରେ ଜିଲ୍ଲା ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ସୁତପା ମିତ୍ର, ସଂଖ୍ୟାଲଘୁ ସେଲ୍‌ର ବାବୁ ଖାନ, ଏମ୍‌ଡି ସଲିମ, ନାରୀନେତ୍ରୀ କବିତା ପଟ୍ଟନାୟକ, ଡଲି ଅହମଦ, ଦଶରଥ ଦାସ, ଦିନେଶ ସାନବଡ଼, ପ୍ରଶାନ୍ତ ମହାନ୍ତି, ଅରୁଣ କୁମାର, ପ୍ରଦୀପ ରାଉତ, ଗୁଡ୍ଡୁ ଉପଲ, ଚନ୍ଦ୍ର ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆରପାରିରେ ଆଦିବାସୀ ନେତା ଜର୍ଜ ଦାଦା

ରାଉରକେଲା,୨୦।୯(ସମିସ): ସୁନ୍ଦରଗଡ଼ ଜିଲ୍ଲାର ଅପ୍ରତିଦ୍ୱନ୍ଦ୍ୱୀ ଆଦିବାସୀ ନେତା, ଗାଙ୍ଗପୁର ମଜଦୁର ମଞ୍ଚର ସଭାପତି ତଥା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଚାରି ଚାରିଥର ବିଧାୟକ ପଦ ଅଳଙ୍କୃତ କରିଥିବା ଜର୍ଜ ତିର୍କୀଙ୍କ ପରଲୋକ ଘଟିଛି। ଶୁକ୍ରବାର ମଧ୍ୟରାତ୍ରିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ଗତ ୩ ମାସ ଧରି ସେ ଗୁରୁତର ଅସୁସ୍ଥ ଥିଲେ। ଶେଷଶଯ୍ୟା ନିକଟରେ ତାଙ୍କ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

**ଜିଲ୍ଲାବ୍ୟାପୀ ଶୋକର ଛାୟା**



ଅବିଭକ୍ତ ସୁନ୍ଦରଗଡ଼ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାକୁ ସଂଗଠିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଦଳରୁ ସେ ୧୯୯୫ ଓ ୨୦୦୦ ମସିହାରେ ଲଗାତାର ୨ଥର ବୀରମିତ୍ରପୁର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ସେହି ସମାନ ଆସନରୁ ୨୦୦୯ରେ ସ୍ୱାଧୀନ ଓ ୨୦୧୪ରେ ସମତାକ୍ରାନ୍ତି ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ପୁଅ ରୋହିତ ଯୋଶେଫ ତିର୍କୀଙ୍କୁ ବୀରମିତ୍ରପୁର ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ କରାଇ ପ୍ରତ୍ୟକ୍ଷ ରାଜନୀତିରୁ ଏକପ୍ରକାର ଦୂରେଇଯାଇଥିଲେ। ଆଜି ସନ୍ଧ୍ୟାରେ ତାଙ୍କ ପାର୍ଥିବଶରୀର ରାଉରକେଲାର ସେକ୍ଟର୍-୮ ସ୍ଥିତ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶହ ଶହ ସଂଖ୍ୟାରେ ନେତା, କର୍ମୀ, ଶ୍ରମିକ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଆସନ୍ତାକାଲି ସକାଳ ୮ଟାରେ ଏକ ପଟୁଆରରେ ତାଙ୍କ ପାର୍ଥିବ ଶରୀରକୁ ପରିକ୍ରମା କରାଯାଇ କୁଆଁରମୁଣ୍ଡାସ୍ଥିତ ତାଙ୍କ ବାସଭବନକୁ ନିଆଯିବ। ପରେ ରାଏବୋଗାସ୍ଥିତ ଝୁନମୁରସ୍ଥିତ ତାଙ୍କ ପୈତୃକ ଗ୍ରାମରେ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ କହିଛନ୍ତି।

# ହୀରାକୁଦର ସବୁ ଗେଟ୍ ବନ୍ଦହେଲା

ସମ୍ବଲପୁର, ୨୦।୯ (ସମିସ) : ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପାଖାପାଖି ପହଞ୍ଚିବା ପରେ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ତାହାକୁ ବଜାୟ ରଖାଯାଉଛି। ଗତକାଲି ୫ଟି ଗେଟ୍ ଖୋଲାଥିବା ବେଳେ ଜଳ ପ୍ରବେଶ ପରିମାଣକୁ ଦୃଷ୍ଟିରେ ରଖି ଆଜି ପର୍ଯ୍ୟାୟକ୍ରମେ ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଶନିବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୮୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ କରିଦିଆଯାଇଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୦,୫୨୨ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୪୯୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲ ଦେଇ ୩୧,୭୩୯ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

**ଜଳସ୍ତର ୬୨୯.୮୧ ଫୁଟ୍**

ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୧.୫୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୧୬ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୭୭ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଜମି ଠକେଇ; ଜେଲ୍ ଗଲେ ଦିଲ୍ଲୀପ

ଭୁବନେଶ୍ୱର,୨୦।୯(ସମିସ): ଜମି ଦେବାକୁ କହି ୧୨କୋଟି ୪୨ଲକ୍ଷ ଠକେଇ ଅଭିଯୋଗରେ ଦିଲ୍ଲୀପ ନାୟକଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା)। ତାଙ୍କୁ ଗତକାଲି କଟକରୁ ଉଠାଇ ନେଇଥିଲା ଇଓଡବ୍ଲ୍ୟୁ। ଆଜି ମେଡିକାଲ ପରୀକ୍ଷା କରିବା ପରେ କଟକ ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। କଟକ ରାଣୀହାଟ ମାଳିସାହିର ବିଜୟ ରାଉତ ଲିଖିତ ଅଭିଯୋଗ କରିଥିଲେ ଯେ ଭୁବନେଶ୍ୱର ପାଣ୍ଡରାରେ ଏକ ଜମି ପାଇଁ ଦିଲ୍ଲୀପ ତାଙ୍କଠାରୁ ୭ କୋଟି ୪୨ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ପୁଣିଥରେ ୨ କୋଟି ଟଙ୍କା ନେବା ପରେ ୩ଟି ଏଗ୍ରିମେଣ୍ଟ କରିଥିଲେ। ଜମି ନ ପାଇବାରୁ ଟଙ୍କା ଫେରାଇବାକୁ ବିଜୟ କହିଥିଲେ। ଟଙ୍କା ନ ପାଇବାରୁ ଏନେଇ ୨୦୨୩ରେ ବିଜୟ ବାଦାମବାଡ଼ି ଥାନାରେ ମାମଲା ରୁଜୁ କରିଥିଲେ। ପରବର୍ତ୍ତୀ ସମୟରେ ଇଓଡବ୍ଲ୍ୟୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା।

# ସୂଚନା ନ ଦେଇ ୨୦ ହଜାର ଡଣ୍ଡ ଗଣିବେ ମାହାଙ୍ଗା ବିଡିଓ

ଭୁବନେଶ୍ୱର, ୨୦।୯ (ସମିସ): ସୂଚନା ଅଧିକାର ଆଇନକୁ ଅବମାନନା କରୁଛନ୍ତି ସୂଚନା ଅଧିକାରୀ ଏବଂ ସରକାରୀ କର୍ମଚାରୀ। ଏଭଳି ଉଲଘଂନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସୂଚନା ଆୟୁକ୍ତ। ମାମଲାର ଶୁଣାଣି ସମୟରେ ଉପସ୍ଥିତ ନ ରହିବା ଏବଂ ତଥ୍ୟ ପ୍ରଦାନ ନ କରିବାରୁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ମାହାଙ୍ଗା ବିଡିଓଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମାହାଙ୍ଗା ବ୍ଲକ୍‌ରେ ନନ୍ଦକିଶୋରପୁର ଗ୍ରାମର ତୁଷାର ରଞ୍ଜନ ସାମଲ ୨ଟି ଘଟଣାରେ ସୂଚନା ଅଧିକାର ଆଇନ ବଳରେ ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଆବେଦନ କରି ତଥ୍ୟ ମାଗିଥିଲେ। ହେଲେ ସୂଚନା ଅଧିକାରୀ କିମ୍ବା ପ୍ରଥମ ଅପିଲ୍ ଅଧିକାରୀ ତଥ୍ୟ ନ ଦେବାରୁ ଆବେଦନକାରୀ ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରିଥିଲେ। ଆୟୁକ୍ତ ୩ ମାସରେ ୩ଥର ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ତଥ୍ୟ ଦେବାକୁ କହିଥିଲେ। ଏହାସତ୍ତ୍ୱେ ମଧ୍ୟ ସୂଚନା ଅଧିକାରୀ ତଥା ବିଡିଓ ତଥ୍ୟ ନ ଦେବାରୁ ରାଜ୍ୟ ସୂଚନା ଆୟୁକ୍ତ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ବିଡିଓ ଏବଂ ଅତିରିକ୍ତ ଜିଲ୍ଲାପାଳ ଶୁଣାଣି ବେଳେ ଆୟୋଗରେ ହାଜର ହେବାକୁ ନୋଟିସ ଜାରି କରିଥିଲେ। ମାତ୍ର ଗତକାଲି ଏହି ମାମଲାର ଶୁଣାଣି ବେଳେ ଉଭୟ ଅଧିକାରୀ ହାଜର ନ ହେବାରୁ ସୂଚନା ଆୟୁକ୍ତ ଶ୍ରୀ ମହାନ୍ତି ସୂଚନା ଅଧିକାର ଆଇନକୁ ଅସମ୍ମାନ କରିଥିବା ଏବଂ ତଥ୍ୟ ଦେଇ ନ ଥିବାରୁ ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ୨୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗର୍ଭବତୀ ସ୍ତ୍ରୀକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ସ୍ୱାମୀ ଫେରାର୍

ଉମରକୋଟ, ୨୦।୯(ସମିସ): ୭ ମାସର ଗର୍ଭବତୀ ସ୍ତ୍ରୀକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ସ୍ୱାମୀ ଫେରାର୍। ନବରଙ୍ଗପୁର ଜିଲ୍ଲା ଉମରକୋଟ ବେସରକାରୀ ବସଷ୍ଟାଣ୍ଡରେ ଆଜି ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମହିଳାଜଣଙ୍କ ହେଲେ, ଦଶମନ୍ତପୁର ବ୍ଲକ୍ କୁଟ୍ରାଆମ ଗ୍ରାମର ଅମିତା ଜାନୀ।



ଅମିତାଙ୍କ କହିବାନୁଯାୟୀ, ଶୁକ୍ରବାର ସ୍ୱାମୀ ଦିନେଶ ଜାନୀଙ୍କ ସହ ସେ ହାଇଦ୍ରାବାଦରୁ ଉମରକୋଟ ଆସିଥିଲେ। ଗତକାଲି ସଂଧ୍ୟାଠାରୁ ଆଜି ଦିନ ଦି'ପହର ଯାଏ ଦୁହେଁ ବସ୍‌ଷ୍ଟାଣ୍ଡ ପରିସରରେ ଥିଲେ। ତେବେ ଦିନ ପ୍ରାୟ ୧ଟା ବେଳେ ହଠାତ୍ ଦିନେଶ ତାଙ୍କୁ ଏକାକୀ ଛାଡ଼ି କେଉଁଆଡ଼େ ଚାଲି ଯାଇଥିବା ସେ କହିଛନ୍ତି। ଦିନେଶଙ୍କୁ ଖୋଜାଖୋଜି କରି ନ ପାଇବାରୁ ସେ ବସ୍‌ଷ୍ଟାଣ୍ଡ ପରିସରରେ ବସି କାନ୍ଦୁଥିଲେ। ଏହା ଦେଖି ସ୍ଥାନୀୟ କିଛି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସଠାରୁ ଖବର ପାଇ ୱାନ୍-ଷ୍ଟେପ୍ ସେଣ୍ଟର୍‌ର ଦୁଇ ମହିଳା କର୍ମଚାରୀ ସେଠାରେ ପହଞ୍ଚି ଅମିତାଙ୍କଠାରୁ ସବିଶେଷ ବିବରଣୀ ନେବା ପରେ ଦିନେଶଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ତାଙ୍କ ଯୋଗାଯୋଗ ସମ୍ଭବ ନ ହେବାରୁ ଅମିତାକୁ ନବରଙ୍ଗପୁର ନେଇଯାଇଥିଲେ।

# ରେଭେନ୍ସାର ୪ ପୂର୍ବତନ ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ମାମଲା ରଦ୍ଦ

କଟକ, ୨୦।୯ (ସମିସ): ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କିମ୍ବା ବିରୋଧ କରିବା ନାଗରିକଙ୍କ ଅଧିକାର। ଆଇନରେ ଏହି ଅଧିକାରକୁ ସୁନିଶ୍ଚିତ କରାଯାଇଛି ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏକ ରାସ୍ତାରୋକ ଘଟଣାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୪ଜଣ ଛାତ୍ରଛାତ୍ରୀଙ୍କ ବିରୋଧରେ ବିଚାରାଧୀନ ଫୌଜଦାରୀ ମାମଲାକୁ ହାଇକୋର୍ଟ ରଦ୍ଦ କରି ଏହା କହିଛନ୍ତି। ଆରତି ମେହେର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସର୍ବସାଧାରଣ ସମ୍ପତ୍ତି କ୍ଷତି ଘଟାଇବା କିମ୍ବା ସମ୍ପୃକ୍ତ ପୁଲିସ୍ କର୍ମଚାରୀଙ୍କୁ କୌଣସି ଆଘାତ ଘଟାଇବା ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ଏହି ଆଧାରରେ ମାମଲା ବିଚାରାଧୀନ ରହିବା ଆବେଦନକାରୀମାନଙ୍କ କ୍ୟାରିଅରକୁ ପ୍ରଭାବିତ କରିବ। ଏଣୁ ଏହାକୁ ଦୃଷ୍ଟିରେ ରଖି ଅଦାଲତ ଆବେଦନକାରୀଙ୍କ ବିରୋଦରେ ଥିବା ମାମଲାକୁ ରଦ୍ଦ କରିଦେଇଛନ୍ତି।

**ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ପ୍ରତ୍ୟେକ ନାଗରିକଙ୍କ ଅଧିକାର ରହିଛି :ହାଇକୋର୍ଟ**

୨୦୧୯ ସେପ୍ଟେମ୍ବର ୫ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ଚାପାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ପରଦିନ ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ମାଲଗୋଦାମ ଥାନାରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ରାସ୍ତା ଅବରୋଧ ପାଇଁ ଜଣେ ଏସ୍‌ଆଇ ଏତଲା ଦେଇଥିଲେ। ଏହି ଘଟଣାରେ କଟକ ଜେଏମଏଫ୍‌ସି-୩ରେ ମାମଲା ବିଚାରାଧୀନ ଥିବା ବେଳେ ପୁଲିସ ପକ୍ଷରୁ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହାକୁ ରଦ୍ଦ କରିବା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସ୍ୱରାଜ ମାମଲା ପରିଚାଳନା କରୁଥିବା ବେଳେ ସମୀକ୍ଷା ସ୍ଥିତିପ୍ରଜ୍ଞା ସହାୟତା କରୁଥିଲେ।

**ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପିର ଅପଚେଷ୍ଟା**

# ୨୩ରେ ବିଧାନସଭା ଘେରିବ ବିଜେଡି

ଭୁବନେଶ୍ୱର,୨୦।୯(ସମିସ): ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ କରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ କ୍ଷମତାଲୋଭରେ ପ୍ରତ୍ୟେକ ଦିନ ଏହାକୁ ଉଲ୍ଲଂଘନ କରାଯାଉଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପି ବାରମ୍ବାର ଅପଚେଷ୍ଟା କରୁଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଥିବା ଆକ୍ରୋଶ ଓ କ୍ଷୋଭକୁ ନେଇ ଆସନ୍ତା ୨୩ ତାରିଖ ଦିନ ଭୁବନେଶ୍ୱର ଲୋୟର ପିଏମଜିଠାରେ ସକାଳ ୧୦ଟା ସମୟରେ ବିଧାନସଭା ଘେରଉ କରିବା ପାଇଁ ନିଷ୍ପତ୍ତି ନେଇଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ବିଜେପି ରାଜ୍ୟରେ ସରକାରକୁ ଆସିବା ପରେ ପ୍ରତ୍ୟେକ ବିଭାଗରେ ବଜେଟ କାଟ୍ କରୁଛନ୍ତି। ପିଏମ୍ ଆବାସ, ଅନ୍ତ୍ୟୋଦୟ ଯୋଜନା, ଜଳ ଜୀବନ ମିଶନ, ସର୍ବୋପରି ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ହ୍ରାସ କରାଯାଉଛି। ମନରେଗା ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁ ନାହିଁ। ତେଣୁ ଆସନ୍ତା ୨୩ ତାରିଖରେ ଲୋୟର ପିଏମଜି ଛକଠାରେ ସକାଳ ୧୦ଟାରେ ଦଳ ପକ୍ଷରୁ ବିଧାନସଭା ଘେରଉ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।



ଦଳର ଉପସଭାପତି ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ବିଜେପି ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ପ୍ରଶାସନିକ କଳକୁ ହାତବାରିସୀ କରି ନିର୍ବାଚିତ ପ୍ରତିନିଧିଙ୍କ ସମ୍ମାନ କ୍ଷୁଣ୍ଣ କରିବା ପାଇଁ ପ୍ରତ୍ୟେକ ଦିନ ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରାଯାଉଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ରବରଷ୍ଟାମ୍ପ ଭାବେ ବ୍ୟବହାର କରିବା ପାଇଁ ବିଜେପି ସରକାର ସରକାରୀ ଅଧିକାରୀଙ୍କ ହାତରେ ଅଧିକ କ୍ଷମତା ଦେବାକୁ ପଛାଉନାହାନ୍ତି। ଲୋକଙ୍କ ପାଖରେ ଉତ୍ତରଦାୟୀ ଥିବା ପଞ୍ଚାୟତ ପ୍ରତିନିଧିମାନଙ୍କୁ ସମ୍ବିଧାନ ସଂଶୋଧନ ଜରିଆରେ ଅଧିକ କ୍ଷମତା ଦିଆଯାଇଥିଲା ବେଳେ ନିଜ ଦଳୀୟ ସାଂସଦ, ବିଧାୟକ ଏବଂ କର୍ମୀଙ୍କ ଜରିଆରେ ଏହି କ୍ଷମତାକୁ ହଡ଼ପ କରିବା ପାଇଁ ବିଜେପି ଚାହୁଁଛି। ଏହା ଫଳରେ ଲୋକେ ଚାହୁଁଥିବା ବିକାଶ କାର୍ଯ୍ୟ ହୋଇପାରୁନାହିଁ ଏବଂ ପ୍ରତ୍ୟେକ ସରକାରୀ ଅଫିସକୁ ବିଜେପି ନିଜ ଦଳୀୟ କର୍ମୀଙ୍କ ଜରିଆରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତକୁ ଦେଇଥିବା ୫୦ ଲକ୍ଷ ଟଙ୍କା ବଦଳରେ ବିଜେପି ସରକାର ଏହି ଯୋଜନାର ନାଁ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେ ଏହାର ଏକଚତୁର୍ଥାଂଶ ଅନୁଦାନ ମଧ୍ୟ ଦେଉନାହାନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ସରକାର ଦିଶାହୀନ ଭାବେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି। ପ୍ରତ୍ୟେକ ସ୍ତରରେ ରାଜନୈତିକ ହସ୍ତକ୍ଷେପ ଲାଗି ଜିଲ୍ଲାପାଳ ଅଫିସ୍ ଠାରୁ ବ୍ଲକ ଅଫିସ୍ ପର୍ଯ୍ୟନ୍ତ ପ୍ରଶାସନ ଚାପଗ୍ରସ୍ତ ହୋଇ କାମ କରୁଛନ୍ତି। ପଞ୍ଚାୟତ ସ୍ତରରେ ବିଜେଡି ଦୃଢ଼ ସ୍ଥିତିରେ ଥିବାରୁ ବିଜେପି କର୍ମୀମାନେ ସାଧାରଣ ଲୋକଙ୍କ ଉପରେ ଉତ୍ପୀଡ଼ନ କରୁଛନ୍ତି, ଫଳରେ ସାଧାରଣ ଲୋକ ତ୍ରାହି ତ୍ରାହି ଡାକୁଛନ୍ତି। ଲୋକଙ୍କ ସମସ୍ୟାଠୁ ଦୂରେଇ ଯାଇ ନିଜ ଦଳର କର୍ମୀଙ୍କୁ ପୋଷିବାକୁ ସମ୍ବିଧାନ ଓ ଗଣତନ୍ତ୍ରର ହତ୍ୟା କରୁଛି ବିଜେପି। ବିଜେଡି ଏହାକୁ ଦୃଢ଼ ଭାବେ ବିରୋଧ କରୁଛି। ଆଗାମୀ ସେପ୍ଟେମ୍ବର ୨୩ ତାରିଖ ଦିନ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ବିଧାନସଭା ଘେରଉ କାର୍ଯ୍ୟକ୍ରମରେ ସାମିଲ ହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନିର୍ଦ୍ଦେଶନାମାକୁ ବାତିଲ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

# ଅନୀତ ଇନ୍ କିୟାରା ଆଉଟ୍





'ସୈୟାରା' ହିନ୍ଦୀ ସିନେମାରେ ନଜର ଆସିଥିଲେ ଅଭିନେତ୍ରୀ ଅନୀତ୍ ପଡ୍ଡା। ନିଜ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟ ଜିତିଛନ୍ତି। ତେବେ ଆଗାମୀ ଦିନରେ ସେ ଦୀନେଶ ଭିଜନଙ୍କ ହର୍‌ର-କମେଡି ସିନେମା 'ଶକ୍ତି ଶାଲିନୀ'ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ। ହେଲେ ପ୍ରଥମେ ଏହି ସିନେମା ପାଇଁ କିୟାରାଙ୍କୁ ମନୋନୀତ କରାଯାଇଥିଲା। ଏବେ ତାଙ୍କ ବଦଳରେ ଏଥିରେ ନଜର ଆସିବେ ଅନିତ। ତେଣୁ ଏବେ ଏହି ସିନମୋରୁ ଏବେ କିୟାରା ଆଉଟ୍ ହୋଇଥିବା ବେଳେ ଅନୀତଙ୍କ ଏଣ୍ଟ୍ରି ହୋଇଛି। ଗତ ଦୁଇ ମାସ ହେବ ଦୀନେଶ ଓ ତାଙ୍କ ଟିମ୍ ଅନୀତଙ୍କ ସହ ଆଲୋଚନା କରି ଆସୁଥିଲେ। ଏହାରି ଭିତରେ ଏହି ସିନେମା ପାଇଁ ଅନୀତ ଲୁକ୍ ଟେଷ୍ଟ ଏବଂ ପ୍ରଫେସନାଲ୍ ଫଟୋସୁଟ୍ ପୂରା କରିଛନ୍ତି। ସେହିପରି ସିନେମାର ସୁଟିଂ ଚଳିତ ବର୍ଷ ଶେଷ ସୁଦ୍ଧା ହେବାକୁ ଥିବା ବେଳେ ୨୦୨୬ ମସିହାରେ ଏହାକୁ ରିଲିଜ୍ କରାଯିବ।

# ସିଙ୍ଗଲ୍ ଅଛନ୍ତି ଅମୀଷା

'କହୋ ନା ପ୍ୟାର୍ ହୈ'ରେ ଅମୀଷା ପଟେଲଙ୍କୁ ଦର୍ଶକୀୟ ଆଦୃତି ମିଳିଥିଲା। ଏହା ପରେ ବି ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ହେଲେ ଏବେ ବି ସିଙ୍ଗଲ ଅଛନ୍ତି ଅମୀଷା। ଅର୍ଥାତ୍ ସେ ଅବିବାହିତ ଅଛନ୍ତି। ସେ ଏକ ପଡ୍‌କାଷ୍ଟରେ ନିଜର ବ୍ୟକ୍ତିଗତ ଜୀବନ ବାବଦରେ ଖୋଲା ଖୋଲି ଆଲୋଚନା କରିଛନ୍ତି। ଏପରିକି ଏ ଯାଏଁ ବିବାହ କାହିଁକି କରି ନାହାନ୍ତି, ତାହାର କାରଣ ବି କହିଛନ୍ତି। ସେତେବେଳେ ସେ କାମରେ ବ୍ୟସ୍ତ ରହୁଥିଲେ। ତାଙ୍କ ନଜର କେବଳ କାମ ଉପରେ ରହୁଥିଲା। ଅବଶ୍ୟ ତାଙ୍କ ପଛରେ ଯୁବକମାନେ ପଡ଼ିଥିଲେ ବି ସେତେବେଳେ ସେ ବହି ଭିତରେ ନିଜକୁ ହଜାଇ ରଖୁଥିଲେ। ଯେତେବେଳେ କାମ କଲେ କାମରେ ନିଜକୁ ବ୍ୟସ୍ତ ରଖିଲେ। ଅବଶ୍ୟ ତାଙ୍କ ପାଇଁ ପ୍ରସ୍ତାବ ଆସିଛି ଏବଂ ଏବେ ବି ଆସୁଥିବା ସେ କହିଛନ୍ତି। ତେବେ 'କହୋନା ପ୍ୟାର୍ ହୈ' ସିନେମା ପୂର୍ବରୁ ଅମୀଷା ଜଣକ ସହିତ ସିରିଏସ୍ ରିଲେସନ୍‌ସିପ୍‌ରେ ଥିଲେ। ହେଲେ ସେ ଫିଲ୍ମରେ କାମ କରିବାକୁ ଚାହିଁବାରୁ ତାଙ୍କ ପାର୍ଟନରଙ୍କ ସମର୍ଥନ ମିଳିଲାନି। ତେଣୁ ପ୍ରେମ ବଦଳରେ ସେ କ୍ୟାରିୟରକୁ ବାଛିଲେ। ବାହାଘର ପରେ କାହା ସ୍ତ୍ରୀର ପରିଚୟ ଭାବେ ନ ବଞ୍ଚି ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିବାର ନିଷ୍ପତ୍ତି ନେଲେ। ଅନ୍ୟପଟେ ଏବେ ବି ସେ ବିବାହ ପାଇଁ ସ୍ୱପ୍ନ ଦେଖୁଥିବା କହନ୍ତି।



# 'ଦୁଲ୍‌ଦୁଲି' ଗୀତରେ ଓଡ଼ିଆ କଳା ଓ ସଂସ୍କୃତିର ପରମ୍ପରା

ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଦଶହରାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଏହାର ପ୍ରସ୍ତୁତି ସମାପ୍ତ ହୋଇଥିବା ବେଳେ ଫିଲ୍ମରେ ଥିବା ପ୍ରତ୍ୟେକ ଗୀତକୁ ମିଳୁଛି ଅପୂର୍ବ ସଫଳତା। ଫିଲ୍ମରେ ସମୁଦାୟ ଚାରିଟି ଗୀତ ମଧ୍ୟରୁ ପ୍ରଥମେ ରିଲିଜ୍ ହୋଇଥିଲା ପ୍ରମୋସନାଲ୍ ଭାଙ୍ଗ ଗୀତ। ଯେଉଁଥିରେ ଅର୍ଦ୍ଧେନ୍ଦୁ ଏବଂ ହରିହର ମହାପାତ୍ରଙ୍କୁ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଗୀତ 'ଦୁଲ୍ ଦୁଲି'କୁ ମଧ୍ୟ ଦର୍ଶକଙ୍କ ଢେର ଭଲ ପାଇବା ମିଳିଛି। ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ଅନ୍ତରା ଚକ୍ରବର୍ତ୍ତୀ। ଗୀତରେ ଅଭିନୟ କରିଛନ୍ତି ନାୟକ ଅର୍ଦ୍ଧେନ୍ଦୁ ଏବଂ ନାୟିକା ଏଲିନା। ତେବେ 'ଦୁଲଦୁଲି' ଗୀତ ଓ ନୃତ୍ୟରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା କଥା ରହିଛି। ଗୋଟି ପୁଅ, ଛଉ, ପାଇକ ଆଖଡ଼ା ଭଳି ବିଭିନ୍ନ ପାରମ୍ପରିକ ନୃତ୍ୟକୁ ଗୀତରେ ସ୍ଥାନ ଦିଆଯାଇ ଏହାର ପ୍ରଚାର ଓ ପ୍ରସାର ଉପରେ ପ୍ରାଧାନ୍ୟ ଦିଆଯାଇଛି। ଏହି ଗୀତକୁ କୋରିଓଗ୍ରାଫି କରିଛନ୍ତି କୋରିଓଗ୍ରାଫର ଅମିତ ନାୟକ। ସାଇ କିରଣ ମଙ୍ଗରାଜଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସିନେମାରେ ଭରପୂର ଆକ୍ସନ, ଫ୍ୟାମିଲି ଡ୍ରାମା ସହିତ ଜବରଦସ୍ତ ମ୍ୟୁଜିକ୍ ରହିଛି। ବଲିଉଡ୍‌ର ଖ୍ୟାତନାମା କଳାକାର ପୁନିତ ଇଶାର ଏକ ବିଶେଷ ଭୂମିକାରେ ନଜର ଆସିବେ। ତାଙ୍କ ବ୍ୟତୀତ ଭୁପିନ୍ଦର ସିଂହ, ଲିପି ମହାପାତ୍ର, ବବି ମିଶ୍ର, ହରିହର ମହାପାତ୍ର, ରତନ ମେହେର, ପୃଥ୍ୱୀରାଜ ନାୟକ, ଜୀବନ ପଣ୍ଡା, ସନ୍ତୁ, ଶୈଳେନ୍ଦ୍ର, ଗେଡାନା ଭଳି ବହୁ ପୁରୁଖା କଳାକାର ଏଥିରେ ଦେଖିବାକୁ ମିଳିବ।



# ପୂଜାରେ ବୈଦ୍ୟନାଥଙ୍କ ସଂଗୀତ

ଓଡ଼ିଶାର ଯୁବ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ନିଜର ସଂଗୀତ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି। ସେ ସିନେମା ହେଉ କି ମ୍ୟୁଜିକ ଭିଡିଓ, ସବୁ ଗୀତକୁ ତାଙ୍କର ଅନେକ ପ୍ରଶଂସା କରିଛନ୍ତି ଶ୍ରୋତାମାନେ। ସେହିପରି ସବୁ ପୂଜା ଭସାଣିରେ ତାଙ୍କ ଗୀତ ରୁହେ ଶୀର୍ଷରେ। ସେ ଆଧାର କାର୍ଡ ସୁକୁଟି ସାହୁ ଗୀତ ହେଉ କିମ୍ବା ଜହ୍ନ ଲୋ ତୋ ବୋଉ ଟାଣିଛି ଚକଖଡ଼ି ଚିହ୍ନ, କି ତୁ ମୋର... । ଠିକ୍ ସେହିପରି ଚଳିତ ବର୍ଷ ଗଣେଶ ପୂଜାରେ ରିଲିଜ୍ ହୋଇଥିବା 'ଡେଲିଭେରୀ ବୟ ୨' ର ଗୀତ ଲୋକାଲ୍ ମାଧୁରୀ ଏବଂ ଅନୁଭବ, ଶିବାନୀ ଅଭିନୀତ କେରକେରା ଗୀତଟି ଏବେ ସାରା ଓଡ଼ିଶାରରେ ଚହଳ ପକାଇଛି। ତା' ସହିତ ଏହି ଗୀତ ପୂଜା ବଜାରକୁ ସରଗରମ କରୁଛି। ସେହିପରି ସବୁ ଯୁବଗୋଷ୍ଠୀ ଏବେ ଏହି ଗୀତରେ ମତୁଆଲା ଏବଂ ସବୁ ମେଲୋଡିରେ ଏବେ ବାଜୁଛି ଏହି ଦୁଇଟି ଗୀତ।



# "ଦର୍ଶକଙ୍କ ଭଲପାଇବା ମୋତେ ସଫଳତା ଦେଇଛି"

**ଶୁଭଶ୍ରୀ ବାରିକ, ଅଭିନେତ୍ରୀ**



ପିଲାବେଳେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ନିଜ ଭାବନାକୁ ସେ ପ୍ରକାଶ କରୁଥିଲେ। ହେଲେ ତାଙ୍କ ଭାଗ୍ୟର ଲିଖନ କିଛି ଅଲଗା ଥିଲା। ପଢ଼ା ପାଇଁ ନୃତ୍ୟରୁ ଦୂରେଇ ଯାଇଥିଲେ। ଆଉ ପରେ ଟିକ୍‌ଟକ୍‌ରେ ଭିଡିଓ ତିଆରି କଲେ ସେ। ପରବର୍ତ୍ତୀ ସମୟରେ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ବନାଉ ବନାଉ ତାଙ୍କୁ ମ୍ୟୁଜିକ୍ ଭିଡିଓ କରିବାକୁ ସୁଯୋଗ ମିଳିଲା। ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ ଥିଲା 'ତୋର ପାୟଲିଆ'। ଏକାଧିକ ମ୍ୟୁଜିକ୍ ଭିଡିଓ କରି ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ଜଣକ ହେଉଛନ୍ତି, କଟକ ଜିଲ୍ଲା ଅନ୍ତର୍ଗତ ନିଶ୍ଚିନ୍ତକୋଇଲିର ଶୁଭଶ୍ରୀ ବାରିକ ଓରଫ ଶ୍ରୀ'। 'ତିତ୍‌ଲି' ହେଉଛି ତାଙ୍କ ଅଭିନୀତ ପ୍ରଥମ ଧାରାବାହିକ। ଏବେ ସେ ତରଙ୍ଗ ଚ୍ୟାନେଲ୍‌ର 'ମୋ ସିନ୍ଦୂରର ଅଧିକାର'ରେ ମୁକ୍ତି ଚରିତ୍ର ମାଧ୍ୟମରେ ଓଡ଼ିଶାର ଘରେ ଘରେ ପରିଚିତ। ନୃତ୍ୟ ଜଗତରୁ ତାଙ୍କର ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକାର ଯାତ୍ରା କିଭଳି ଥିଲା ?**

● ଅଷ୍ଟମ ନବମ ଶ୍ରେଣୀରୁ ପଢ଼ା ସହିତ ଓଡ଼ିଶୀ ନୃତ୍ୟ ଶିଖୁଥିଲି। ଅନେକ ମଞ୍ଚରେ ନୃତ୍ୟ ପରିବେଷଣ କରିଛି। ପଢ଼ା ପାଇଁ ନୃତ୍ୟରୁ ଦୂରେଇ ଯାଇଥିଲି। ପରବର୍ତ୍ତୀ ସମୟରେ ଆସିଲା ଟିକ୍‌ଟକ୍। ସେଥିରେ ଭିଡିଓ ବନାଇଲି। ଟିକ୍‌ଟକ୍ ବ୍ୟାନ୍ ହେବା ପରେ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କଲି। ଉକ୍ତ ପ୍ଲାଟ୍‌ଫର୍ମରେ ମୋତେ ମ୍ୟୁଜିକ୍ ଭିଡିଓ କରିବାକୁ ସୁଯୋଗ ମିଳିଲା। ପ୍ରଥମେ ସମ୍ବଲପୁର ମ୍ୟୁଜିକ୍ ଭିଡିଓ 'ତୋର ପାୟଲିଆ'କୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି। ଯେତେ ବି ମ୍ୟୁଜିକ୍ ଭିଡିଓ କରିଛି ପ୍ରାୟତଃ ଭାଇରାଲ ହୋଇଛି। ଲୋକଙ୍କ ଭଲପାଇବା ମିଳିଛି। ତେବେ ନେଗେଟିଭ୍ ଚରିତ୍ର କରିବାକୁ ଇଚ୍ଛା ଥିଲା। ଏଥିପାଇଁ ତରଙ୍ଗ ଚ୍ୟାନେଲ୍‌ରେ ଅଡିସନ୍ ଦେଇଥିଲି। ସ୍ନାତକରେ ଅଧ୍ୟୟନ ସମୟରେ 'ତିତ୍‌ଲି' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। ଏବେ 'ମୋ ସିନ୍ଦୂରର ଅଧିକାର'ରେ 'ମୁକ୍ତି' ଚରିତ୍ରରେ ଅଭିନୟ କରୁଛି। ଫୁରସତ୍‌ରେ ମ୍ୟୁଜିକ୍ ଭିଡିଓ ବି କରୁଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ନୃତ୍ୟ କରିବା ଆଉ କ୍ୟାମେରାକୁ ସାମ୍ନା କରିବା ସମ୍ପୂର୍ଣ୍ଣ ଭିନ୍ନ। ପ୍ରଥମ ଧାରାବାହିକରେ କାମ କରିବା ସମୟରେ ଅଭିନୟ କ'ଣ ଜାଣି ନଥିଲି। ଇଣ୍ଡଷ୍ଟ୍ରି ଆସିବା ପୂର୍ବରୁ ଏବେ ଯାଏଁ ମୋ ମା' ସହଯୋଗ ଥିଲା। ଆଉ ଇଣ୍ଡଷ୍ଟ୍ରିକୁ ଆସିବା ପରେ ପୂରା ଟିମ୍ ଆଉ ସମସ୍ତ କଳାକାରମାନେ କାମ ଶିଖାଇଥିଲେ। ସେମାନଙ୍କ ସହଯୋଗ ଓ ଭଲ ପାଇବା ଆଜି ମୋତେ ଏଇଠି ରଖିଛି। ବାଦଲ ଦାଦାଙ୍କଠାରୁ ବହୁତ କିଛି ଶିଖିଛି। ଆଗକୁ ପ୍ରତି ଲୋକଙ୍କଠାରୁ କିଛି ଶିଖିବାକୁ ଇଚ୍ଛା ଅଛି।

**'ମୋ ସିନ୍ଦୂରର ଅଧିକାର'ର 'ମୁକ୍ତି' ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ସତ କଥା ହେଉଛି, 'ଶ୍ରୀ' ସହିତ 'ମୁକ୍ତି'ର ଗୁଣ ଅଧା ମିଶେ। 'ଶ୍ରୀ' ଯେମିତି ଚୁଲ୍‌ବୁଲି 'ମୁକ୍ତି' ବି ସେମିତି। ନିଜ ଲୋକଙ୍କ ଭିତରେ ରହିବାକୁ ଉଭୟ ଚାହାଁନ୍ତି। ଶ୍ରୀ ଯେତିକି ଆବଶ୍ୟକ ସେତିକି କଥା ହୁଏ। ହେଲେ ମୁକ୍ତି ସବୁବେଳେ ଗପୁଥାଏ। ତଥାପି କିଛି କଥା ଅଛି ଯେଉଁଠି ମୁକ୍ତି ଚରିତ୍ର ପାଇଁ ମୋତେ କିଛି ବଦଳାଇବାକୁ ପଡ଼ିଛି। ତିତ୍‌ଲି ପରି ମୁକ୍ତିକୁ ଦର୍ଶକ ମଧ୍ୟ ବହୁତ ଭଲପାଇବା ଦେଉଛନ୍ତି। ଆଗକୁ ଦର୍ଶକ 'ମୋ ସିନ୍ଦୂରର ଅଧିକାର'ରେ କିଛି ନୂଆ ଟ୍ୱିଷ୍ଟ ଦେଖିବାକୁ ପାଇବେ।

**ଶ୍ରୀ'ଙ୍କ ଆଗାମୀ ଯୋଜନା ?**

● ବର୍ତ୍ତମାନ ଧାରାବାହିକରେ କାମ କରୁଛି। ଏଥିପାଇଁ ବହୁତ ସମୟ ଦେବାକୁ ହୁଏ। ତେଣୁ ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରୁଛି। ଆଗକୁ ବଡ଼ ପରଦାରେ ନିଜକୁ ଦେଖିବାକୁ ମନରେ ଇଚ୍ଛା ଅଛି। ତେବେ ଭଗବାନଙ୍କ ଆଶୀର୍ବାଦ ଆଉ ଦର୍ଶକଙ୍କ ସ୍ନେହ ପ୍ରେମ ଓ ଶ୍ରଦ୍ଧା ଆଗକୁ ନେବ ବୋଲି ବିଶ୍ୱାସ ଅଛି। ଭବିଷ୍ୟତରେ ବ୍ୟବସାୟ କରିବାକୁ ବି ଯୋଜନା ରଖିଛି। ପଢ଼ା ବି ଜାରି ରହିଛି।

**ଆପଣ ଫିଟ୍ ରହିବାର ଫର୍ମୁଲା?**

● ଯେତେବେଳେ ସମୟ ଥିଲା ଜିମ୍ ଯାଉଥିଲି। ହେଲେ ଏବେ ଦିନ ରାତି ଖଟୁଛି। ଖାଇବା ପିଇବାରେ ବିଶେଷ ଧ୍ୟାନ ଦିଏ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

● ବ୍ୟକ୍ତିଗତ ଜୀବନରେ ଦୁଃଖ ଆଉ ସୁଖ ସମସ୍ତଙ୍କର ଥାଏ। ଯେତେବେଳେ ଗୋଟେ ଚରିତ୍ରଟିଏ ମିଳୁଛି, ସେଠି ନିଜ ବ୍ୟକ୍ତିଗତ ସମସ୍ୟା କଥା ନ ଭାବି ଚରିତ୍ରରେ ବୁଡ଼ି ଯାଆନ୍ତୁ। ଚରିତ୍ରକୁ ଭଲ ଭାବେ ବୁଝି ଅଭିନୟ କଲେ ଅଭିନୟ ପ୍ରଶଂସନୀୟ ହୋଇଥାଏ। କଥା ହେଉଛି, ଏହି ଲାଇନ୍‌ରେ ତିଷ୍ଠି ରହିବାକୁ ଧୈର୍ଯ୍ୟ ଦରକାର।

# ୫୦୦ ଅଧ୍ୟାୟରେ ଚାରି ଧାରାବାହିକ

ଓଡ଼ିଶା ଇତିହାସରେ ପ୍ରଥମଥର ସିଦ୍ଧାର୍ଥ ଟିଭିର ଚାରୋଟି ଧାରାବାହିକ ଗୋଟିଏ ଦିନରେ ୫୦୦ ଅଧ୍ୟାୟର କୃତିତ୍ୱ ଲାଭ କରିଛି। ଏହା ସମ୍ଭବ ହେଇଛି କେବଳ ଦର୍ଶକମାନଙ୍କର ବିଶ୍ୱାସ ଓ ଭଲ ପାଇବା ପାଇଁ। ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର କାହାଣୀ, ଦର୍ଶକ ମାନଙ୍କ ମନ ପସନ୍ଦର ଚରିତ୍ର, କଳାକାରମାନଙ୍କର ନିଖୁଣ ଅଭିନୟ ତଥା ନିର୍ମାତା ସୀତାରାମ ଅଗ୍ରୱାଲଙ୍କ ଗଭୀର ପ୍ରଚେଷ୍ଟା, ବଳିଷ୍ଠ ପରିକଳ୍ପନା ଓ ନମିତା ଅଗ୍ରୱାଲଙ୍କର ପ୍ରେରଣା ଓ ଦିଗଦର୍ଶନ ହେଉଛି ଏହି ସଫଳତାର ମୂଳମନ୍ତ୍ର।

ଧାରାବାହିକ 'ମାୟା ଓ ମମତା'ର ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି ଶୁଭସ୍ମିତା, ଅଭିଷେକ, ରଞ୍ଜିତା, ଅର୍ପିତା, ଭବାନୀ, ଜଗବନ୍ଧୁ, ପିଙ୍କି। ଏ ହେଉଛି ଦୁଇ ମା' ଓ ପୁଅର ଆବେଗଭରା କାହାଣୀ ଏବଂ ବୋହୂ ତଥା ନାୟିକା ପଲ୍ଲବୀର ଆଇପିଏସ୍ ହେବାର ସ୍ୱପ୍ନ। ସେହିପରି 'ସୁନୟନା'ରେ ପ୍ରମୁଖ ଭୂମିକାରେ ଅଛନ୍ତି ସୀମା, ଆଶିଷ, ପ୍ରୀତି, ବୁଲୁ ପଣ୍ଡା, ବନ୍ଦନା, ଚିନ୍ମୟୀ, ମିଲି ଓ ସ୍ନିଗ୍ଧା। ଏ ହେଉଛି ଶାଶୁ ବୋହୂଙ୍କ କାହାଣୀ। ନିଜ ପରିବାରକୁ ଗୋଟିଏ ସୂତାରେ ବାନ୍ଧି ରଖିବା ପାଇଁ ବୋହୂ ସୁନୟନାର ପ୍ରୟାସ। 'ସିନ୍ଦୁର ଖେଳ'ରେ ପ୍ରମୁଖ ଭୂମିକାରେ ରଶ୍ମି ରେଖା, ରୋଶନ୍, ମାମୁନି, ମମତା, ରାକେଶ, ସୁଶ୍ରୀ, ବିଶ୍ୱରୂପା ପ୍ରମୁଖ ଅଭିନୟ କରୁଛନ୍ତି। କୁନି କୁନି ପୁଅ ଝିଅ ଆଉ ସ୍ୱାମୀକୁ ନେଇ ଆଦ୍ୟାର ସୁଖର ସଂସାରରେ ସଉତୁଣୀ ମଲ୍ଲିକା ଆଣିଛି ଅଶାନ୍ତିର ଝଡ଼। ସେହିପରି ଅନ୍ୟତମ ଲୋକପ୍ରିୟ ଧାରାବାହିକ 'କେଦାର ଗୌରୀ'ର ମୁଖ୍ୟ ଚରିତ୍ରରେ ରୂପାଲି, ଚିନ୍ମୟ, ସ୍ମିତା ତ୍ରିପାଠୀ, ସବିତା, ବବଲୁ, ସ୍ୱର୍ଣ୍ଣପ୍ରଭା ଓ ମୋନାଲିସା ଅଭିନୟ କରିଛନ୍ତି। କେଦାର ଓ ଗୌରୀ ହେଉଛନ୍ତି ଜନ୍ମ ଜନ୍ମର ସାଥୀ। ଗୌରୀ ମାତୃତ୍ୱ ଲାଭ କରିବା ପରେ ମାଧବୀର ଚକ୍ରାନ୍ତର ଶିକାର ହେଉଛି। ଅନ୍ୟପଟେ ସବୁ ଧାରାବାହିକର କାହାଣୀ ଦିନକୁ ଦିନ ଅଧିକ ରୋମାଞ୍ଚକ ହେଉଥିବା ବେଳେ ପହଞ୍ଚିଛନ୍ତି ୫୦୦ ଅଧ୍ୟାୟରେ। ୫୦୦ ଅଧ୍ୟାୟର ସଫଳତାର ଖୁସିରେ ସୁଟିଂ ସେଟ୍‌ରେ ଉତ୍ସବ ପାଳନ କରିଛନ୍ତି ନିର୍ମାତା, ନିର୍ଦ୍ଦେଶକ ଓ ଚାରୋଟି ଯାକ ଧାରାବାହିକର କଳାକାର ଓ ଟେକନିସିଆନ।



ପରଦା ପଛର କାହାଣୀ

# ବିନା ରିଲିଜ୍‌ରେ ବ୍ଲକ୍‌ବଷ୍ଟର୍ ଫିଲ୍ମ

ସାଧାରଣତଃ ଗୋଟିଏ ଫିଲ୍ମ ରିଲିଜ୍ ହେବା ପରେ ଏହା ବ୍ଲକ୍‌ବଷ୍ଟର କି ଫ୍ଲପ୍ ତାହା ଜଣାପଡ଼ିଥାଏ। ତେବେ ଏପରି ଫିଲ୍ମ ଅଛି, ଯାହା ରିଲିଜ୍ ନ ହୋଇ ମଧ୍ୟ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ୭୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ଫିଲ୍ମ ୨ କୋଟି ଟଙ୍କା ଆୟ କରିଥିଲା। ୧୯୮୯ ମସିହାରେ ଆସିଥିଲା ମ୍ୟୁଜିକ୍ ଆଲବମ୍ ଫିଲ୍ମ 'ଲାଲ୍ ଦୁପଟା ମଲ୍‌ମଲ୍ କା'। ଏଥିରେ ୧୦ଟି ଗୀତ ରହିଥିଲା। ତନ୍ମଧ୍ୟରୁ ଗୋଟିଏ ଗୀତ 'କ୍ୟା କରତେ ହୋ ସାଜ୍‌ନା ତୁମ ହମ୍‌ସେ ଦୂର ରେହ କେ', ଆଲବମ୍ ରିଲିଜ୍ ହେବା ମାତ୍ରେ ପୂରା ଦେଶରେ ବେଶ୍ ଲୋକପ୍ରିୟ ହୋଇଥିଲା। ରେଡିଓଠୁ ନେଇ ବସ୍‌ଷ୍ଟାଣ୍ଡ ସବୁ ସ୍ଥାନରେ ଏହା ଶୁଣିବାକୁ ମିଳୁଥିଲା। ଏହି ସମୟରେ ହିଁ ମେଲୋଡ଼ିୟସ୍ ଗୀତ ଓ ରୋମାଣ୍ଟିକ୍ ଫିଲ୍ମର ଏକ ଜମାନା ଆରମ୍ଭ ହୋଇଥିଲା। ଏଥିରେ ଥିବା ଅଧିକାଂଶ ଗୀତ ଅନୁରାଧା ପୌଡ଼ୱାଲ ଓ ଉଦିତ ନାରାୟଣ ଗାଇଥିଲେ। ରୋଚକୀୟ କଥା, ଅନୁରାଧା ଏହି ମ୍ୟୁଜିକ୍ ଭିଡିଓ ଆଇଡିଆ ଗୁଲସନ କୁମାରଙ୍କୁ ଦେଇଥିଲେ। ୧୯୮୯ ମସିହାରେ ଗୁଲସନ କୁମାର ସେହି ଗୀତ ମଧ୍ୟରୁ ଗୋଟିଏ ଗୀତ ରିଲିଜ୍ କରିଥିଲେ। ଏହି ଆଲବମ୍‌ର ଗୀତ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏହି ଗୀତ ରିଲିଜ୍ ପୂର୍ବରୁ ଗୁଲ୍‌ସନ୍ କୁମାର ଏହାକୁ ନେଇ ଏକ ଫିଲ୍ମ କରିବାକୁ ଚାହୁଁଥିଲେ। ଗୀତ ଆଧାରରେ ଫିଲ୍ମର କାହାଣୀ ସ୍ଥିର ହୋଇଥିଲା। ୮୦ ଦଶକରେ ଏହି ଗୀତକୁ ସୁପରଷ୍ଟାର ସିଙ୍ଗର୍ ଅନୁରାଧା ପୌଡ଼ୱାଲ, ମୋହମ୍ମଦ ଅଜିଜ୍, ଉଦିତ୍ ନାରାୟଣ, ଓ ସୁରେଶ ୱାଡକର ପ୍ରମୁଖ ନିଜ ସ୍ୱରରେ ସଜେଇ ଥିଲେ। 'କ୍ୟା କର ତେଥେ ସାଜନା ତୁମ୍ ହମସେ...', 'ଲାଲ ଦୁପଟା ମଲମଲକା...', 'ସୁନି ସୁନି ଆଖିୟୋ ମେଁ...', 'ରକିବ ସେ ହବିବୋ ସେ...' ଆଦି ଗୀତରେ ସଜ୍ଜିତ ଏହି ଫିଲ୍ମ ରିଲିଜ୍ ହୋଇ ନଥିଲା। ଫିଲ୍ମ ରିଲିଜ୍ ନ ହେଲେ ମଧ୍ୟ ଏହାର ଡିବିଡିକୁ ମାର୍କେଟରେ ବିକ୍ରି କରି ଦିଆଯାଇଥିଲା। ତେବେ ବଜାରକୁ ଆସିବା ପରେ ରାତାରାତି ଗୀତଗୁଡ଼ିକ ଲୋକପ୍ରିୟ ହୋଇଯାଇଥିଲା। ଫିଲ୍ମର ୧୦ ଟି ଗୀତ ମାର୍କେଟରେ ସୁପରହିଟ୍ ହୋଇଥିଲା। ଫିଲ୍ମ ରିଲିଜ୍ ହୋଇ ନଥିଲେ ମଧ୍ୟ ଏହାର ଗୀତଗୁଡ଼ିକକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ।





### ଭାରତ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଦୁବାଇରେ ହାଇଡ୍ରାମା

# ସାମ୍ବାଦିକ ସମ୍ମିଳନୀକୁ ଆସିଲାନି ପାକିସ୍ତାନ

ଦୁବାଇ,୨୦।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟର ସୁପର-୪ ମୁକାବିଲା ଆଜିଠାରୁ ଆରମ୍ଭ ହୋଇଛି। କିନ୍ତୁ କ୍ରିକେଟ ପଡ଼ିଆ ଅପେକ୍ଷା ବାହାରର ଘଟଣାକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ଚର୍ଚ୍ଚାରେ ରହିଛି। ଆସନ୍ତାକାଲି ଅର୍ଥାତ ରବିବାର ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ସୁପର-୪'ର ଦ୍ୱିତୀୟ ମୁକାବିଲା ଖେଳାଯିବ। ଏହି ମୁକାବିଲା ପୂର୍ବରୁ ଆଜି ହେବାକୁ ଥିବା ସାମ୍ବାଦିକ ସମ୍ମିଳନୀକୁ ଆସିଲାନି ପାକିସ୍ତାନ। ଏହି ସମ୍ମିଳନୀରେ ଅଧିନାୟକ ସାମ୍ବାଦିକଙ୍କ ସମ୍ମୁଖୀନ ହୋଇଥାନ୍ତି। ଅନ୍ୟ ପକ୍ଷରେ ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ତାଙ୍କ ମତରେ ଷ୍ଟାଡିୟମ୍‌ରେ ଦର୍ଶକ ଭରପୁର ତ ଜବରଦସ୍ତ କ୍ରିକେଟ ଖେଳ ଓ ସମସ୍ତଙ୍କ ଭରପୁର ମନୋରଞ୍ଜନ କର। କିନ୍ତୁ ସାମ୍ବାଦିକ ସମ୍ମିଳନୀକୁ ନ ଆସିବା ଫଳରେ ପାକିସ୍ତାନ ଯେ ଭାରତକୁ ଅପମାନ ଦେଲା ଭଳି ଆସନ୍ତାକାଲି ।ଯେ ନ କରିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ମ୍ୟାଚ୍‌ରେ ବିବାଦୀୟ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ପୁଣିଥରେ ମ୍ୟାଚ୍ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହି ନିଯୁକ୍ତିକୁ ନେଇ ପାକିସ୍ତାନର ଚିନ୍ତା ଆହୁରି ବଢ଼ିଛି। ଏଣୁ ୟୁଏଇ ବିପକ୍ଷ ମୁକାବିଲା ପୂର୍ବରୁ ଏକ ଘଣ୍ଟା ବିଳମ୍ବରେ ଆସିଥିବା ପାକିସ୍ତାନ କ୍ରିକେଟ ଟିମ୍ ଯେ ଏଭଳି ନ ଦୋହାରାଇବ ତାହା କିଏ କହିବ? ସେହିପରି କ୍ରିକେଟ ଦୃଷ୍ଟି କୋଣରୁ ଦେଖିଲେ ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଫାଇନାଲ ପ୍ରବେଶ ରାସ୍ତା ସହଜ ହେବ। ମ୍ୟାଚ୍ ପୂର୍ବରୁ ବା ଗତକାଲି ଖେଳାଯାଇଥିବା ଓମାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଛି। ଆଘାତ ସମ୍ପର୍କରେ ସବିଶେଷ ତଥ୍ୟ ମିଳି ନ ଥିଲେ ମଧ୍ୟ ପାକିସ୍ତାନ ବିପକ୍ଷ ମୁକାବିଲାରେ ଅକ୍ଷରଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଯେ ଯାହା ହେଉ ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସୁପର-୪ ମୁକାବିଲା ପଡ଼ିଆ ଭିତର ହେଉ କିମ୍ବା ବାହାରର ଘଟଣାକୁ ନେଇ ଚର୍ଚ୍ଚାରେ ରହିବ ନିଶ୍ଚୟ।

## ■ ପାକିସ୍ତାନର ପ୍ରତିବାଦ ନା ପରିହାସ

ଆଜି ଭାରତ ବିପକ୍ଷ ସୁପର-୪ ମୁକାବିଲା ଏବଂ ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀକୁ ପାକିସ୍ତାନ ବାତିଲ କରିଛି। ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ପ୍ରଥମେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଓ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ କାର୍ଯ୍ୟକଳାପ ନେଇ ପାକିସ୍ତାନ କ୍ଷୁବ୍ଧ ହେବା ସହ ଏପରି କରିଥିଲା। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍ ଦାୟିତ୍ୱରୁ ବିଦା ନ କଲେ ପାକିସ୍ତାନ ଓହରିଯିବ ବୋଲି ୟୁଏଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ଧମକ ଦେଇଥିଲା। ଏଣୁ ସେତେବେଳେ ତାହାର ମାନସିକ ସ୍ଥିତି ଭଲ ନ ଥିଲା ଭାବି ଆଇସିସି ମାଫ୍ କରିଦେଇଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ମଝିରୁ କୌଣସି ଦଣ୍ଡବିଧାନ କରି ନ ଥିଲା। ଯଦିଓ ପାକିସ୍ତାନ ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିଥିଲା, ତଥାପି ଦଣ୍ଡ ଦିଆଯାଇ ନ ଥିଲା। ଆଜି ଦ୍ୱିତୀୟଥର ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରିଛି ପାକିସ୍ତାନ। ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଏପରି ନାଟକ କରିବା ଟୁର୍ଣ୍ଣାମେଣ୍ଟକୁ ଭଣ୍ଡୁର କରିବା ଏକ ଯୋଜନାବଦ୍ଧ ଉଦ୍ୟମ ବୋଲି ଆଶଙ୍କା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ରହିଛି ଭାରତ। ଏଣୁ ଟୁର୍ଣ୍ଣାମେଣ୍ଟରେ ବିଭ୍ରାଟ ସୃଷ୍ଟି ହେଲେ ପାକିସ୍ତାନ ଫାଇଦା ନେବାକୁ ସହଜ ହେବ ବୋଲି ଆଶା କରାଯାଏ। ସାମ୍ବାଦିକ ସମ୍ମିଳନୀକୁ ନ ଆସି ପାକିସ୍ତାନ ପ୍ରତିବାଦ୍ କରୁଛି ନା ଆଇସିସିକୁ ପରିହାସ କରୁଛି ତାହା ଜଣାପଡୁନାହିଁ।

ପୂର୍ବରୁ ଭାରତ ଓ ପାକିସ୍ତାନ ଲିଗ୍ ମ୍ୟାଚ୍ ପୂର୍ବରୁ ହୋଇଥିବା ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଦୁଇ ଦଳର ଅଧିନାୟକଙ୍କୁ ହାତ ନ ମିଳାଇବାକୁ କହିଥିବା ପାକିସ୍ତାନ ଅଭିଯୋଗ କରିଥିଲା। ଏହି ମ୍ୟାଚ୍‌କୁ ଭାରତ ୭ ୱିକେଟରେ ଜିତିବା ପରେ ବ୍ୟାଟିଂ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିମ୍ବା ଶିବମ ଦୁବେ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇ ପଡ଼ିଆ ଛାଡ଼ିଥିଲେ। ଉଭୟ ଘଟଣାରେ ସ୍ପିରିଟ ଅଫ୍ ଗେମ୍‌ର ବିରୁଦ୍ଧାଚରଣ ହେବା ସହ ନିୟମ ଓ ପରମ୍ପରାକୁ ଭାଙ୍ଗିଦିଆଯାଇଥିଲା। ପାଇକ୍ରଫ୍ଟଙ୍କୁ ବିଦା ନ କଲେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିଯିବାକୁ ଧମକ ମଧ୍ୟ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବିଦା କରିବା ଲାଗି ଆଇସିସି ମନା କରିବା ପରେ ପାକିସ୍ତାନ କ୍ରିକେଟରେ ସଂକଟ ସୃଷ୍ଟି ହୋଇଥିଲା। ଦଳ ବିପୁଳ ପରିମାଣର ଅର୍ଥ ଦଣ୍ଡ ହେଉ କିମ୍ବା ଅନ୍ୟ କୌଣସି କାରଣ ଲାଗି ପାକିସ୍ତାନ ବାଧ୍ୟ ହୋଇ ଖେଳିଥିଲା। ଏବେ ପୁଣିଥରେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଆଉ ଏକ ହାଇଡ୍ରାମା ମାଧ୍ୟମରେ ପାକିସ୍ତାନ ଯେ ଅସନ୍ତୁଷ୍ଟ ଓ ଟୁର୍ଣ୍ଣାମେଣ୍ଟ ଭଣ୍ଡୁର କରିବାକୁ ଉଦ୍ୟମ କରୁଛି ତାହା ସ୍ପଷ୍ଟ ହୋଇଯାଇଛି।

## ପୁଣି ପାଇକ୍ରଫ୍ଟ ମ୍ୟାଚ୍ ରେଫରୀ

ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଖେଳାଯିବାକୁ ଥିବା ହାଇଭୋଲ୍ଟେଜ୍ ସୁପର-୪ ମ୍ୟାଚ୍ ପରିଚାଳନା ଲାଗି ଆଣ୍ଡି ପାଇକ୍ରଫ୍ଟଙ୍କୁ ଆଇସିସି ମ୍ୟାଚ୍ ରେଫରୀ ଭାବେ ନିଯୁକ୍ତ କରିଛି। ଏହା ଫଳରେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ଦାବି କରିଥିବା ପାକିସ୍ତାନ ଏହି ନିଯୁକ୍ତିକୁ ନେଇ ବିଚଳିତ ହୋଇ ପଡ଼ିଛି। ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦୁଇ ଅଧିନାୟକଙ୍କୁ କରମର୍ଦ୍ଦନ ନକରିବାକୁ କହି ପାଇକ୍ରଫ୍ଟ ବିବାଦୀୟ ହୋଇ ପଡ଼ିଥିଲେ। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରିବାକୁ ପାକିସ୍ତାନ ଦାବି କରିବା, ଆଇସିସି ଏହି ଦାବିକୁ ଅଗ୍ରାହ୍ୟ କରିବା ଓ ପରେ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ଧମକ ଦେବା ଭଳି ଘଟଣା ଘଟିବା ପରେ ପାଇକ୍ରଫ୍ଟଙ୍କୁ ପୁଣିଥରେ ଭାରତ-ପାକିସ୍ତାନ ମୁକାବିଲା ପରିଚାଳନା କରିବାକୁ ନିଯୁକ୍ତ ହେବା ଘଟଣା ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍ତେଜନା ଭରିଦେଇଛି। ଦାବି ଅଗ୍ରାହ୍ୟ ହେବା ପରେ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକ ଘଣ୍ଟା ବିଳମ୍ବରେ ପକିସ୍ତାନ ଆସିଥିଲା। ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ଓ ଆଇସିସି ମଧ୍ୟରେ ଆଲୋଚନା ହେବା ଓ ଖେଳିବା ନେଇ କିଛି ସର୍ତ୍ତ ରହିଥିଲା। ପରେ ପାଇକ୍ରଫ୍ଟଙ୍କ ସହ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା, କୋଚ୍ ମାଇକ୍ ହେସନ ଓ ମ୍ୟାନେଜର ନଭୀଦ ଆକ୍ରମ ଚିମାଙ୍କର ଏକ ବୈଠକ ବସିଥିଲା। ଏଥିରେ ଯୋଗାଯୋଗରେ ତ୍ରୁଟି ଯୋଗୁଁ ପାଇକ୍ରଫ୍ଟ ଦୁଃଖ ପ୍ରକାଶ କରିଥିଲେ। ଏହା ପରେ ଏହି ଘଟଣାର ପରିସମାପ୍ତି ହୋଇଯିବ ବୋଲି ଆଶା କରାଯାଉଥିଲା। ଏବେ ପୁଣିଥରେ ପାଇକ୍ରଫ୍ଟଙ୍କୁ ମ୍ୟାଚ୍ ରେଫରି ନିଯୁକ୍ତ କରିବା ପରେ ପାକିସ୍ତାନ ପାରମ୍ପରିକ ସାମ୍ବାଦିକ ସମ୍ମିଳନୀକୁ ଆସିନାହିଁ। ଏ ସମ୍ପର୍କରେ ଆଇସିସି ପକ୍ଷରୁ ଏଯାଏ କିଛି ସ୍ପଷ୍ଟୀକରଣ ଦିଆଯାଇନାହିଁ।



## ଖେଳ ଉପରେ ସୂର୍ଯ୍ୟକୁମାରଙ୍କ ନଜର

ପାକିସ୍ତାନ ଭଳି ଦେଶ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା ନୁହେଁ ଖେଳ ଉପରେ ଗୁରୁତ୍ୱ ଦେଇଛନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଆସନ୍ତାକାଲି ମ୍ୟାଚ୍ ସମ୍ପର୍କରେ ସେ କହନ୍ତି, ଏହି ମ୍ୟାଚ୍ ଏଯାଏ ଖେଳାଯାଇନାହିଁ କିମ୍ବା ମୁଁ ଖେଳିନାହିଁ, ଏଣୁ ଏ ସମ୍ପର୍କରେ କିଛି କହିପାରିବି ନାହିଁ। ପାକିସ୍ତାନ ବିପକ୍ଷରେ କି ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ରହିଛି ତାହା ମୁଁ ଜାଣିନାହିଁ। ମୁଁ କେବଳ ଏତିକି ଜାଣିଛି ଷ୍ଟାଡିୟମ୍ ଯଦି ଭରପୁର ଅଛି, ତେବେ ଦର୍ଶକଙ୍କୁ ଖୁସି କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟାକର। ଏହା ମୋର ଲକ୍ଷ୍ୟ ଓ ଅନ୍ୟ ସାଥିଖେଳାଳିଙ୍କୁ ମଧ୍ୟ ଏପରି କରିବାକୁ ପରାମର୍ଶ ଦେଇଥାଏ। ଯେତେ ଭଲ କ୍ରିକେଟ ଖେଳିବ ସେତେ ଦର୍ଶକ ଉପଭୋଗ କରିବେ। ଏଣୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ଖେଳ ଉପରେ ଆମେ ଗୁରୁତ୍ୱ ଦେଇଥାଉ ବୋଲି ସୂର୍ଯ୍ୟକୁମାର କହନ୍ତି। ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ପଡ଼ିଆ ବାହାରର ଚାପ ଆମ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏହାକୁ ହଜମ କରିବା ଏତେଟା ସହଜ ନୁହେଁ। ଯେଉଁମାନେ ବାହାର ଚାପ ଉପରେ ନିୟନ୍ତ୍ରଣ ରଖନ୍ତି, ସେମାନେ ନିଶ୍ଚିତଭାବେ ସଫଳ ହୋଇଥାନ୍ତି। ଏଣୁ ଆମକୁ ପଡ଼ିଆ ଭିତରେ ଓ ବାହାରେ ପରିପକ୍ୱତା ଦେଖାଇବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାହାରେ ଶୁଭୁଥିବା ଗୋଳମାଳକୁ ଅର୍ଥାତ୍ ସମାଲୋଚନାକୁ ବନ୍ଦ କରିବାକୁ ହେବ। ଏହା କେବଳ ଭଲ ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇପାରିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମେ ଭଲ ପ୍ରସ୍ତୁତି କରିଛୁ। ଏଠାରେ ଭଲ ପ୍ରଦର୍ଶନ କଲେ ଆଗକୁ ବଢ଼ିବା ସହଜ ହେବ। ପଡ଼ିଆ ଭିତରେ ଭଲ ଖେଳିବାକୁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛୁ ବୋଲି ଦୃଢ଼ତାର ସହ କହିଛନ୍ତି ସୂର୍ଯ୍ୟକୁମାର।





ଓମାନ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଭାରତର ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଥିଲା। ଏହା ପରେ ସେ ତତ୍‌କ୍ଷଣାତ ପଡ଼ିଆ ଛାଡିଥିଲେ ଓ ଆଉ ଖେଳିବାକୁ ଆସି ନ ଥିଲେ। ବ୍ୟାଟିଂରେ ୧୩ ବଲ୍‌ରୁ

## ଅକ୍ଷର ପଟେଲ ଆହତ

୨୬ ରନ୍ କରିବା ସହ ଗୋଟିଏ ଓଭର ବୋଲିଂ କରି ମାତ୍ର ୪ ରନ୍ ଦେଇଥିଲେ। କିନ୍ତୁ ଓମାନ ଇନିଂସରେ ସେ ୧୫ତମ ଓଭର ବେଳକୁ ପଡ଼ିଆ ଛାଡିଥିଲେ। ଏବେ ଅକ୍ଷର ଠିକ୍ ଅଛନ୍ତି ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଣୁ ଭାରତୀୟ ଶିବିରରେ ମୁଡ ଭିନ୍ନ ରହିଛି ବୋଲି ଫିଲ୍ଡିଂ କୋଚ୍ ଟି ଦିଲୀପ କହିଛନ୍ତି। ଦୁବାଇ ପିଚ୍ ସ୍ପିନ୍ ବୋଲରଙ୍କୁ ସହାୟତା ଦେଉଛି ଓ ଭାରତ ଆରମ୍ଭରୁ ୩ଜଣ ସ୍ପିନରଙ୍କୁ ନେଇ ଖେଳୁଛି। ଯାହା ଫଳରେ ବିଶ୍ୱର ନଂ-୧ ବୋଲର ଅର୍ଶଦୀପ ସିଂହଙ୍କୁ ଖେଳିବାକୁ ସୁଯୋଗ ମିଳୁନାହିଁ। ଏଭଳି ସ୍ଥଳେ ଅକ୍ଷର ଯଦି ଆହତ ହୋଇ ବାଦ୍ ପଡ଼ନ୍ତି, ତେବେ ଭାରତ ମାତ୍ର ୨ଜଣ ସ୍ପିନର କୁଳଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଖେଳିବ। ଅବଶ୍ୟ ଅକ୍ଷର ଖେଳିବେ କି ନାହିଁ ତାହା ଆସନ୍ତାକାଲି ସକାଳେ ଜଣାପଡ଼ିବ।

---

**ଏସିଆ କପ୍ ପ୍ରଥମ ସୁପର-୪**

# ଶନକାଙ୍କ ଅର୍ଦ୍ଧଶତକରେ ଶ୍ରୀଲଙ୍କା ସ୍ଥିତି ସମ୍ଭାଳିଲା

ଦୁବାଇ,୨୦।୯ (ଏଜେନ୍ସି): ଶ୍ରୀଲଙ୍କା ଓ ବାଂଲାଦେଶ ମୁକାବିଲାରୁ ଏସିଆ କପ୍ କ୍ରିକେଟ ସୁପର-୪ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶନିବାର ଅନୁଷ୍ଠିତ ଏହି ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସତ୍ତ୍ୱେ ଦସୁନ ଶନକାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ୩୭ ବଲ୍‌ରେ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶନକା ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୩ ଚୌକା ଓ ୬ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଶଲ ମେଣ୍ଡିସ ୩୪, ପଥୁମ ନିଶାଙ୍କ ୨୨, ଅଧିନାୟକ ଚାରିଥ ଆସଲଙ୍କା ୨୧, କୁଶଲ ପେରେରା ୧୬ ରନ କରିଥିଲେ। ବୋଲିଂରେ ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ୧୬୯ ରନର ଲକ୍ଷ୍ୟକୁ ପିଛା କରିଥିବା ବାଂଲାଦେଶ ଶେଷ ଖବର ସୁଦ୍ଧା ୧୦ ଓଭରରେ ଦୁଇଟି ୱିକେଟ୍ ହରାଇ ୮୨ ରନ ସଂଗ୍ରହ କରିଛି। ଓପନର୍ ତାନଜିତ ହାସନ ତମିମ ଖାତା ଖୋଲି ନ ପାରି ନୁଆନ ତୁଷାରାଙ୍କ ବଲରେ ବୋଲ୍ଡ ହୋଇଥିଲେ। ଓପନର୍ ସଇଫ ହାସାନ ୪୯ ଓ ତୋହିଦ ହ୍ରିଦୟ ୮ ରନ୍‌ରେ ଅପରାଜିତ ରହିଛନ୍ତି। ଅଧିନାୟକ ଲିଟନ ଦାସ ୨୩ରନ କରି ଆଉଟ୍ ହୋଇଛନ୍ତି।

| ଆଜିର ମ୍ୟାଚ୍ | ଭାରତ-ପାକିସ୍ତାନ |
|---|---|
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

# ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ଭାରତ ପଦକଶୂନ୍ୟ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଜାପାନର ରାଜଧାନୀ ଟୋକିଓରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୦ତମ ସଂସ୍କରଣରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନିରାଶ କରିଛନ୍ତି। ବିଶ୍ୱ ଦୌଡ଼କୁଦର ଏହି ମେଗା ଇଭେଣ୍ଟରେ ଏଥର ୧୯ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲେ ମଧ୍ୟ ସମସ୍ତେ ଖାଲି ହାତରେ ସ୍ୱଦେଶ ଫେରିଛନ୍ତି। ଫଳରେ କ୍ରମାଗତ ଦୁଇଟି ସଂସ୍କରଣ ଧରି ପଦକ ଜିତି ଆସୁଥିବା ଭାରତ ଏଥର ପଦକ ଖାତା ଖୋଲିପାରି ନାହିଁ।

୨୦୨୨ରେ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିବା ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏଥର ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିଭଳି ଶ୍ରେଷ୍ଠ ଭାରତୀୟ ଭାବେ ଜାଭେଲିନରେ ସଚିନ ଯାଦବ ଓ ହାଇଜମ୍ପରେ ସର୍ବେଶ କୁଶାରେ ପୋଡିୟମ ନିକଟତର ହୋଇଥିଲେ ମଧ୍ୟ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ସଚିନ ୪ର୍ଥ ଓ ସର୍ବେଶ ୬ମ ସ୍ଥାନରେ ରହିଥିଲେ। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ୨୦୦ ମିଟର ରେସରେ ହିଟ୍ସରୁ ଉପରକୁ ଉଠିପାରି ନ ଥିଲେ।

### ଚାଇନା ମାଷ୍ଟର୍ସ

# ଫାଇନାଲରେ ସାତ୍ତ୍ୱିକ-ଚିରାଗ



ବେଜିଂ, ୨୦।୯ (ଏଜେନ୍ସି): ଏଗାର କୋଟି ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ସେମିଫାଇନାଲ ଲଢ଼େଇରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୭, ୨୧-୧୪ ସିଧାସଳଖ ଗେମରେ ଘରୋଇ ଚାଇନାର ଆରୋନ ଚିଆ ଓ ସୋ ୱି ୟିକ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସାତ୍ତ୍ୱିକ-ଚିରାଗଙ୍କୁ ମାତ୍ର ୪୧ ମିନିଟ୍ ସମୟ ଲାଗିଥିଲା। ଫଳରେ ଏହି ଭାରତୀୟ ଯୋଡ଼ି କ୍ରମାଗତ ଦ୍ୱିତୀୟ ସପ୍ତାହରେ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଫାଇନାଲରେ ପହଞ୍ଚିଛନ୍ତି। ଗତ ସପ୍ତାହରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ହଂକଂ ଓପନରେ ରନର୍ସଅପ୍ ହୋଇଥିଲେ।

# ଭାରତୀୟ ଜୁନିଅର ମହିଳା ହକି ଦଳରେ ଓଡ଼ିଶାରୁ ୪

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ଜୁନିଅର ମହିଳା ହକି ଦଳ ଚଳିତ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ସେଠାରେ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜ ଲାଗି ଶନିବାର ହକି ଇଣ୍ଡିଆ ପକ୍ଷରୁ ଜ୍ୟୋତି ସିଂଙ୍କ ନେତୃତ୍ୱରେ ୨୩ ଜଣିଆ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇବାରେ ସମର୍ଥ ହୋଇଛନ୍ତି। ସେମାନେ ହେଲେ ଅଭିଜ୍ଞ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ, ଦୁଇ ଡିଫେଣ୍ଡର ମମିତା ଓରାମ ଓ ପୂଜା ସାହୁ ଏବଂ ଗୋଲ୍‌ରକ୍ଷକ ଏଙ୍ଗିଲ ହର୍ଷାରାଣୀ ମିଞ୍ଜ। ଭାରତୀୟ ଜୁନିଅର ମହିଳା ହକି ଦଳ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ମଧ୍ୟରେ ଅଷ୍ଟ୍ରେଲିଆରେ ୫ଟି ମ୍ୟାଚ୍ ଖେଳିବ। ଯେଉଁଥିରେ ଅଷ୍ଟ୍ରେଲିଆ ଜୁନିଅର ମହିଳା ଦଳ ବିପକ୍ଷରେ ୩ଟି ଏବଂ କାନବେରା ଚିଲ୍ସ ଦଳ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ କାନବେରାରେ ଅନୁଷ୍ଠିତ ହେବ। 'ଯୁବ ଖେଳାଳିଙ୍କୁ ନେଇ ଏହା ଏକ ଦକ୍ଷ ଦଳ। ଆମେ ଟ୍ରେନିଂରେ କଠିନ ପରିଶ୍ରମ କରିଛୁ। ବର୍ଷ ଶେଷ ଭାଗରେ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଖେଳାଳିଙ୍କ ଦକ୍ଷତା ପ୍ରତିପାଦିତ ଲାଗି ଅଷ୍ଟ୍ରେଲିଆ ଟୁର୍ ବେଶ୍ ସହାୟକ ହେବ' ବୋଲି ଭାରତୀୟ ଜୁନିଅର ମହିଳା ହକି ଦଳର ପ୍ରଶିକ୍ଷକ ତୁଷାର ଖାଣ୍ଡେକର୍ କହିଛନ୍ତି।

---

### ୩ୟ ଦିନିକିଆରେ ଭାରତ ପରାସ୍ତ; ସିରିଜ ଜିତିଲା ଅଷ୍ଟ୍ରେଲିଆ

# ଦ୍ରୁତତମ ଶତକରେ କୋହଲିଙ୍କୁ ଟପିଲେ ମନ୍ଧାନା

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଶନିବାର ଏଠାରେ ଖେଳାଯାଇଥିବା ନିର୍ଣ୍ଣାୟକ ୩ୟ ଦିନିକିଆ ମ୍ୟାଚରେ ଏକାଧିକ କୀର୍ତ୍ତିମାନ ସୃଷ୍ଟି ହୋଇଥିଲା। ସିରିଜ ନିର୍ଣ୍ଣାୟକ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୪୭.୫ ଓଭରରେ ୪୧୨ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଜବାବରେ ରେକର୍ଡ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ୪୭ ଓଭରରେ ୩୬୯ ରନରେ ଅଟକିଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ୨-୧ରେ ସିରିଜକୁ ଜିତିନେଇଛି। ଅଷ୍ଟ୍ରେଲିଆର ବେଥ୍ ମୁନୀ ଓ ଭାରତର ସ୍ମୃତି ମନ୍ଧାନାଙ୍କ ଶତକ ଏହି ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଓ ଭାରତ ୧୦୨ ରନରେ ଦ୍ୱିତୀୟ ମ୍ୟାଚ୍‌କୁ ଜିତିଥିଲା।



### ଶତକ: ମନ୍ଧାନା ୫୦ ଓ ମୁନୀ ୫୭ ବଲ୍

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଦୁଇଟି ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀଙ୍କ ୧୩୮ ରନ (୭୫ ବଲ୍, ୨୩ ଚୌକା ଓ ୧ ଛକା) ବଳରେ ୪୧୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ଭଲ୍ ୮୧, ଏଲିସେ ପେରୀ ୬୮ ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଏହି ରେକର୍ଡ ସ୍କୋରକୁ ପିଛା କରିଥିବା ଘରୋଇ ଭାରତ ୪୭ ଓଭରରେ ସମସ୍ତ ୱିକେଟ୍ ହରାଇ ୩୬୯ ରନ କରିଥିଲା। ଓପନିଂ ଆସିଥିବା ଉପଅଧିନାୟିକା ମନ୍ଧାନା ୫୦ ବଲରେ ଶତକ ଓ ୬୩ ବଲରେ ୧୨୫ ରନ କରିଥିଲେ। ମନ୍ଧାନା ଏହି ପାଳିରେ ୧୭ ଚୌକା ଓ ୫ ଛକା ମାରିଥିଲେ। ତୃତୀୟ ୱିକେଟ୍‌ରେ ସେ ଅଧିନାୟକ ହରମନପ୍ରୀତ୍ କୌର (୩୫ ବଲରେ ୫୨ ରନ)ଙ୍କ ସହ ୧୨୧ ରନ ଯୋଡ଼ି ବିଜୟ ଆଶା ସଞ୍ଚାର କରିଥିଲେ। କିନ୍ତୁ ଉଭୟ ଆଉଟ୍ ହେବାପରେ ଭାରତ ହାତରୁ ମ୍ୟାଚ୍ ଚାଲିଯାଇଥିଲା। ଶେଷ ଭାଗରେ ଦୀପ୍ତି ଶର୍ମା ୭୨ ରନର ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା।

## ମ୍ୟାଚରେ ରେକର୍ଡ

**୪୧୨ ରନ** : ଅଷ୍ଟ୍ରେଲିଆ ଏହାର ସର୍ବାଧିକ ଦଳଗତ ସ୍କୋର ସହ ସମକକ୍ଷ ହୋଇଛି। ୧୯୯୭ରେ ଡେନମାର୍କ ବିପକ୍ଷରେ ଅଷ୍ଟ୍ରେଲିଆ ୪୧୨/୩ ସ୍କୋର କରିଥିଲା।

**୫୦ ବଲ୍** : ଉଭୟ ପୁରୁଷ ଓ ମହିଳା ଦିନିକିଆରେ ମନ୍ଧାନା ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ୨୦୧୩ରେ ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ୫୨ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଥିଲେ।

**୧୩ତମ** : ମନ୍ଧାନାଙ୍କ ଏହା ୧୩ତମ ଦିନିକିଆ ଶତକ ଥିଲା। ମହିଳା ଦିନିକିଆରେ ସର୍ବାଧିକ ଶତକ ହାସଲ କରିବାରେ ମେଗ୍ ଲାନ୍ନିଂ (୧୫ଟି)ଙ୍କ ପଛକୁ ମନ୍ଧାନା ଓ ସୁଜି ବେଟ୍ସ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୨୩ ବଲ୍** : ମନ୍ଧାନା ୨୩ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତୀୟ ମହିଳା ଭାବେ ଦିନିକିଆରେ ଏହା ଦ୍ରୁତତମ ଅର୍ଦ୍ଧଶତକ। ଏହିକ୍ରମରେ ସେ ରିଚା ଘୋଷ (୨୬ ବଲ୍ ବନାମ ନ୍ୟୁଜିଲାଣ୍ଡ)ଙ୍କୁ ପଛରେ ପକାଇଛନ୍ତି।

**ପ୍ରଥମ** : ଭାରତ ବିଶ୍ୱର ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ମହିଳା ଦିନିକିଆରେ ୩୦୦ ରନ ସ୍କୋର ଛୁଇଁଛି।

**୭୮୧** : ଏହି ମ୍ୟାଚରେ ଉଭୟ ଦଳ (ଅଷ୍ଟ୍ରେଲିଆ ୪୧୨+ ଭାରତ ୩୬୯)ର ସ୍କୋର ମିଶି ୭୮୧ ରନ ହୋଇଥିଲା। ମହିଳା ଦିନିକିଆରେ ଏହା ରେକର୍ଡ ଏଗ୍ରିଗେଟ୍ ସ୍କୋର। ପୂର୍ବରୁ ୨୦୧୭ରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମ୍ୟାଚରେ ମୋଟ୍ ୬୭୮ ରନ ସଂଗୃହିତ ହୋଇଥିଲା।

## ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ** : ୪୧୨/୧୦, ୪୭.୫ ଓଭର (ମୁନୀ- ୧୩୮, ଭଲ୍-୮୧, ପେରୀ- ୬୮, ଅରୁନ୍ଧତୀ- ୩/୮୬, ଦୀପ୍ତି- ୨/୭୫)।

**ଭାରତ** : ୩୬୯/୧୦, ୪୭ ଓଭର (ମନ୍ଧାନା- ୧୨୫, ହରମନପ୍ରୀତ୍- ୫୨, ଦୀପ୍ତି- ୭୨, ସ୍ନେହ ରାଣା- ୩୫, କିମ୍ ଗାର୍ଥ- ୩/୬୯)

### ମହିଳା ଦିନିକିଆରେ ଦ୍ରୁତତମ ଶତକ

| ବ୍ୟାଟର୍ | ବଲ୍ | ଦେଶ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ମେଗ୍ ଲାନ୍ନିଂ | ୪୫ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ୨୦୧୨ |
| ସ୍ମୃତି ମନ୍ଧାନା | ୫୦ | ଭାରତ | ଅଷ୍ଟ୍ରେଲିଆ | ୨୦୨୫ |
| କାରେନ ରାଲଟନ୍ | ୫୭ | ଅଷ୍ଟ୍ରେଲିଆ | ଦ.ଆଫ୍ରିକା | ୨୦୦୦ |
| ବେଥ୍ ମୁନୀ | ୫୭ | ଅଷ୍ଟ୍ରେଲିଆ | ଭାରତ | ୨୦୨୫ |
| ସୋଫି ଡେଭିନ | ୫୯ | ନ୍ୟୁଜିଲାଣ୍ଡ | ଆୟର୍ଲାଣ୍ଡ | ୨୦୧୮ |
| ଚାମରି ଆଟାପାଟ୍ଟୁ | ୬୦ | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | ୨୦୨୩ |

### ମହିଳା ଦିନିକିଆରେ ସର୍ବାଧିକ ଦଳଗତ ସ୍କୋର

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୪୯୧/୪ | ୫୦ | ଆୟର୍ଲାଣ୍ଡ | ୨୦୧୮ |
| ନ୍ୟୁଜିଲାଣ୍ଡ | ୪୫୫/୫ | ୫୦ | ପାକିସ୍ତାନ | ୧୯୯୭ |
| ନ୍ୟୁଜିଲାଣ୍ଡ | ୪୪୦/୩ | ୫୦ | ଆୟର୍ଲାଣ୍ଡ | ୨୦୧୮ |
| ଭାରତ | ୪୩୫/୫ | ୫୦ | ଆୟର୍ଲାଣ୍ଡ | ୨୦୨୫ |
| ନ୍ୟୁଜିଲାଣ୍ଡ | ୪୧୮ | ୪୯.୫ | ଆୟର୍ଲାଣ୍ଡ | ୨୦୧୮ |
| ଅଷ୍ଟ୍ରେଲିଆ | ୪୧୨ | ୪୭.୫ | ଭାରତ | ୨୦୨୫ |
| ଅଷ୍ଟ୍ରେଲିଆ | ୪୧୨/୩ | ୫୦ | ଡେନମାର୍କ | ୧୯୯୭ |


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS